


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୯ ଜୁନ୍ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 JUNE 2025

Vol.No. 36 ■ No.170 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ

ବାର୍ଷିକ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


## ଶରଧାବାଲିରେ ତିନିରଥ: ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ଆଡ଼ପ ମଣ୍ଡପ ବିଜେ



ପୁରୀ, ୨୮/୬ (ନି.ପ୍ର): ରତ୍ନବେଦୀ ଛାଡି ଘୋଷଯାତ୍ରାରେ କାଳିଆ ସାଆନ୍ତ । ଆଜି ଶରଧାବାଲିରେ ଲାଗିଛି ୩ ରଥ । କାଲି ତିନିଠାକୁର ଆଡପମଣ୍ଡପ ବିଜେ କରିବେ । ଗତକାଲି ବଡଦାଣ୍ଡରେ ଅଟକିଥିଲା ରଥକୁ ଭକ୍ତମାନେ ଶରଧାବାଲିକୁ ଟାଣି ଟାଣି ନେଇଥିଲେ । ପୁରା ପରିବେଶ ଭକ୍ତିମୟ ହୋଇଥିଲା । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ପରିବେଶ । ଏବେ କାଲି ଆଡ଼ପ ମଣ୍ଡପ ବିଜେ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ରଥରେ କାଳିଆଠାକୁରଙ୍କ ଦେଖି ଧନ୍ୟ ହୋଇଛନ୍ତି ଭକ୍ତ । ଗତକାଲି ବଡଦାଣ୍ଡରେ ଅଟକି ରହିଥିବା ତିନି ରଥ ଆଜି ଦିନ ଗୋଟାଏ ଦଶ ମିନିଟ ସୁଦ୍ଧା ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚିସାରିଛି । ମହାପ୍ରଭୂଙ୍କୁ ଦର୍ଶନ କରି ବେଶ ଭାବ ବିହ୍ୱଳ ହୋଇପଡିଛନ୍ତି ଭକ୍ତ । ରଥ ଉପରେ ନୀତିକାନ୍ତି ଚାଲିଛି । ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇଛନ୍ତି ଶ୍ରଦ୍ଧାଳୁ । କାଲି ଭଳି ଆଜି ବି ଜନସମୁଦ୍ରରେ ପରିଣତ ହୋଇଛି ବଡଦାଣ୍ଡରୁ ଶରଧାବାଲି । ବଡ଼ ଠାକୁରଙ୍କ ରଥ ବଳଗଣ୍ଡି ଓ ଦେବୀ ସୁଭଦ୍ରାଙ୍କ ରଥ ମରୀଚିକୋଟ ଛକରୁ ଆଗେଇ ଚାଲିଥିବା ବେଳେ ପଛରେ ଯାଇଥିଲେ କାଳିଆ ସାଆନ୍ତ । ଘଣ୍ଟ ଘଣ୍ଟା, ଶଙ୍ଖ ନାଦରେ କମ୍ପି ଉଠିଥିଲା ବଡଦାଣ୍ଡ । ସମସ୍ତ ଦେବନୀତି ସଠିକ୍ ଓ ଶୃଙ୍ଖଳିତ ଭାବରେ ସମାପନ ହୋଇଛି । ଆସନ୍ତାକାଲି ସଂନ୍ଧ୍ୟା ଧୂପ ପରେ ହେବ ଆଡ଼ପ ମଣ୍ଡପ ପହଣ୍ଡି । ସୋମବାର ମହାପ୍ରଭୂଙ୍କ ଆଡପ ମଣ୍ଡପ ଦର୍ଶନ ମିଳିବ । ଗୁଣ୍ଡିଚା ମନ୍ଦିରରେ ନୀତି ଶୃଙ୍ଖଳିତ ସହ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ରଥ ଉପରେ ମହାପ୍ରଭୁଙ୍କୁ ଶୁଖିଲା ଭୋଗର ପରମ୍ପରା ରହିଛି । ଏହା ସହିତ ବିଭିନ୍ନ ମଠବାଡି ମାନଙ୍କରୁ ମଧ ଭୋଗ ଆସି ମହାପ୍ରଭୂଙ୍କୁ ଲାଗି ହୋଇଥାଏ । କାଲି ପହଣ୍ଡି ଥିବାରୁ ସନ୍ଧ୍ୟାଧୁପ ପରେ ଆଡପ ମଣ୍ଡପକୁ ଗୋଟି ପହଣ୍ଡି କରାଯିବ । ଏ ନେଇ ଦଇତାପତି ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସକଙ୍କ ମଧ୍ୟରେ ଆଲୋଚନା କରାଯାଇଛି । ଆଉ ନୀତି ଶୃଙ୍ଖଳିତ କରିବାକୁ କହିଛନ୍ତି ସେବାୟତ । ଶ୍ରୀମନ୍ଦିର ବ୍ୟବସ୍ଥାବଳୀ ଅନୁସାରେ ତିନି ରଥକୁ ବ୍ୟାରିକେଡ ଭିତରେ ରଖାଯାଇଛି । ସମ୍ପୂର୍ଣ୍ଣ ସିସିଟିଭି ବଳୟରେ ରହିଛି ତିନି ରଥ ।

## ଭିଜିଲାନ୍ସ ଜାଲରେ ଆଉ ଜଣେ କୋଟିପତି ଯନ୍ତ୍ରୀ: ଏକାଧିକ ସ୍ଥାନରେ ଦାମୀ ପ୍ଲଟ୍ ଓ ଫ୍ଲାଟ୍ ଠାବ



ଭୁବନେଶ୍ୱର, ୨୮/୬ (ନି.ପ୍ର): ଭିଜିଲାନ୍ସ ଜାଲରେ ପୁଣି ପଡ଼ିଛନ୍ତି ଜଣେ ଯନ୍ତ୍ରୀ । ଗଞ୍ଜାମ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରିଛି । ବ୍ଲକ କାର୍ଯ୍ୟାଳୟ ସମେତ ୭ଟି ଠିକଣାରେ ଚଢ଼ାଉ ସମୟରେ ସମ୍ପତ୍ତି ଦେଖି ତାଟକା ହୋଇଛନ୍ତି ତଦନ୍ତ ଅଧିକାରୀ । ବଡ଼ କଥା ହେଉଛି ଯନ୍ତ୍ରୀ ବାବୁଙ୍କ ଅବସର ନେବାର ଦୁଇ ଦିନ ପୂର୍ବରୁ ମାଡ଼ ବସିଛି ଭିଜିଲାନ୍ସ । ଆଉ ଦୁଇ ଦିନ ପରେ ଅବସର ନେଇଥାନ୍ତେ । ମିଷ୍ଟର କ୍ଲିନ ହୋଇ ଚାକିରିରୁ ଖସିଯାଇଥାନ୍ତେ । କିନ୍ତୁ ଭିଜିଲାନ୍ସ ହାବୁଡ଼ରେ ପଡ଼ିଗଲେ ଗଞ୍ଜାମ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡା । ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଙ୍କୁଲି ସ୍ଥିତ ବାସଭବନ, ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ ସମେତ ବ୍ରହ୍ମପୁର ଓ ପୁରୀର ୭ଟି ଠିକଣାରେ ଚଢ଼ାଉ ଚାଲିଛି । ଏକକାଳୀନ ବିଭିନ୍ନ ଠିକଣାରେ ଚଢାଉ କରୁଛନ୍ତି ୬ଜଣ ଭିଜିଲାନ୍ସ ଡିଏସପି ଓ ୭ ଜଣ ଇନ୍ସପେକ୍ଟର । ବର୍ତ୍ତମାନ ସୁଦ୍ଧା କେତେ ସଂପତ୍ତି ଠାବ ହେଲା ସୂଚନା ମିଳିନାହିଁ ।

▶▶ପୃଷ୍ଠା ୭

## ଅପରେସନ୍ ସିନ୍ଦୂରରେ ତୁଲାଇଥିଲେ ବଡ଼ ଭୂମିକା: ଗୁଇନ୍ଦା ବିଭାଗର ମୁଖ୍ୟ ଭାବେ ମିଳିଲା ନିଯୁକ୍ତି



ନୂଆଦିଲ୍ଲୀ, ୨୮/୬ : କେନ୍ଦ୍ର ସରକାର ଶନିବାର ଦିନ ବରିଷ୍ଠ ଆଇପିଏସ୍ ଅଧିକାରୀ ପରାଗ ଜୈନଙ୍କୁ ଗୁଇନ୍ଦା ସଂସ୍ଥାର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି । ପଞ୍ଜାବ କ୍ୟାଡରର ୧୯୮୯ ବ୍ୟାଚର ଆଇପିଏସ୍ ଅଧିକାରୀ ପରାଗ ଜୈନ ଜୁଲାଇ ପହିଲାରୁ ଦୁଇବର୍ଷ ପାଇଁ ଗୁଇନ୍ଦା ସଂସ୍ଥାର ମୁଖ୍ୟ ଭାବେ କାର୍ଯ୍ୟ କରିବେ ।

▶▶ପୃଷ୍ଠା ୭

## ଜୁନ ୩୦ ରବି ଧାନ ସଂଗ୍ରହର ଶେଷ ତାରିଖ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଜୁନ ୩୦ ତାରିଖ ରବି ଧାନ ସଂଗ୍ରହର ଶେଷ ତାରିଖ ବୋଲି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ମନ୍ତ୍ରୀ କହିଛନ୍ତି ଯେ ଧାନ ସଂଗ୍ରହ ପାଇଁ ଆଉ ତାରିଖ ବଢ଼ିବ ନାହିଁ, ତାରିଖ ବଦଳାଇବା କାମ କେନ୍ଦ୍ରର । ଏବେସୁଦ୍ଧା ସୁଦ୍ଧା ୧୭ ଲକ୍ଷ ୪୩ ହଜାର ମେଟ୍ରିକ ଟନ୍ ରବି ଧାନ ସଂଗ୍ରହ ହୋଇଛି । ଗତବର୍ଷ ୧୨ ଲକ୍ଷ୪୦ ହଜାର ମେଟ୍ରିକଟନ ଧାନ କିଣା ହୋଇଥିଲା । ସମୟ ଆଉ ଦୁଇ ତିନି ଦିନ ସମୟ ଅଛି, ତେଣୁ ଧାନ ସଂଗ୍ରହକୁ ତ୍ୱରିତ କରାଯାଉଛି । ଯେପରି ଟୋକନ ନଷ୍ଟ ନ ହେଉ ସେଥିପ୍ରତି ଆମେ କୃଷକଙ୍କ ସହ ଆଲୋଚନା କରିଛୁ । ଖାଦ୍ୟ ସୁରକ୍ଷା କାର୍ଡର ଇ କେଓ୍ୱାଇସି କରିବାର ଶେଷ ତାରିଖ ଜୁନ ୩୦ । ଅସମୟରେ ବର୍ଷା ପାଇଁ କ୍ଷତି ସହୁଥିବା ଚାଷୀଙ୍କୁ ସରକାର ସହାୟତା ଦେବେ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ପାତ୍ର ।

## ଆସୁଛି ଯୋଡ଼ା ଲଘୁଚାପ : ୫ ଦିନ ପ୍ରବଳ ବର୍ଷିବ



ଭୁବନେଶ୍ୱର, ୨୮/୬ (ନି.ପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ବେହଲ ହୋଇପଡିଛି ଉତ୍ତର ଓଡ଼ିଶା । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଦେଓ ନଦୀର ଜଳସ୍ତର ବଢ଼ିଛି । ଅତ୍ୟଧିକ ବନ୍ୟାଜଳ ଆସି ଜାମଘାଟ ପୋଲକୁ ଧୋଇ ନେଇଛି । ସେପଟେ ବାଲେଶ୍ୱରର ବିଭିନ୍ନ ସ୍ଥାନରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଦେଓ ନଦୀରେ ବନ୍ୟା ଜଳ ମାଡ଼ି ଆସିଛି । ହଠାତ୍ ଆସିଥିବା ବନ୍ୟା ଜଳ ଜାମୁଘାଟ ପୋଲକୁ ବୁଡ଼ାଇ ଦେଇଥିଲା । ଲଗାଣ ବର୍ଷା ଜାରି ରହିବାରୁ ପାଣିର ତୀବ୍ରତା ଏତେ ଅଧିକ ଥିଲା ଯେ ଜାମୁଘାଟ ପୋଲ ଧୋଇ ହୋଇଯାଇଛି । ପୋଲର ଅଧା ଅଂଶ ଭାଙ୍ଗି ଯାଇଛି । ପୋଲ ଉପରେ ଏବେ ୨ ଫୁଟ ଉଚ୍ଚର ପାଣି । ଫଳରେ ଉଦଳା- ବାଲେଶ୍ୱର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ପୋଲ ଧୋଇଯିବାରୁ ଉଭୟ ପାର୍ଶ୍ୱରେ ଲୋକେ ଅଟକି ରହିଛନ୍ତି । ଲଗାଣ ବର୍ଷାରେ ଉବୁଟୁବୁ ବାଲେଶ୍ୱର ସହର । ରାସ୍ତା ଉପରେ ଚାଲୁଛି ଆଣ୍ଠୁଏ ଉଚ୍ଚର ପାଣି । ଗଳି କନ୍ଦି ହେଉ କି ରାଜରାସ୍ତା କେଉଁଠି ବି ଦେଖା ଯାଉନି ରାସ୍ତା କି ଭୂଇଁ । ସବୁଠି ମାଡ଼ିଯାଇଛି ବର୍ଷା ପାଣି ।

▶▶ପୃଷ୍ଠା ୭

## ମହାପ୍ରଭୁଙ୍କ ଦର୍ଶନ ନୋହିଲା: ଦୁର୍ଘଟଣାରେ ବାପ-ଝିଅଙ୍କ ସମେତ ୬ ଜଣଙ୍କ ମୃତ୍ୟୁ



ଭୁବନେଶ୍ୱର, ୨୮/୬ (ନି.ପ୍ର): ଦୁଇଟି ସଡ଼କ ଦୁର୍ଘଟଣାରେ ଆଜି ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି । ରଥଯାତ୍ରା ଦେଖି ଯିବା ବେଳେ ୪ଜଣ ଯୁବତୀ ଓ ବାପ-ଝିଅଙ୍କ ମୃତ୍ୟୁ ହୋଇଛି । ପ୍ରଥମ ଘଟଣା ପୁରୀ ଜିଲ୍ଲା ପିପିଲି ଥାନା ଅଞ୍ଚଳରେ ଓ ଦ୍ୱିତୀୟ ଦୁର୍ଘଟଣା ନୂଆପଡ଼ା ଜିଲ୍ଲା କୋମନା ଥାନା ପଲସିପାଣିରେ ଘଟିଛି । ମୃତକମାନଙ୍କ ମଧ୍ୟରେ ରିମିଝିମି ପ୍ରିୟଦର୍ଶିନୀ ସାହୁ, ଏଲିନା ଦାସ, କାଜଲ ଦାସ, ଲଳିତ ସବର (୪୦), ଡିଲେଶ୍ୱରୀ ସବର (୭), ସୁନାଫୁଲ ସବର (୨୫) କ୍ଷୀର ରାଓ୍ୱଲ । ଭୁବନେଶ୍ୱର-କଟକ କମିସନରେଟ ପୁଲିସ ଅଧୀନ ଲିଙ୍ଗରାଜ ଥାନା ଅନ୍ତର୍ଗତ ବାରିକସାହିର ରିମ୍‌ଝିମ ପ୍ରିୟଦର୍ଶିନୀ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଞ୍ଚଳର ଏଲିନା ଦାସ ଓ କାଜଲ ଦାସ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ସ୍କୁଟିରେ ଭୁବନଶ୍ୱେରରୁ ପୁରୀ ଅଭିମୁଖେ ବାହାରି ଥିଲେ । ଶରଧାବାଲିରେ ପହଞ୍ଚି ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଆଶା କରିଥିଲେ । ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ବହୁତ ଖୁସିରେ ଆଗକୁ ବଢୁଥିଲେ । ପିପିଲି ଥାନା ତରାକାଜ ନିକଟରେ ସାମ୍ନାରୁ ଆସୁଥିବା ଏକ ଗାଡ଼ି ତିନି ଯୁବତୀଙ୍କୁ ଧକ୍କା ଦେଇଥିଲା । ଏଥିରେ ସେମାନେ ତଳେ ପଡ଼ି ଯାଇଥିଲେ । ଦୁର୍ଘଟଣାର ଶିକାର ହୋଇ ଉଠିବା ପୂର୍ବରୁ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆରଟିସି)

▶▶ପୃଷ୍ଠା ୭

## ବୋମାମାଡ଼ରେ ଥରି ଉଠିଲା ପାକିସ୍ତାନ: ଉତ୍ତର ବଜିରସ୍ଥାନରେ ଆତ୍ମଘାତୀ ଆକ୍ରମଣ

ନୂଆଦିଲ୍ଲୀ, ୨୮/୬ : ପାକିସ୍ତାନରେ ପୁଣି ଏକ ବଡ଼ ଧରଣର ଆକ୍ରମଣ ହୋଇଛି । ବିଦ୍ରୋହି ଟିଟିପି ଗୋଷ୍ଠୀର ଆକ୍ରମଣରେ ଥରିଉଠିଛି ପାକିସ୍ତାନ । ପାକିସ୍ତାନର ଖୈବର ପାଖତୁନଖ୍ୱା ପ୍ରାନ୍ତର ଉତ୍ତର ଓ୍ୱଜିରିସ୍ତାନରେ ଏକ ଆତ୍ମଘାତୀ ବିସ୍ଫୋରଣରେ ୧୩ ଜଣ ସୈନିକ ନିହତ ହୋଇଛନ୍ତି ଏବଂ ୨୯ ଜଣ ଆହତ ହୋଇଛନ୍ତି, ଯେଉଁଥିରେ ୧୦ ଜଣ ସୈନିକ ଓ ୧୯ ଜଣ ସାଧାରଣ ନାଗରିକ ଅଛନ୍ତି । ତହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଗୋଷ୍ଠୀର ଜଣେ ଆତ୍ମଘାତୀ ଆକ୍ରମଣକାରୀ ବିସ୍ଫୋରକ ଭର୍ତ୍ତି ଗାଡ଼ି ସହ ସୈନ୍ୟବାହିନୀର କନଭୟକୁ ଧକ୍କା ଦେଇଥିଲା । ଏହି ବିସ୍ଫୋରଣ ସ୍ଥାନୀୟ ସମୟ ଅପରାହ୍ନ ୩:୩୭ରେ ଘଟିଥିଲା ଟିଟିପି ଏହାକୁ ପାକିସ୍ତାନ ସେନା ଅପରେସନ୍‌ର ପ୍ରତିଶୋଧ ବୋଲି ଦାବି କରିଛି । ୨୦୨୧ରେ ଆଫଗାନରେ ତାଲିବାନର କ୍ଷମତା ଦଖଲ ପରେ ଟିଟିପିର ଆକ୍ରମଣ ବୃଦ୍ଧି ପାଇଛି, ଯେଉଁଥିରେ ଆଫଗାନସ୍ଥାନରେ ଅସ୍ତ୍ରଶସ୍ତ୍ର ଓ ଆଶ୍ରୟ ମିଳୁଛି । ଟିଟିପି ପାକିସ୍ତାନ ସରକାରଙ୍କୁ ଉଚ୍ଛେଦ କରି ଶରିଆ ଶାସନ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି ।


## ଯୁଦ୍ଧ ବିରାମ ପରେ ବି ଅଶାନ୍ତ ହେଉଛି ମଧ୍ୟପ୍ରାଚ୍ୟ: ଇସ୍ରାଏଲ ଓ ଇରାନ ମଧ୍ୟରେ କଥା କଟାକଟି



ନୂଆଦିଲ୍ଲୀ, ୨୮/୬ : ଇରାନ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରାମ ପରେ ଚାଲିଛି ଦୁଇ ପକ୍ଷଙ୍କ ବୟାନ ବାଜି । ପରସ୍ପରକୁ ଉସକାଇବା ପାଇଁ କଡ଼ା ଶବ୍ଦ ପ୍ରୟୋଗ କରିବା ଆରମ୍ଭ କରିଛନ୍ତି ଦୁଇ ଦେଶ । ଇସ୍ରାଏଲ ପରେ ଏବେ ଇରାନ କରିଛି ଟାର୍ଗେଟ୍ । ଆମେରିକାର ହସ୍ତକ୍ଷେପକୁ ଇସ୍ରାଏଲର ଡର ବୋଲି କହିଛି ଇରାନ । ଇରାନ ଇସ୍ରାଏଲ ଉପରେ ତୀବ୍ର କଟାକ୍ଷ କରିଛି । ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କୁ ଟାର୍ଗେଟ କରି ଇରାନ ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମ ସହ 'ଡାଡି' ଶବ୍ଦ ବ୍ୟବହାର କରି ବିକୃତ ମନ୍ତବ୍ୟ ଦେଇଛି । ନାଟୋ ଶିଖର ବୈଠକରେ ନାଟୋ ମୁଖ୍ୟ ଟ୍ରମ୍ପଙ୍କୁ 'ଡାଡି' ବୋଲି ସମ୍ବୋଧନ କରିଥିବା ଘଟଣାକୁ ଆଧାର କରି ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବ୍ବାସ ଆରାଘଚି କହିଛନ୍ତି ଯେ, ଇରାନୀ ମିସାଇଲ ଆକ୍ରମଣରୁ ବଞ୍ଚିବା ପାଇଁ ଇସ୍ରାଏଲ ପାଖରେ 'ଡାଡି'ଙ୍କ ପାଖକୁ ଦୌଡ଼ିବା ବ୍ୟତୀତ ଅନ୍ୟ ବିକଳ୍ପ ନଥିଲା । ଏହି ଘଟଣାକୁ ନେଇ ଉଭୟ ଦେଶ ମଧ୍ୟରେ ଉତ୍ତେଜନା ପୁଣି ଦେଖାଦେଇପାରେ ବୋଲି ଚର୍ଚ୍ଚା ହେଉଛି । ମଧ୍ୟପ୍ରାଚ୍ୟରେ ପୁଣି ଥରେ ଉତ୍ତେଜନା ବୃଦ୍ଧି ପାଇଛି । ଇସ୍ରାଏଲ, ଇରାନ ଓ ତାଙ୍କ ସହଯୋଗୀ ସଂଗଠନମାନଙ୍କ ମଧ୍ୟରେ ନୂତନ ସଂଘର୍ଷ ଅଞ୍ଚଳଟିକୁ ଅସ୍ଥିର କରିଛି । ୟେମେନର ହୁତି ବିଦ୍ରୋହୀମାନେ ଇସ୍ରାଏଲର ଦକ୍ଷିଣ ଅଞ୍ଚଳକୁ ଲକ୍ଷ୍ୟ କରି ବହୁ ବାଲିଷ୍ଟିକ ମିସାଇଲ ପ୍ରହାର କରିଥିଲେ । ଇସ୍ରାଏଲୀ ପ୍ରତିରକ୍ଷା ବାହିନୀ ଏହାକୁ ଅଟକାଇବା ସଫଳ ହୋଇଛି । ଏହାର ପ୍ରତିଶୋଧରେ, ଇସ୍ରାଏଲ ହୁତି ନିୟନ୍ତ୍ରିତ ୟେମେନର ହୋଦେଇଦା ବନ୍ଦରରେ ଆକ୍ରମଣ କରିଛି । ସେହିପରି ଲେବାନନରେ ମଧ୍ୟ ହିଂସା ବୃଦ୍ଧି ପାଇଛି । ଜୁନ ୨୭ରେ ଇସ୍ରାଏଲର ଷ୍ଟ୍ରାଇକରେ ନବାଟିଏହରେ ଜଣେ ମହିଳା ନିହତ ହୋଇଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି ।

▶▶ପୃଷ୍ଠା ୭

## କଥା ହେଲେ ମୋଦି: ଖୁସି ହେଲେ ଶୁଭ୍ରାଂଶୁ



ନୂଆଦିଲ୍ଲୀ, ୨୮/୬ : ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସହ କଥାହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନ ଯାଇ ଇତିହାସ ରଚିଛନ୍ତି ଶୁଭାଂଶୁ । ଗ୍ରୁପ୍ କ୍ୟାପଟେନ୍ ତଥା ଆକ୍ସିଓମ୍ ୪ ମିଶନର ପାଇଲଟ୍ ହେଉଛନ୍ତି ଶୁଭାଂଶୁ । ପ୍ରଧାନମନ୍ତ୍ରୀ ମୋଦି ଶୁଭାଂଶୁଙ୍କ ସହ କଥା ହୋଇଥିବାର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଘ ହ୍ୟାଣ୍ଡଲରୁ ଜଣାପଡିଛି । ଏହାର ଭିଜୁଆଲ୍ ମଧ ସେଥିରେ ଅପଲୋଡ୍ କରାଯାଇଛି । ଦୁଇ ଜଣ ହସି ହସି କଥା ହେଉଥିବାର ଭିଜୁଆଲରୁ ଜଣାପଡୁଛି । ଆପଣଙ୍କ ନାଁ ଶୁଭ, ଆପଣଙ୍କ ଯାତ୍ରାରେ ଏକ ନୂଆ ଯୁଗରେ ଆରମ୍ଭ ହୋଇଛି । ମୁଁ କଥା ହେଉଛି, କିନ୍ତୁ ସାରା ଦେଶବାସୀଙ୍କ ଉତ୍ସାହ ଏହା ସହ ରହିଛି । ଏହା କହି ଆପଣ କେମିତି ଅଛନ୍ତି ବୋଲି ଶୁଭାଂଶୁଙ୍କୁ ପଚାରିଲେ ପ୍ରଧାନମନ୍ତ୍ରୀ । ଶୁଭାଂଶୁ କହିଛନ୍ତି, ଆପଣଙ୍କ ନେତୃତ୍ୱରେ ଦେଶର ସ୍ୱପ୍ନ ସାକାର ହୋଇଛି । ଅନ୍ତରୀକ୍ଷକୁ ଶୁଭାଂଶୁ ଗାଜର ହାଲୁଆ ଓ ଆମ୍ବରସ ନେଇଥିବାର କହିଛନ୍ତି । ଭାରତ ମହାକାଶରୁ ବହୁତ ଭଲ ଦେଖାଯାଉଥିବା ସେ କହିଛନ୍ତି । ପୃଥିବୀ ବାହାରୁ କେବଳ ଏକ ବୋଲି ଦେଖାଯାଉଛି । କିଛି ସୀମା ନାହିଁ । ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରେ ଶୁଭାଂଶୁ ଶୁକ୍ଲା । ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରେ ପହଞ୍ଚି ଇତିହାସ ରଚିଛନ୍ତି ଶୁଭାଂଶୁ । ଆକ୍ସିଅମ-୪ ମିଶନର ସଫଳତାର ସହ ସଫ୍ଟ ଡକିଂ ହୋଇଥିଲା । ପ୍ରାୟ ଅଢ଼େଇ ଘଣ୍ଟା ଧରି ଡକିଂ ପ୍ରକ୍ରିୟା ଚାଲିଥିଲା । ଡକିଂ ଶେଷ ହେବା ପରେ ଶୁଭାଂଶୁଙ୍କ ସମେତ ୪ ମହାକାଶଚାରୀ ସ୍ପେଶ୍ ଷ୍ଟେସନରେ ପାଦ ରଖିଛନ୍ତି । ସେପଟେ ସ୍ପେସଏକ୍ସ ଡ୍ରାଗନ କ୍ୟାପସୁଲର ଡକିଂ ଦେଖି ଭାବବିହ୍ୱଳ ହୋଇଛନ୍ତି ଶୁଭାଂଶୁଙ୍କ ପରିବାର । ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ପାଇଁ ଏହା ଏକ ଐତିହାସିକ ସଫଳତା । ଦୀର୍ଘ ୪୧ ବର୍ଷ ପରେ ମହାକାଶରେ ପାଦ ରଖିଛନ୍ତି ଆଉ ଜଣେ ଭାରତୀୟ । ୧୯୪୮ରେ ଓ୍ୱିଙ୍ଗ୍ କମାଣ୍ଡର ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିଥିଲେ । ସୋଭିଏତ ଅଭିଯାନର ଏକ ଅଂଶ ଭାବରେ ସେ ମହାକାଶକୁ ଯାଇଥିଲେ ।

▶▶ପୃଷ୍ଠା ୭

# ସାଂସଦ ଏବଂ ବିଧାୟକଙ୍କ ଉପସ୍ଥିତିରେ ବାଲିଆ ପଞ୍ଚାୟତରେ ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଶୁଭ ଉଦଘାଟନ



ବାଲେଶ୍ୱର, ୨୮/୬ (ନି.ପ୍ର): ଶନିବାର ସକାଳ ୧୦ ଘଟିକା ସମୟରେ ବାଲିଆ ଗ୍ରାମପଞ୍ଚାୟତରେ ବିଭିନ୍ନ ଜନ କଲ୍ୟାଣ ପ୍ରକଳ୍ପର ଶୁଭ ଉଦଘାଟନ କରାଯାଇଥିଲା । ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ କରକମଳରେ ଓଡ଼ିଶା ସରକାରଙ୍କ 'ଗ୍ରାଣ୍ଟ ଇନ୍ ଆଡ୍' ଦ୍ୱାରା ପ୍ରଦତ୍ତ କୋଡ଼ିଏ ଲକ୍ଷ ଟଙ୍କାର ବାଲିଆ ଫାସିଲିଟି ସେଣ୍ଟର, ସାଂସଦ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ପ୍ରଦତ୍ତ ସାତ ଲକ୍ଷ ଟଙ୍କାର ବାଲିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ନୂତନ ପକ୍କା ଶ୍ରେଣୀଗୃହ ଓ ପଞ୍ଚ ଲକ୍ଷ ଟଙ୍କାର ବାଲିଆ ଶ୍ମଶାନ ଗୃହ ଏବଂ ବାଲିଆ ଆୟୋଷ୍ମାନ ଆରୋଗ୍ୟ ଉପସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭ ଉଦଘାଟନ ହୋଇଥିଲା । ବାଲିଆ ଅଞ୍ଚଳ ବାସୀଙ୍କ ବହୁ ଦିନର ଆଶା ଆଜି ପୂରଣ ହୋଇଛି । ଏହି ଅବସରରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ବସ୍ତା ବିଜେପି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ବାଲିଆ ସରପଞ୍ଚ ନିତାଇ ଚରଣ ନାୟକ, ସମିତି ସଭ୍ୟା ଶିବାନୀ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡମେମ୍ବର ସୁକାନ୍ତି ନାୟକ, ସୁଦୀପ ଦାସ, ଭାରତୀ ସିଂ, ଲକ୍ଷ୍ମୀ, ତପନ ଦାସ, ବରିଷ୍ଠ ବ୍ୟକ୍ତି ସୁକୁମାର ଦାସ, କୃଷ୍ଣ ଚନ୍ଦ୍ର ସାହା, ବିନୟ ପଡ଼ିଆରୀ, ରତିକାନ୍ତ ରାଉତ, ଉମାକାନ୍ତ ଜେନା, ନିତୁନ କୁମାର ସାହା, ବନମାଳୀ ନାୟକ, ବିକାଶ ସାହା, ଦିଲ୍ଲୀପ କୁମାର ନାୟକ, ଶରତ ଦାସ, ନରୋତ୍ତମ ଦାସ, କୁନା ଦାସ, ଗୌରାଙ୍ଗ ଦାସ, ଶିବ ହାଁସଦା ଇତ୍ୟାଦି ଉପସ୍ଥିତ ଥିଲେ ।

# ସଂସ୍କୃତି ପରିଷଦ ପକ୍ଷରୁ ଡ଼କ୍ଟର ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ୨୮/୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ସଂସ୍କୃତି ପରିଷଦ ଓ ଉତ୍କଳମଣି ଗୋପବନ୍ଧୁ ସେବା ସଂଘ ପକ୍ଷରୁ ଚଳିତ ବର୍ଷ କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ଡ଼କ୍ଟର ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ବିଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଧର୍ମଶାଳା କ୍ଲବ ପରିସରରେ ଆଜି ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ବାମଦେବ ପାଢ଼ୀ ଯୋଗଦେଇ ଶ୍ରୀ ପାଢ଼ୀଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ସୂଚନା ଯୋଗ୍ୟ ଯେ ଶିଶୁ କବିତା ପୁସ୍ତକ 'କେତେ ଫୁଲ ଫୁଟିଛି' ପାଇଁ ରାଜକିଶୋର ପାଢୀଙ୍କୁ କେନ୍ଦ୍ରୀୟ ବାଲ ସାହିତ୍ୟ ପୁରସ୍କାର ନିମନ୍ତେ ମନୋନିତ କରାଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଅକ୍ଷୟ କୁମାର ଜେନା, ସଂପାଦକ ପ୍ରବୋଧ କୁମାର ପାତ୍ର, ସମାଜସେବୀ ମିନତୀ ସାହୁ , ମାଧୁରୀ ଶତପଥୀ , ଅଖିଳ କୁମାର ସ୍ୱାଇଁ,ପଦ୍ମଜା ଶରଣ , ପ୍ରେମଲତା ମହାରଣା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଲଗାଣ ବର୍ଷାରେ ବାଲେଶ୍ୱରରେ ବନ୍ୟା: ଲୋକେ ଜଳବନ୍ଦୀ

ବାଲେଶ୍ୱର, ୨୮/୬ (ନି.ପ୍ର): ବାଲେଶ୍ୱରରେ ଭୀଷଣ ବର୍ଷା । ଫଳରେ ଚାହୁଁଚାହୁଁ ରାସ୍ତା ଉପରେ ଛିଡ଼ା ହେଲା ୩ ଫୁଟର ପାଣି । ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନ ଥିବାରୁ ସହରରେ କୃତ୍ରିମ ବନ୍ୟା ସୃଷ୍ଟି ହେଇଛି । ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି । ରାସ୍ତା ଉପରେ ୩ ଫୁଟ୍ ଉଚ୍ଚର ପାଣି ଲହଡ଼ି ମାରୁଛି । ସବୁଠୁ ଅଧିକ ଶୋଚନୀୟ ଅବସ୍ଥା ନୂଆସାହି ରାସ୍ତାର । ଅସରାଏ ବର୍ଷା ହେଲେ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି । ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ଗତ ଦୁଇଦିନ ଧରି ବାଲେଶ୍ୱରରେ ଅବାରିତ ଧାରାରେ ବର୍ଷା ହେବା ଦ୍ୱାରା ବାଲେଶ୍ୱର ସହରର ଅଧା ସହରତଳି ଜଳମଗ୍ନ ହୋଇଛି । ପାଣିପାଗ ସୂଚନା ଅନୁସାରେ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବର୍ଷା ହେବାର ସୂଚନା ରହିଛି । ଯଦି ଏହିଭଳି ଭାବେ ବର୍ଷା କ୍ରମାଗତ ଭାବେ ଲାଗିରହେ ତେବେ ସମଗ୍ର ବାଲେଶ୍ୱର ଜଳମଗ୍ନ ହୋଇଯିବ । ଏବେ ଡ୍ରେନେଜର ଅବ୍ୟବସ୍ଥା ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇନପାରିନଥିବାରୁ ସହର ତଳିର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇଯାଇଛି । ବିଶେଷକରି ସହର ତଳି ଅଂଚଳର ରହୁଥିବା ଲୋକମାନେ ନାହିଁନଥିବା ସମ୍ମୁଖୀନ ହେଉଛନ୍ତି । ସହରର ଅନେକ ରାସ୍ତା ଏବେ ଜଳଦ୍ୱାରା ଅବରୋଧ ହୋଇ ରହିଛି । ସହଦେବଖୁଂଟାରୁ ରେମୁଣା ଗୋଲାଇକୁ ସଂଯୋଗ କରୁଥିବା ରାସ୍ତା ଉପରେ ୨ ଫୁଟର ପାଣି ପ୍ରବାହିତ ହେଉଛି । ସେହିପରି କଂଗ୍ରେସ ଗଳିର ଡ୍ରେନେଜ ଦ୍ୱାରା ପାଣି ଅତିକ୍ରମ ହୋଇପାରିନଥିବାରୁ ସଙ୍ଗୀନ ଅବସ୍ଥା ଦେଖାଯାଇଛି ।

# ସନାତନୀ କେଶରିଆ ହିନ୍ଦୁ ବାହିନୀ, ଓଡ଼ିଶା ଓ ପ୍ରତୀକ ଅରଗାନାଇଜେସନ ପକ୍ଷରୁ ଜନସେବା କାର୍ଯ୍ୟକ୍ରମ




ବାରିପଦା, ୨୮/୬ (ନି.ପ୍ର): ଓଡ଼ିଶାର ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ବଡ଼ଦାଣ୍ଡରେ ଶ୍ରୀ ଶ୍ରୀ ହରି ବଳଦେବଜୀଉଙ୍କ ଘୋଷଯାତ୍ରା ଅବସରରେ ଏକ ବିଶେଷ ଜନସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ପ୍ରତୀକ ଅରଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟ, ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶା ଓ ପୂର୍ବୀ ଭାରତ ନ୍ୟୁଜ୍‌ଙ୍କ ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଥିଲା ।ଏହି ଉଦ୍ୟମ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶାର ପ୍ରତିଷ୍ଠାତା ଶ୍ରୀ ଦିଲ୍ଲୀପ କୁମାର ଦାସଙ୍କ ନିର୍ଦ୍ଦେଶନାୟ ଏବଂ ତାଙ୍କ ସଂଗଠନର ସଦସ୍ୟମାନଙ୍କ ସଚେତନ ପ୍ରୟାସ ଓ ପ୍ରତୀକ ଅରଗାନାଇଜେସନ୍ ଫର୍ ସୋସିଆଲ ଡେଭଲପମେଣ୍ଟର ପ୍ରତିଷ୍ଠାତା ଶ୍ରୀମତୀ ପ୍ରତିମା ବାରିକ, ସମ୍ପାଦକ ଶ୍ରୀ ପ୍ରବୀର ବାରିକ ଓ ସଂଗଠନର ବହୁ ସଦସ୍ୟ ଏହି ମହତ କାର୍ଯ୍ୟରେ ସକ୍ରିୟ ଭାଗ ନେଇଥିଲେ । କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ ସବ୍-କଲେକ୍ଟର ଏବଂ ଦେବୋତ୍ତର ବିଭାଗର ଅଧିକାରୀ ଡଃ ଦୟାସିନ୍ଧୁ ପରିଡ଼ା, ଏ.ଡି.ଏମ୍ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ଓ ଆଡିସନାଲ୍ ଏସ.ପି ଶ୍ରୀମତୀ ସବିତା ମାଝୀ । ସେମାନେ ଷ୍ଟଲ୍ ଉଦଘାଟନ କରି ସ୍ୱୟଂ ହସ୍ତେ ଶୁଦ୍ଧ ପାନୀୟ ବଣ୍ଟନ କରି ଉଦାହରଣ ସୃଷ୍ଟି କରିଥିଲେ । ଘୋଷଯାତ୍ରାରେ ଯୋଗ ଦେଇଥିବା ତୃଷାର୍ତ୍ତ ଶ୍ରଦ୍ଧାଳୁମାନେ ଏହି ଶୁଦ୍ଧ ପାନୀୟ ବଣ୍ଟନ ସେବା ରେ ବହୁତ ଆତ୍ମସନ୍ତୋଷ ଅନୁଭବ କରିଥିଲେ । ସେମାନେ ଉଭୟ ସଂଗଠନର ଏଭଳି ମାନବିକ ଉଦ୍ୟମ ପ୍ରତି ଗଭୀର ସମ୍ମାନ ବ୍ୟକ୍ତ କରି ବହୁ ପ୍ରଶଂସା କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ନବଦିନାତ୍ମକ ଭାବରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଶୁଦ୍ଧ ପାନୀୟ, ସୁଷମ ଖାଦ୍ୟ ଓ ଫାଷ୍ଟ ଏଡ୍ ସେବା ଯୋଗାଇବା ବ୍ୟବସ୍ଥା ରହିଛି । ଏହା ମହାପ୍ରଭୁଙ୍କ ଅନୁଗ୍ରହ ଓ ସମସ୍ତଙ୍କ ମିଳିତ ପ୍ରୟାସର ଫଳ ବୋଲି ଆୟୋଜକ ଉଭୟପକ୍ଷ କହିଛନ୍ତି ।ଏଥି ନିମନ୍ତେ ଉଭୟ ସଂଗଠନର ପକ୍ଷରୁ ବାରିପଦା ଦେବୋତ୍ତର ବିଭାଗ, ବାରିପଦା ମ୍ୟୁନିସିପାଲିଟି ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ସଦୟ ସହଯୋଗ ପାଇଁ ଉଭୟ ସଂଗଠନ କୃତଜ୍ଞତା ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସନାତନୀ କେଶରିଆ ହିନ୍ଦୁ ବାହିନୀ ଓଡ଼ିଶା ର ରାଜ୍ୟ ଯୁବ ସଭାପତି ଶ୍ରୀ ଶାନ୍ତନୁ ଦାସ,ହ୍ରିତିକ ନାଥ,ମନୋଜ୍ ପଲେଇ ପ୍ରମୁଖ ବହୁ ସଦସ୍ୟ ସମେତ୍ ପ୍ରତୀକ ଅରଗାନାଇଜେସନ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଭାପତି ରାଜୀବ୍ ସାହୁ, ଲଳିତ୍ ଗିରି ସମେତ ବହୁ ସଦସ୍ୟ ଏଇ କାର୍ଯ୍ୟକ୍ରମ ରେ ଯୋଗଦେଇ ସେବା ପ୍ରଦାନ କରିଥିଲେ ।

# ପୂର୍ବାଞ୍ଚଳ ଡ଼ିଆଇଜିଙ୍କ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ବୃକ୍ଷ ରୋପଣ



ବାଲେଶ୍ୱର, ୨୮/୬ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ ସମଗ୍ର ଦେଶରେ 'ମାଆ ପାଇଁ ଗଛଟିଏ' ଜୋରସୋରରେ ଚାଲୁଅଛି । ଏହି କ୍ରମରେ ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଅଧିକାରୀମାନେ ପୂର୍ବାଞ୍ଚଳ ଡ଼ିଆଇଜିଙ୍କ ବାଲେଶ୍ୱର କାର୍ଯ୍ୟାଳୟରେ ବୃକ୍ଷ ରୋପଣ କରିଛନ୍ତି । ଏଡ଼ିସନାଲ୍ ଏସପି ଆଲୋକ ରଞ୍ଜନ ରାୟ ସମସ୍ତ ପ୍ରକାରର ସହାୟତା କରିଥିଲେ । ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ପୁର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ପୁର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବେଣୁଧର ସାହୁ, ନାରୀନେତ୍ରୀ ସୁଷମା ବିଶ୍ୱାଳ, ବିପିନ ମାରାଣ୍ଡି, ଶିବପ୍ରସାଦ ଦାସ, ସଂଗ୍ରାମ କେଶରୀ ଦାସ, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ସରସ୍ୱତୀପୁର ସରପଞ୍ଚ ଫୁଲ ଟୁଡୁ ଓ ସୁବୋଧ ଚନ୍ଦ୍ର ପଣ୍ଡା ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ହଜାର ହଜାର ଭକ୍ତଙ୍କ ସମାଗମରେ ଜୟପୁରରେ କଡା ସୁରକ୍ଷା ବଳୟରେ ରଥ ଟଣା

ଜୟପୁର, ୨୮/୬ (ନି.ପ୍ର): କୋରାପୁଟ ଜିଲା ଜୟପୁର ରଥଯାତ୍ରାରେ କଡା ସୁରକ୍ଷା ବଳୟରେ ପାରମ୍ପରିକ ରିତି ନିତି ଅନୁଯାଇ ରଥ ଟଣା ଆରମ୍ଭ କରାଯାଇଛି । ସାରା ରାଜ୍ୟରେ ଗତ କାଲି ରଥଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଜୟପୁରରେ ତା ପରଦିନ ଆଜି ରଥ ଯାତ୍ରା ଅନୁଷ୍ଠିତ ହୋଇଛି । ଗତ କାଲି ଠାକୁରଙ୍କ ପହଣ୍ଡି କରାଯାଇ ରଥା ରୁଢ କରାଯାଇଥିବା ବେଳେ ଆଜି ଅପରାହ୍ନ ସାଢେ ୩ ଘଂଟା ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ କରାଯାଇ ଥିଲା । ରଜାନହର ଠାରୁ ରଥଟଣା ଆରମ୍ଭ କରାଯାଇ ଥିଲା । ବାଙ୍କମଠ ଠାରେ ପ୍ରଭୁ ତିନି ଠାକୁର ଦଶ ଅବତାର ରେ ଦଶ ଦିନ ଭକ୍ତ କୁ ଦର୍ଶନ ଦେବେ । ବଡ ରଥ କୁ ପରୁଷ ମାନେ ଟାଣି ଥିବା ବେଳେ ଛୋଟ ରଥ ଅର୍ଥାତ ପତିତପାବନଙ୍କ ରଥ କୁ ମହିଳା ମାନେ ଟାଣି ଥିଲେ । ପୋଲିସ ତରଫରୁ କଡା ସୁରକ୍ଷା କରାଯାଇ ଥିବା ବେଳେ ୧୦ ପ୍ଲାଟୁନ ପୋଲିସ ସହ ୪୦ ଜଣ ଅଫିସର ମୁତୟନ ହୋଇଥିଲେ । ଭକ୍ତ ମାନେ ଯେପରି ସୁରୁଖୁରୁରେ ରଥ ଟାଣି ପାରିବେ ସେ ନେଇ ପ୍ରଶାସନ ତରଫରୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇ ଥିଲା । ହଜାର ହଜାର ଅବିଭକ୍ତ କୋରାପୁଟ ଜିଲାର ଆଦିବାସି ମାନେ ସେମାନଙ୍କ ପରମ୍ପରିକ ପୋଷାକ ପିନ୍ଧି ରଥ ଟଣାରେ ଭାଗ ନେଇଥିଲେ । ସଂକୀର୍ତନ ମଣ୍ଡଳି ସହ ଘଂଟୁଆ ମାନଙ୍କ ଘଂଟ ବାଜାରେ ଜୟପୁର ବଡଦାଣ୍ଡ ଉତ୍ସବ ମୁଖର ହୋଇ ପଡିଥିଲା । ଜୟପୁର ମୁଖ୍ୟ ରାସ୍ତାର ଦୁଇ ପାଶ୍ୱରେ ଥିବା କୋଠା ମାନଙ୍କରେ ରଥ ଟଣା ଦେଖିବା ପାଇଁ ଭକ୍ତ ଙ୍କ ଭିଡ ଜମିଥିଲା । ରଥ ଟଣା ସମୟରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଜୟପୁର ତହସିଲଦାର ଚିତରଞ୍ଜନ ପଟ୍ଟନାୟକ, ଜୟପୁର ଏସଡିପିଓ ପାର୍ଥ କଶ୍ୟପ , ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାଗୁଲେଇ ପାଟଣା ଓ ଗଡ ଖୋର୍ଦ୍ଧାରେ ଆନନ୍ଦ ଉଲ୍ଲାସରେ ମହାପ୍ରଭୁଙ୍କ ଘୋଷଯାତ୍ରା ଅନୁଷ୍ଠିତ

ଖୋର୍ଦ୍ଧା , ୨୮/୬ (ନି.ପ୍ର): ଓଡ଼ିଆ ମାନଙ୍କ ଅସ୍ମିତାର ପର୍ବ, ପୌରାଣିକ ଐତିହ୍ୟ ସଂସ୍କୃତି ର ପର୍ବ, ବିଶ୍ୱ ବିଦିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ ସଂସ୍କୃତି ସନାତନ ଧର୍ମ, ଭାଇଚାରାର ପର୍ବ ପବିତ୍ର ଘୋଷ ଯାତ୍ରା ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଜାଗୁଲେଇ ପାଟଣା ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେ ଏବଂ ଗଡ ଖୋର୍ଦ୍ଧା ଠାରେ ଅତି ଆନନ୍ଦ ଉଲ୍ଲାସ ଓ ଭାଇଚାରା ସାଂସ୍କୃତିକ, ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଉପଯିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଓ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ କିଶୋର କୁମାର ପଣ୍ଡା ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି । ଜାଗୁଲେଇ ପାଟଣା ଠାରେ ନିର୍ଦ୍ଧାରିତ ସମୟରେ ନିତିକାନ୍ତି ଅନୁଷ୍ଠିତ ହେବା ସହ ପୂର୍ବତନ ସାଂସଦ ପ୍ରସନ୍ନ କୁମାର ପାଟ୍ଟଶାଣୀ ଛେରା ପହଁରା କରିଥିଲେ । ଖୋର୍ଦ୍ଧା ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯାଗୁଲେଇ ପାଟଣା ଆସି ମହାପ୍ରହୁଙ୍କୁ ଦର୍ଶନ କରିବା ସହ ଖୋର୍ଦ୍ଧା ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ରେ ମହାପ୍ରଭୁ ସଦାସର୍ବଦା ଆଶିଷ ପ୍ରଦାନ କରନ୍ତୁ ପ୍ରାର୍ଥନା କରିଥିଲେ । ସେହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ସେବା, ଆମ୍ବୁଲାନ୍ସ ସେବା, ପୋଲିସ ସେବା, ଅଗ୍ନି ଶମ ସେବା, ଜନ ସାଧାରଣଙ୍କୁ ସୂଚନା ସେବା ଆଦି ପ୍ରଦାନ କରାଯାଇଥିଲା । ଜାଗୁଲେଇ ପାଟଣାଠାରେ ମନ୍ଦିର ପରିଚାଳନା କମିଟି,ସେବାୟତ ସମସ୍ତେ ଯୋଗଦେଇ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେଙ୍କ ନିତିକାନ୍ତି ସମ୍ପନ୍ନ କରିଥିଲେ । ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବଡ଼ଭାଇ ଅଗ୍ରଜ ଶ୍ରୀ ଶ୍ରୀ ବଳଭଦ୍ର ତଥା ହଳାୟୁଧ ଓ ଭଉଣୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ପରେ ରଥାରୂଢ଼ ହୋଇଥିଲେ ଏବଂ ରଥଟଣା ଆରମ୍ଭ ହୋଇଥିଲା ଲ ହନୁମାନ ମନ୍ଦିର ନିକଟରେ ଶ୍ରୀ ବଜରଙ୍ଗ ବାଲି ଛେନା ପାଣି ଭୋଗ ଲାଗି ପରେ ରଥ ମାଉସୀ ମା ମନ୍ଦିର ନିକଟରେ ପହଞ୍ଚି ଥିଲା । ସେହିପରି ଅପରାହ୍ନ ୪ ଘଟିକାରେ ଗଡ ଖୋର୍ଦ୍ଧା ଠାରେ ରଥ ରୁଢ଼ ଜୀଉଙ୍କୁ ଭକ୍ତ ମାନେ ହରିବୋଲ ଘଣ୍ଟା ଘଣ୍ଟ ହରିବୋଲ ହୁଳହୁଳି ଶବ୍ଦରେ ପ୍ରକମ୍ପିତ ଧ୍ୱନିରେ ମହାପ୍ରଭୁଙ୍କ ରଥକୁ ଟାଣିଥିଲେ । ଛେରା ପହଁରା ଅଜିତ୍ କୁମାର ପଟ୍ଟନାୟକ ସମ୍ପାଦନ କରିଥିଲେ ଏବଂ ଗୋପାଳକୃଷ୍ଣ ଦାଶ, ରମାକାନ୍ତ ପାଟଯୋଶୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ବିନୋଦ ପଟ୍ଟନାୟକ ଏବଂ ସାଥୀ ମାନଙ୍କ ଦ୍ୱାରା ରଥ ସାଜସଜ୍ଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଉଭୟ ସ୍ଥାନରେ ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତି ଶୃଙ୍ଖଳା ସହ ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡାଙ୍କ ତଦାରଖରେ ସମ୍ପନ୍ନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ସଂପୃକ୍ତ ଲାଇନ୍ ଡିପାର୍ଟ ମେଣ୍ଟ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଅଧିକାରୀ କର୍ମଚାରୀ, ଉପଜିଲ୍ଲାଳଙ୍କ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀ,ବ୍ଲକ କାର୍ଯ୍ୟାଳୟ କର୍ମଚାରୀ, ଯୋଗଦେଇଥିବା ବେଳେ ଶହଶହ ଶ୍ରଦ୍ଧାଳୁ ଭକ୍ତ ଜିଲ୍ଲାର ବିଭିନ୍ନ କୋଣ ଅନୁକୋଣରୁ ଆସି ମହାପ୍ରଭୁଙ୍କ ବିଭୁ କୃପା ଲାଭ କରିଥିଲେ । ସନ୍ଧ୍ୟାରେ ଆକର୍ଷଣୀୟ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଚଉଦ କୁଲାଟରେ ଯାଦବ ମହାସଭାର ପାଟଲାଗି ମହୋତ୍ସବ ପାଳିତ

କେନ୍ଦ୍ରାପଡା, ୨୮/୬ (ନି.ପ୍ର): କେନ୍ଦ୍ରାପଡାର ଆଂଚଳିକ ଯାଦବ ମହାସଂଘର ପାଟଲାଗି ମହୋତ୍ସବ ଚଉଦକୁଲାଟ ଠାରେ ଅନୁଷ୍ଠିତ ହୋଇଯାଇଛି । ଯାଦବ ମହାସଭାର ସଭାପତି ଅଶୋକ କୁମାର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଯାଦବ ସଂଗଠକ ଦୋଳଗୋବିନ୍ଦ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ଉତ୍କଳ ଯାଦବ ମହାସଭାର ଉପସଭାପତି ମନୋଜ କୁମାର ପରିଡା ଶ୍ରୀ ଶ୍ରୀ ଦଧିବାମନଜୀଉ ମନ୍ଦିର ଟ୍ରଷ୍ଟି ଦେବାଶିଷ ମହାନ୍ତି, ଅଭିରାମ ପରମହଂସଙ୍କ ରାଷ୍ଟ୍ରୀୟ ମିଶନର ଅଧକ୍ଷ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ମୁଖ୍ୟବକ୍ତା, ଜିଲ୍ଲା ମହିଳା ସଭାନେତ୍ରୀ ମିନତୀ ଦାସ, କେନ୍ଦ୍ରାପଡା ବ୍ଲକର ପୂର୍ବତନ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ଜିଲ୍ଲା ଯୁବ ଯାଦବ ମହାସଂଘର ସଂପାଦକ ଲୋକନାଥ ଦାସ, ପଟ୍ଟାମୁଣ୍ଡାଇ ବ୍ଲକର ରବିନ୍ଦ୍ର କୁମାର ପରିଡା ପ୍ରମୁଖ ଯୋଗଦେଇ ଜିଲ୍ଲା ଯାଦବ ମହାସଭାର ବିଭିନ୍ନ ସମସ୍ୟା ଓ ସଂଗଠନର ବିଭିନ୍ନ ଅସୁବିଧା ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସଂପାଦକ ନବ କିଶୋର ଦାସ ସଂପାଦକୀୟ ବିବରଣୀ ପାଠ କରି ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ବରିଷ୍ଠ ଯାଦବମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଅହିର ଯାଦବମାନେ ବଳିଦାନ ଦେଇ ସହିଦ୍ ହୋଇଥିବା ଜବାନ୍ ମାନଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଆୟୋଜିତ ଏହି ସଭାରେ ଡକ୍ଟର ରାମଚନ୍ଦ୍ର ଦାସଙ୍କ ଲିଖିତ ସ୍ମୃତି ଓ ଅନୁଭୂତିରେ ଯାଦବ ଜାତିର ଇତିହାସ ପୁସ୍ତକ ବଣ୍ଟନ କରାଯାଇଥିଲା । ସଭା ଶେଷରେ ଭୀମସେନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ମା ପାଇଁ ଗଛଟିଏ' ଅଭିଯାନ : ସବୁଜ ସମ୍ବଲପୁର ପାଇଁ ୧୦ ହଜାର ବୃକ୍ଷରୋପଣ

ସମ୍ବଲପୁର, ୨୮/୬ (ନି.ପ୍ର):'ମା ପାଇଁ, ଗଛଟିଏ' ଅଭିଯାନରେ ଆଜି ସମ୍ବଲପୁରରେ ଏକ ବୃହତ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଜି ୧୦ ହଜାର ବୃକ୍ଷ ରୋପଣ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ରାଜ୍ୟ ମନ୍ତ୍ରୀ (ଉଚ୍ଚ ଶିକ୍ଷା, କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି) ସୂର୍ଯ୍ୟବଂଶୀ ସୁରଜ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ପଶ୍ଚିମାଞ୍ଚଳ ପୋଲିସ ଆଇ.ଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦ ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ରଥଯାତ୍ରା ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଲେ ଯେ, ଏହି ଅଭିଯାନ ଦୀପାବଳି ପର୍ଯ୍ୟନ୍ତ ଚାଲୁ ରହିବ ଓ ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ବୃକ୍ଷ ରୋପଣ କରାଯିବ । ସେ କହିଥିଲେ ଯେ, ନୂଆଖାଇ, ସମଲେଶ୍ୱରୀ ମନ୍ଦିର, ମହାନଦୀ ଓ ଶୀତଳଷଷ୍ଠୀ ପାଇଁ ପରିଚିତ ସମ୍ବଲପୁର, ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷାରେ ମଧ ଦେଶରେ ଚର୍ଚ୍ଚିତ ହେବା ଉଚିତ୍ । ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବା ପାଇଁ ଜିଲ୍ଲା ବାସୀଙ୍କୁ ଆହ୍ୱାନ ଦେଇଥିଲେ । ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ନିଜ ବ୍ୟକ୍ତବରେ କହିଲେ, "ଭାରତୀୟ ସଂସ୍କୃତିରେ ମା'ଆଙ୍କୁ ଯେପରି ସମ୍ମାନ ଦିଆଯାଏ ସେହିପରି ପ୍ରକୃତି ମାତାଙ୍କୁ ମଧ ସମସ୍ତେ ସମ୍ମାନ ଦେବା ଆବଶ୍ୟକ । ବିକଶିତ ଓଡିଶାର ସ୍ୱପ୍ନ ସାକାର ହୋଇପାରିବ ଯେତେବେଳେ ଆମେ ପ୍ରାକୃତିକୁ ଉପଯୁକ୍ତ ସୁରକ୍ଷା ଦେବୁ । ଆଜି ୧୦ ହଜାର ବୃକ୍ଷ ଲଗାଯିବା ପାଇଁ ସଂକଳ୍ପ ନିଆ ଯାଇଛି, ତେବେ ଯେତିକି ଆଗ୍ରହର ସହ ଆଜିର ଏହି ବୃକ୍ଷ ରୋପଣ କରାଗଲା ତାକୁ ବଂଚାଇବା ପାଇଁ ବି ସମସ୍ତେ ସଂକଳ୍ପ ନେବା ଆବଶ୍ୟକ ବୋଲି ସଚେତନ କରାଇଥିଲେ । ଝାରସୁଗୁଡା ବିଧାୟକ ଶ୍ରୀ ତ୍ରିପାଠୀ ନିଜ ବକ୍ତବ୍ୟରେ ବୃକ୍ଷରୋପଣ ଓ ତାର ସୁରକ୍ଷା ପ୍ରତି ଲୋକଙ୍କ ଦାୟିତ୍ୱ ବଢ଼ିବା ଦରକାର ବୋଲି କହିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଜେମା ମେହେର ଓ ପ୍ରଙ୍କଜିନୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା ।

# ୬୧ ତମ ରାଜ୍ୟ ସ୍ତରୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ନିମନ୍ତେ ଭଦ୍ରକ ଜିଲ୍ଲାର ବାଳକ ଓ ବାଳିକା ଦଳ ଘୋଷିତ



ଭଦ୍ରକ , ୨୮/୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ର ନିଷ୍ଟ ବିଶ୍ୱବିଦ୍ୟାଳୟ ଠାରେ ଆରମ୍ଭ ହେବାକୁ ଯାଉଥିବା ୬୧ ତମ ରାଜ୍ୟ ସ୍ତରୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତା ଟି ୨୯ ଜୁନ୍ ରୁ ଆରମ୍ଭ ହୋଇ ୨ ଜୁଲାଇ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ତାର ୧୨ ଜଣ ବାଳକ ଓ ବାଳିକା ଖେଳାଳୀ ଙ୍କ ନାମ ଘୋଷଣା କରିଛି ।ଏହି ଦଳ କୁ ଜିଲ୍ଲା ଆଥଲେଟିକ୍ ଆଶୋସିଏସନ୍ ର ସଂପାଦକ ଧିରେନ୍ ? ପଲାଇ ଶୁଭେଚ୍ଛା ଜଣାଇବା ସହିତ ଜିଲ୍ଲା କ୍ରିଡା ଅଧିକାରୀ ତଥା ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ୟାମଲ୍ କୁମାର ରାଏ ,ସ୍ୱତନ୍ତ୍ର କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ଓ ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ପ୍ରମୁଖ ଖେଳାଳୀ ମାନଙ୍କୁ ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ବୋଲି ତାଙ୍କର ଶୁଭ ମନାସିଛନ୍ତି .ଏହି ଦଳ ସହିତ ପାପାଲି ପାତ୍ର, ମନୋଜ କୁମାର ମହାନ୍ତି , କୋଚ୍ ଓ ମ୍ୟାନେଜର ଭାବରେ ସ୍ୱୟଂମ୍ ସମ୍ଭବ ଦାଶ୍ ଓ ସୂର୍ଯ୍ୟକାନ୍ତ ରାଉଳ ଯାତ୍ରା କରୁଛନ୍ତି । ଖେଳାଳୀ ଙ୍କ ନାମ -- ବାଳିକା -- ଆଦ୍ୟାଶା ଆଦିତି ବେହେରା , ଦେବସ୍ମିତା ଜେନା , ଲିପଶିଖା ମହାଳିକ୍ , ସୋପ୍ନା ରାଣି ସେଠୀ, ଜିସମୟୀ.ନାୟକ ପ୍ରିୟଙ୍କା ତ୍ରିପାଠୀ, ଶୁଶ୍ରୀ ସଙ୍ଗିତା ମହାନ୍ତି ,ସୋନି ସୁହାନି ମହାପାତ୍ର , ପଦ୍ମଜା ପ୍ରିୟଦର୍ଶିନୀ ଦାସ,ସ୍ୱୟଂଶ୍ରୀ ଭଞ୍ଜ , ନତ୍ୱେଷା ନସିମ୍ ଓ ଜ୍ଞାନ ପ୍ରଭା ସାହୁ ବାଳକ ଦଳ - ସୌରଭ ନାୟକ , ଆଦିତ୍ୟ ଚୌଧୁରୀ ,ସୁମିତ୍ ନାୟକ , ରାହୁଲ ପଣ୍ଡା ,ଜୀବନ ଜ୍ୟୋତି ମଳିକ୍ ସିଦ୍ଧାର୍ଥ ମହାନ୍ତି, ସାଇ ସୁଭଙ୍କର ପଣ୍ଡା ,ସତ୍ୟ ରଞ୍ଜନ ନାୟକ , ଆକୁଦାସ ଅମିନ୍ ଖାନ୍ , ରୁଦ୍ରାକ୍ଷ ମହାରଣା , ଲକ୍ଷ୍ମି ନାରାୟଣ ପଣ୍ଡା ଓ ସୂର୍ଯ୍ୟ ପ୍ରକାଶ ସେଠୀ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଜୁନ୍ ୨୦୨୫
email :
rabibarachayan2015@gmail.com

# ରବିବାର ଚୟନ

......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

### ଡ.ଭାଗବତ ବେହେରା



# ବୈଦେହୀ



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୧୦୩
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଏକାଦିନ ଆମ ଚାରି ଭଉଣୀଙ୍କର ବିବାହ ହୋଇଥିଲା । ଅଯୋଧ୍ୟାରେ ମାଣ୍ଡବୀ, ଶ୍ରୁତକୀର୍ତ୍ତି ଉତ୍ସବରେ ମାତିଥିବାବେଳେ ଉର୍ମିଳା ପତି ବିରହରେ ଏକାକୀ ଅନ୍ତଃପୁର ମଧ୍ୟରେ ଥାଇ ଅଶ୍ରୁବର୍ଷଣ କରୁଥିବ । ସେଦିନ ଲକ୍ଷ୍ମଣର ଶୁଖିଲା ମୁହଁ ଦେଖି ମୋ ପ୍ରଭୁ ମୋତେ କହିଥିଲେ ସୀତେ, ଆମେ ଆଉ ଆଗକୁ କେବେବି ଏମିତି ଆନନ୍ଦ ଉଲ୍ଲାସରେ ମାତି ଲକ୍ଷ୍ମଣ ସମ୍ମୁଖରେ ଆମ ବିବାହ ଦିନକୁ ପାଳନ କରିବୁ ନାହିଁ । ସେହିଦିନୁ ଏହି ଦିନକୁ ଆମେ ଅରଣ୍ୟରେ ପାଳନ କରୁଥିଲୁ ସତ୍ୟ, ହେଲେ ଆଉ ଆଡ଼ମ୍ବର ସହକାରେ ନୁହେଁ। ଲଙ୍କାରେ ଦୁଇବର୍ଷ ମୁଁ ଏହି ଦିନରେ ବହୁତ କଷ୍ଟ ପାଇଛି ପ୍ରୀତିଦା ଆଉ ଏଠାରେ ଛ'ବର୍ଷ ହୋଇଗଲା । ଆଜି ତୁମମାନଙ୍କ ଗହଣରେ ଏହି ଦିନର ସ୍ମୃତିଚାରଣ କରିବା ମୋ ପାଇଁ ଶେଷ ନିଶ୍ଚିତ ।

ଦେବୀ ସୀତାଙ୍କ ମୁହଁରୁ ଏପରି କଥା ଶୁଣି ସୁଧାମୟୀ କହି ପକାଇଥିଲା, ଦେବୀ ଜାନକୀ ଏ ଆଶ୍ରମରେ ଆପଣ ତପସ୍ୱିନୀ । ତପସ୍ୱିନୀ ହୋଇ ପତିଙ୍କ ପାଖରେ ନଥାଇ ଆପଣ ସଦାସର୍ବଦା ପତିଧର୍ମ ପାଳନ କରୁଛନ୍ତି । ଆଜି ଭଳି ଦିନରେ ଆମେ ଯଦି କିଛି କହି ଆପଣଙ୍କ ମନରେ ଦୁଃଖ ଦେଇଥିବୁ, ତାହେଲେ ଆମେ କ୍ଷମା ମାଗିନେଉଛୁ ।

ସୁଧାମୟୀର ହାତଧରି ନେଇ ସୀତାଦେବୀ କହିଥିଲେ ନା ସୁଧାମୟୀ । ତୁମେମାନେ ମୋର ଏକାନ୍ତ ଅନ୍ତରଂଗା । ତୁମେମାନେ ମୋର ହିତାକାଂକ୍ଷୀ । କେବେବି ତୁମେମାନେ ମୋ ମନରେ ଦୁଃଖ ଦେଇନାହଁ । ଆଜି ଭଳି ଦିନରେ ମୋ ସ୍ୱାମୀ ଦେବତାଙ୍କ ସ୍ମୃତି ମୋତେ ବିଚଳିତ କରିପକାଉଛି । ତଥାପି ମୁଁ ତାଙ୍କୁ ଦୋଷ ଦେଉନାହିଁ ସୁଧାମୟୀ । ସେ ମୋ ପ୍ରତି ଅନ୍ୟାୟ କରିଛନ୍ତି ବୋଲି ମୁଁ କହୁନାହିଁ । ସେ ଯାହା କଲେ ବି ମୋ ପ୍ରତି ଭୁଲ୍ ବିଚାର କରିନାହାନ୍ତି । ମୋର ଦୋଷ ରହିଛି ନିଶ୍ଚୟ । ମୋ କୃତକର୍ମର ଫଳ ମୁଁ ଭୋଗ କରୁଛି । ଏ ଜନ୍ମରେ ନହେଲେ ବି ପୂର୍ବଜନ୍ମର ଦୁଷ୍କୃତିର ଫଳ ଏବେ ମୋତେ ମିଳିଛି। ମୋ ସ୍ୱାମୀ ତାଙ୍କ ପ୍ରଜାଙ୍କ ପାଇଁ ମୋତେ ତ୍ୟାଗ କରିଛନ୍ତି । ପୂର୍ବଜନ୍ମରେ ମୁଁ ହୁଏତ ସେ ପ୍ରଜାଙ୍କର କୌଣସି କ୍ଷତି ଘଟାଇଥିବି, ଯାହା ଫଳରେ ମୋତେ ଏ ଦଣ୍ଡ ଭୋଗିବାକୁ ପଡୁଛି । ଏ ଜୀବନର ଶେଷପର୍ଯ୍ୟନ୍ତ ମୋତେ ଆହୁରି ଦୁଃଖପଡ଼ିଲେ ବି ମୁଁ ମୋ ପ୍ରଭୁଙ୍କୁ ଦୋଷାରୋପ କରିବି ନାହିଁ । ମୋ ଥାଳରେ ସେ ଏତେ ସ୍ନେହ, ଏତେ ପ୍ରେମ ଢାଳି ଦେଇଛନ୍ତି ଯେ କେବଳ ଏହି ଜନ୍ମରେ ନୁହେଁ ସାତଜନ୍ମ ନେଲେ ମଧ୍ୟ ମୁଁ ତାର ସୁଫଳ ଭୋଗ କରୁଥିବି । ମୋତେ ଆଦର କରି ସ୍ୱାମୀ ମୋର କହୁଥିଲେ, "ସୀତା ତୁମ ପ୍ରେମ ହେଉଛି ଗଂଗା, ଯମୁନା, ସରସ୍ୱତୀର ତ୍ରିଧାରା । ତୁମ ପ୍ରେମର ଗଂଗା, ସ୍ନେହର ଯମୁନା ଆଉ ସରସ୍ୱତୀର ଶ୍ରଦ୍ଧା ମିଶି ରାମ ହୃଦୟ ସାଗରକୁ ଅମୃତରେ ପରିପୂର୍ଣ୍ଣ କରିଦେଇଛି । ତୁମ ଶରୀରରେ ମୁଁ ଏହି ତ୍ରିଶକ୍ତିର ମେଣ୍ଟକୁ ଦେଖିବାକୁ ପାଏ ତୁମ ମସ୍ତକର ସିନ୍ଦୂରଗାର, ହସ୍ତର ଶଂଖା ଆଉ ଅଧରର ସୁଧା ଜିଣା ହସରେ । ବାସ୍ତବରେ ତୁମେ ଅନନ୍ୟା ସୀତା । ତୁମକୁ ପାଇ ରାମ ପୁଣ୍ୟତୋୟା ପାଲଟି ଯାଇଛି । ମୋ ପ୍ରଭୁଙ୍କର ସେହି କଥା ସବୁ ମୋର ମନେ ପଡ଼ି ମୋ ହୃଦୟକୁ ମନ୍ଥି ପକାଉଛି ସୁଧାମୟୀ । ଆଜି ମୋ ଜୀବନରେ ଏକ ଆଶା ଜାଗିଛି ପ୍ରୀତିଦା, ତୁମେମାନେ ମୋର ସେ ଆଶା ପୂର୍ଣ୍ଣ କରି ଦେଇପାରିବ ? ମାତା ଅନୁକମ୍ପା ମୋତେ ବୁଝାଇ କହୁଥିଲେ, ସୀତା ତୋ ଜୀବନରେ ପୂର୍ଣ୍ଣତା ତୁ ପାଇସାରିଛୁ । ଜନକ ରାଜାଙ୍କ କନ୍ୟା ଭାବରେ ପିତୃକୁଳ ମର୍ଯ୍ୟାଦା ରଖିଛୁ । ଅଯୋଧ୍ୟାର ରାଜବଧୂ ଭାବରେ ସେ କୁଳର ସମ୍ମାନ ମଧ୍ୟ ରଖିଛୁ । ରାମର ପତ୍ନୀ ଭାବରେ ତୁ ଯେଉଁ କର୍ତ୍ତବ୍ୟ କରିଛୁ ତାହାକୁ ଏ ନାରୀ ସମାଜ ଯୁଗଯୁଗ ପାଇଁ ମନେ ରଖିବ । ଆଉ ସର୍ବଶେଷରେ ତୋ ଜୀବନର ଶ୍ରେଷ୍ଠ ଅଭିଳାଷ ପୂର୍ଣ୍ଣ ହୋଇଛି, ତୁ ଯେତେବେଳେ ମାଆ ହୋଇଗଲୁ । ନାରୀ ଜୀବନର ଶେଷ ଅଭିଳାଷ ମାତୃତ୍ୱ । ପ୍ରଥମ ଅଭିଳାଷ ପିତ୍ରାଳୟରେ ଆଦର୍ଶ କନ୍ୟା ହୋଇ ପିତାମାତାର ସମ୍ମାନ ରଖିବା, ଦ୍ୱିତୀୟ ଅଭିଳାଷ ଜଣେ ଆଦର୍ଶପତ୍ନୀ ଆଦର୍ଶ ଗୃହିଣୀ ହୋଇ ପତିସେବା କରିବା । ଆଉ ଶେଷ ଆଶା ମାତୃତ୍ୱ ଲାଭ କରିବା । କନ୍ୟାଭାବରେ ତୁ ସ୍ୱୟଂସିଦ୍ଧା, ଗୃହିଣୀ ଭାବରେ ତୁ ଲକ୍ଷ୍ମୀ, ପତ୍ନୀ ରୂପରେ ତୁ ସେବା, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ପ୍ରେମ ପଞ୍ଚସୁଧାର ମୂର୍ତ୍ତିମନ୍ତ ଦେବୀ ଆଉ ଶେଷରେ ମାତା ରୂପରେ ତୁ ମାଆ, ମାଟି, ମମତାର ତ୍ରିଧାରା । ଜୀବନରେ ତୁ ସବୁ ପାଇ ସାରିଛୁ ମା । ଆଉ କାହିଁକି ମନରେ ଦୁଃଖ କରୁଛୁ । ନାରୀ ଜୀବନର ସମସ୍ତ ପୂର୍ଣ୍ଣତା କୁ ତୁ ତୋ ପଣତ କାନିରେ ବାନ୍ଧି ଦେଇ ସାରିଛୁ ।"

ମାତା ଅନୁକମ୍ପା ଯାହା କହିଛନ୍ତି ସତ୍ୟ ପ୍ରୀତିଦା, ହେଲେ ମୋର ଆଉ ଗୋଟାଏ ଅଭିଳାଷ ଅପୂର୍ଣ୍ଣ ହୋଇ ରହିଯାଇଛି, ସେଇଟିକୁ ତୁମେମାନେ ପୂର୍ଣ୍ଣ କରିବ ନିଶ୍ଚୟ ।

ସୀତାଦେବୀଙ୍କ କଥାଶୁଣି ପ୍ରୀତିଦା, କମଳା, ସୁଧାମୟୀ, ତାଙ୍କ ମୁହଁକୁ ଅନାଇ ରହିଥିଲେ । କି ଅଭିଳାଷ ଅପୂର୍ଣ୍ଣ ରହିଛି ସୀତାଦେବୀଙ୍କର । ସେମାନେ ତାହା ପୂର୍ଣ୍ଣ କରିପାରିବେ ତ ? ମନରେ ସାହସ ସଂଚୟ କରି ପ୍ରୀତିଦା କହିଥିଲା, କୁହନ୍ତୁ ଦେବୀ ! ଆମ ଦ୍ୱାରା ଯେଉଁ କାର୍ଯ୍ୟ ସମ୍ଭବ ଆମେ ତାହା ନିଶ୍ଚୟ ପାଳନ କରିବୁ ।

ସେ କାମ ଅତ୍ୟନ୍ତ ସହଜ ପ୍ରୀତିଦା । ତୁମେମାନେ ଚାହିଁଲେ ତାହା ନିଶ୍ଚୟ କରିପାରିବ।

ତାହେଲେ କୁହନ୍ତୁ ଦେବୀ, ଆପଣଙ୍କ ମନର ଇଚ୍ଛାକୁ ଆମ ଆଗରେ ପ୍ରକାଶ କରନ୍ତୁ । ଆମେ ଜୀବନ ଦେଇ ଆପଣଙ୍କର ସେ ଇଚ୍ଛା ପୂର୍ଣ୍ଣ କରିବୁ ।

ପ୍ରୀତିଦା କଥା ଶୁଣି ଦୀର୍ଘଶ୍ୱାସଟିଏ ଛାଡ଼ି, ମୁହଁରେ ଶୁଖିଲା ହସର ରେଖାଟି, ଟାଣି ସୀତାଦେବୀ କହିଥିଲେ, "ମୋର ଦୃଢ଼ବିଶ୍ୱାସ ପ୍ରୀତିଦା, ଏ ଜନ୍ମରେ ମୋର ଆଉ ମୋ ସ୍ୱାମୀଙ୍କ ସହିତ ସାକ୍ଷାତ ହେବନାହିଁ । ମୁଁ ମଲେ ମୋ ପିଲାମାନେ ଅନାଥ ହେବେନାହିଁ, ଏକଥା ମଧ୍ୟ ମୁଁ ଜାଣେ । ତୁମେମାନେ ଥାଉଥାଉ ମାଆ ଅନୁକମ୍ପା, ମୋର ପିତା ତୁଲ୍ୟ ମହର୍ଷି ବାଲ୍ମିକୀଙ୍କ ଆଶ୍ରମରେ ଥାଇ, ସେମାନେ ବେଶ୍ ଆନନ୍ଦରେ ଦିନ କାଟିବେ । ମାଆକୁ ହରାଇଥିବାର ଦୁଃଖ ତୁମେମାନେ ତାଙ୍କୁ ଭୋଗିବାକୁ ଦେବନାହିଁ । ମୁଁ ଶାନ୍ତିରେ ମରିପାରିବି, ହେଲେ ମୃତ୍ୟୁପରେ ମୋ ଆତ୍ମା ଶାନ୍ତି ପାଇବ ନାହିଁ । ତୁମେମାନେ ସମସ୍ତେ ମିଶି ପରଲୋକରେ ମୋ ଆତ୍ମା କିପରି ଶାନ୍ତି ପାଇବ, ସେହି କର୍ମଟି କରିଦେବ ।"

ସୀତାଦେବୀଙ୍କ କଥା ଶୁଣି ପ୍ରୀତିଦା, ସୁଧାମୟୀ ଆଶ୍ଚର୍ଯ୍ୟ ହୋଇ ଯାଉଥିବାର ଦେଖି ସେ କହିଥିଲେ, ସେଭଳି କୌଣସି କଷ୍ଟ କାର୍ଯ୍ୟ ତୁମମାନଙ୍କୁ ମୁଁ କରିବାକୁ କହିବି ନାହିଁ । ତୁମେମାନେ ଏତିକି କରିବ "ମୁଁ ମଲାପରେ ମୋ ସମଗ୍ର ଶରୀରରେ ରାମନାମ ଲେଖିଦେବ । କେବଳ ମୋର ପାଦତଳକୁ ଛାଡ଼ିଦେଇ ମସ୍ତକ ପର୍ଯ୍ୟନ୍ତ ସୂଚ୍ୟାଗ୍ରେ ସ୍ଥାନ ନଛାଡ଼ି ସର୍ବତ୍ର ରାମନାମ ଲେଖିଦେବ । ମୋ ସିନ୍ଥିରେ ରାମନାମ ଧରି ସିନ୍ଦୂର ମଣ୍ଡାଇଦେବ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ତୀର୍ଯ୍ୟକ୍ — ମୋହନଙ୍କ ମନକଥା

### ସୁବ୍ରତ ପଟ୍ଟନାୟକ



ମୁଁ ଆଦିବାସୀ। ବହୁତ ତଳ ସ୍ତରରୁ ଉଠିଛି। ସରପଞ୍ଚରୁ ହୋଇଛି ମୁଖ୍ୟମନ୍ତ୍ରୀ। ମୋର ସରଳତାକୁ ଦୁର୍ବଳତା ଭାବନ୍ତୁ ନାହିଁ। ବିଡିଓମାନେ ଜନପ୍ରତିନିଧିଙ୍କୁ ହେୟ ମଣୁଛନ୍ତି। ବିଧାୟକଙ୍କୁ ଚେୟାର ଦେଉନାହାନ୍ତି। ଅତୀତରେ ମୋତେ ବି ସେମିତି ବ୍ୟବହାର ଦେଖାଯାଇଥିଲା। ସେକାଳ ପଖାଳ ଏବେ ନାହିଁ। ସିଡିଓ (ମୁଖ୍ୟ ଉନ୍ନୟନ ଅଧିକାରୀ) ଓ ବିଡିଓଙ୍କୁ ଯଥେଷ୍ଟ ସ୍ୱାଧୀନତା ଦିଆଯାଇଛି। କ୍ଷମତାର ଅପବ୍ୟବହାର କରାନଯାଉ। ଯେଉଁମାନେ ଏଭଳି ଆଚରଣ କରୁଛନ୍ତି, ସେମାନେ ତୁରନ୍ତ ନିଜକୁ ସଜାଡ଼ନ୍ତୁ। ବିଧାୟକ ଓ ଜନ ପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ ନ ଦେଖାଇଲେ, କ୍ଷମା ଦିଆଯିବ ନାହିଁ।

ରାଜଧାନୀର ଅନୁଷ୍ଠିତ ଦୁଇଦିନିଆ ସିଡିଓ, ବିଡିଓ ସମ୍ମିଳନୀରେ ଏଭଳି କଡ଼ା କଥା ଶୁଣାଇଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ୩୦ଟି ଜିଲ୍ଲାର ସିଡିଓ ଏବଂ ୩୧୪ଟି ବ୍ଲକର ବିଡିଓ ସେଥିରେ ଯୋଗ ଦେଇଥିଲେ। ମୋହନ କହିଥିଲେ- ରାଜ୍ୟରେ ଉନ୍ନୟନ ମୂଳକ କାର୍ଯ୍ୟରେ ଦୁର୍ନୀତି ଓ ଅବହେଳାକୁ କଦାପି ବରଦାସ୍ତ କରାଯିବ ନାହିଁ। ତେବେ, ରାଜ୍ୟରେ ଅନେକ ଦକ୍ଷ ଓ ସଚ୍ଚୋଟ ସିଡିଓ /ବିଡିଓ ଥିବା ସେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ। କେନ୍ଦୁଝରର ବରପୁତ୍ର ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସ୍ପଷ୍ଟ ମତାମତକୁ ଆମେ ଉଚ୍ଚ ପ୍ରଶଂସା କରୁଛୁ।

ମୋହନଙ୍କ ପୂର୍ବରୁ ଯେଉଁ ରାଜନେତାଗଣ ମୁଖ୍ୟମନ୍ତ୍ରୀ ପଦରେ ଥିଲେ, ସେମାନେ ଅତୀତରେ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ଚୌକିରେ ବସିଥିଲେ। ମୋହନଙ୍କ କ୍ଷେତ୍ରରେ ସେଭଳି ସୁଯୋଗ ଯୁଟି ନଥିଲା। ତେବେ, କେନ୍ଦୁଝର ସଦର ଆସନରୁ ଏକାଧିକବାର ବିଧାୟକ ହେବା, ତାଙ୍କ ଲୋକପ୍ରିୟତାର ବଳିଷ୍ଠ ପ୍ରମାଣ। ସାନ୍ତାଳ ଲୋକେ ସ୍ୱଭାବତଃ ଶାନ୍ତ ଓ ସରଳ। ମୋହନଙ୍କ ରକ୍ତରେ ସେହି ଧାରା ପ୍ରବାହିତ। ଆଇନରେ ଡିଗ୍ରୀ ହାସଲ କରିଥିବା ଓ ସରକାରଙ୍କ ସଚେତକ ଭାବେ ତାଙ୍କର ଅଭିଜ୍ଞତା ଯଥେଷ୍ଟ।

ବିଧାନସଭା ଗୃହରେ ତାଙ୍କର ବିତର୍କ ବେଶ୍ ସାରଗର୍ଭକ। ମୁଖ୍ୟମନ୍ତ୍ରୀ ହେବାପରେ ଆମେ ତାଙ୍କୁ ବାଇକ୍ ରାଲିରେ ଓ ସାଇକେଲ ଚଢୁଥିବାର ବି ଦେଖିଛୁ। ଏହା କିଛି କମ୍ କଥା ନୁହେଁ।

ଦୁଇଟି ଘଟଣାର ଅବତାରଣା କରୁଛୁ। ପ୍ରାୟ ଦୁଇମାସ ପୂର୍ବେ ଭୁବନେଶ୍ୱର ରାମମନ୍ଦିର ନିକଟରେ ଭିକ୍ଷାବୃତ୍ତି କରୁଥିବା ଜଣେ ଅନ୍ଧୁଣୀର ଦେଢ଼ବର୍ଷର ପୁଅ ଅପହୃତ ହୋଇଗଲେ। ତୁରନ୍ତ ଏହି ଶିଶୁକୁ ନିରାପଦରେ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଟିମ୍ ଗଠନର ନିର୍ଦ୍ଦେଶ ଦେଲେ। ଦୁଇ ଦିନ ମଧ୍ୟରେ ଶିଶୁଟିକୁ ଉଦ୍ଧାର କରିଯାଇ ତାଙ୍କ ମାଆଙ୍କୁ ଅର୍ପଣ କରାଗଲା।

ଠିକ୍ ସେହିଭଳି କାଶ୍ମୀରର ପହଲଗାମରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ବାଲେଶ୍ୱରର ସରକାରୀ ଅଧିକାରୀ ପ୍ରଶାନ୍ତ ଶତପଥୀଙ୍କ ମୃତ୍ୟୁ ଘଟିଥିଲା। ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜ୍ଞାପନ କରିବା ସହିତ ୨୦ ଲକ୍ଷ ଟଙ୍କା ଅନୁକମ୍ପା ଅର୍ଥ ପ୍ରଦାନ କରିଥିଲେ। କେବଳ ସେତିକି ନୁହେଁ ପ୍ରଶାନ୍ତଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବାର ବି ବନ୍ଦୋବସ୍ତ କରିଥିଲେ। ଛୋଟିଆ ସ୍ତମ୍ଭରେ ସବୁକଥା ଲେଖାଯିବା ସମ୍ଭବ ନୁହେଁ। ଏସବୁ ମୋହନଙ୍କ ମଣିଷ ପଣିଆ।

ଆମେ ମୂଳ ପ୍ରସଙ୍ଗକୁ ଫେରିବା। କେବଳ ବିଡିଓ କିମ୍ବା ତହସିଲଦାର ନୁହନ୍ତି, କେତେକ କ୍ଷେତ୍ରରେ ଥାନା ଅଧିକାରୀ ମଧ୍ୟ ବିଧାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଅତୀତରେ ମୋହନ ମାଝୀ ବିଧାୟକ ଥିବାବେଳେ ଏହାର ଶିକାର ହୋଇଛନ୍ତି। ସେ ଯେଉଁ ଅଭିବ୍ୟକ୍ତି ପ୍ରଦାନ କରିଛନ୍ତି, ତାହା ତାଙ୍କର ତିକ୍ତ ଅନୁଭୂତି। କଳ୍ପନା କରି ମନଗଢ଼ା କଥା କହିନାହାନ୍ତି। ଯଦି ବିଧାୟକ ଓ ଜନପ୍ରତିନିଧିଙ୍କ ସହିତ ବିଡିଓଙ୍କର ସୁସମ୍ପର୍କ ନରହେ, ତେବେ ବିକାଶର ଚକ ଆଗକୁ ଗଡ଼ିବା କଷ୍ଟକର ହେବ। ସେ ଭଲଭାବେ ଜାଣିଛନ୍ତି, ଓଡ଼ିଶାର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ସର୍ବାଧିକ। ବ୍ୟକ୍ତିଗତ ଭାବେ ସେ କାହାକୁ ଆକ୍ଷେପ କରିନାହାନ୍ତି। ଉନ୍ନୟନ କାର୍ଯ୍ୟକୁ ଭଣ୍ଡୁର କରୁଥିବା ଲୋକଙ୍କୁ କେବଳ ସତର୍କ କରାଇଛନ୍ତି।

ବିଡିଓ ତହସିଲଦାରଙ୍କ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାର ସତ୍ୟାସତ୍ୟ ପରଖିବାକୁ ଆମେ ସାମାନ୍ୟ ଚେଷ୍ଟା କରୁଛୁ। ଗୋଟିଏ କି ଯୋଡ଼ିଏ ଉଦାହରଣ ଯଥେଷ୍ଟ ହେବ। କେନ୍ଦୁଝର ଜିଲ୍ଲା ଶାଳଣିଆ ପଂଚାୟତରେ ପ୍ରାୟ ୧୫ଜଣ ଆବାସ ହିତାଧିକାରୀଙ୍କ ପ୍ରଥମ କିସ୍ତି/ ସରକାରୀ ସାହାଯ୍ୟ ଟଙ୍କା ବାଟମାରଣ ହୋଇ ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ପାସ୍‌ବୁକକୁ ଯାଇଛି। ହାଟଡିହି ବ୍ଲକରେ ପ୍ରାୟ ୨୦ ଜଣ ମୃତ ବ୍ୟକ୍ତିଙ୍କ ନାମରେ ଦୁଇ ଦୁଇଥର ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ଉଠାଇ ନିଆଯାଇଛି। ଅର୍ଥାତ ସେମାନେ ଦୁଇଥର ମୃତ୍ୟୁବରଣ କରିଛନ୍ତି। ଏହି ତହସିଲରେ ଅତୀତରେ ହୋଇଥିବା ମହା ଦୁର୍ନୀତିର ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ କରୁଛୁ। ଜଣେ ଜମି ମାଫିଆ ବର୍ଷ ବର୍ଷ ଧରି ଆନନ୍ଦପୁର, କୁଣ୍ଡିବାହାଳି,ବସନ୍ତିଆ, ଆପଣ୍ଡା, ଆମ୍ବଗଡ଼ିଆ, ମୁଦୁଲିପଦାର ଏକର ଏକର ଜମିକୁ ଜାଲିଆତି କରି ନିଜ କବ୍‌ଜାକୁ ନେଇଛନ୍ତି। ୧୯୯୯ ମସିହା ଜାନୁଆରୀ ମାସରେ ଓରାଳିର ବିବାହିତ ମହିଳା ରାଜଶ୍ରୀ ପଟ୍ଟନାୟକଙ୍କର ବିୟୋଗ ଘଟିଥିଲା। ୨୦୧୪ ମସିହା ଜୁନ୍ ଛଅ ତାରିଖରେ ହାଟଡିହି ତହସିଲରେ ସେ ଦସ୍ତଖତ ଦେଇ ଏହି ଜମି ମାଫିଆଙ୍କୁ ଜମି ବିକିଥିବାର ରେକର୍ଡରେ ରହିଛି। ସେହିଭଳି ୯୪ବର୍ଷୀୟ ପ୍ରଫୁଲ୍ଲ ପଟ୍ଟନାୟକ ୨୦୧୫ ମସିହାରେ ମୃତ୍ୟୁବରଣ କରିବାର ୫ ବର୍ଷ ପୂର୍ବରୁ କୋମାରେ ଶଯ୍ୟାଶାୟୀ ଥିଲେ। ତାଙ୍କ ଜମିକୁ ମଧ୍ୟ ୨୦୧୪ ଜୁନ୍ ୬ ତାରିଖରେ ବିକ୍ରି ହୋଇଥିବା ଜଣାପଡ଼ିଛି। ରାଜଶ୍ରୀ ମୃତ୍ୟୁବରଣ କରିବାର ଦୀର୍ଘ ୧୫ବର୍ଷ ପରେ କିଭଳି ହାଟଡିହି ତହସିଲରେ ନିଜର ମୂଲ୍ୟବାନ ଜମି ବିକିବାକୁ ଦସ୍ତଖତ ଦେଲେ ତାହା ଜନସାଧାରଣଙ୍କୁ ଚକିତ କରିଛି। ବିଶ୍ୱାସଯୋଗ୍ୟ ନହେଲେ ବି ଏସବୁ ଘଟଣା ସତ। ୨୦୧୬ ମସିହା ନଭେମ୍ବର ୧୧ ତାରିଖରେ ସମ୍ପୃକ୍ତ ଜମି ମାଫିଆ ୩ଜଣ ଲୋକଙ୍କ ସହିତ ଚଞ୍ଚକତା କରି ମୂଲ୍ୟବାନ ଜମି ହଡ଼ପ କରିଛନ୍ତି। ତତ୍‌କାଳୀନ ତହସିଲଦାର ଓ ବିଡିଓଙ୍କ ସହିତ ବିନା ସଲାସୁତୁରାରେ ଏସବୁ କାର୍ଯ୍ୟ ସମ୍ଭବ ହେବା ଆଦୌ ବିଶ୍ୱାସଯୋଗ୍ୟ ନୁହେଁ। କେନ୍ଦୁଝର ଜିଲ୍ଲାରେ ଏଭଳି ଜମି ମାଫିଆଙ୍କ ରାଜୁତି ଜାରୀ ରହିଛି। ଆଳୁ ଖୋଳୁ ଖୋଳୁ ବାହାରୁଛନ୍ତି ମହାଦେବ। ମୁଖ୍ୟମନ୍ତ୍ରୀଙ୍କ ମତାମତକୁ ଭିତ୍ତିହୀନ ଭାବିବା ଉଚିତ୍ ନୁହେଁ। ଅତୀତରେ ଯେଉଁ ଅଧିକାରୀଗଣ ଦୁର୍ନୀତିରେ ଲିପ୍ତ ରହିଥିଲେ, ସେମାନଙ୍କ ଅବସ୍ଥା ସଙ୍ଗୀନ। ଜମି ମାଫିଆଙ୍କ ବିରୋଧରେ ତାଙ୍କର ଠୋସ୍ କଦମ୍ ଦେଖିବାକୁ ବାକି ରହିଲା।

♥ ଓରାଳି କେନ୍ଦୁଝର,
ମୋ: ୯୯୩୭୭୯୧୨୪୪

## କବିତା...



### ପ୍ରତିଛବି
**ଶରତ କୁମାର ଦାସ**


ସେମାନେ ଥିଲେ ଅପରିଚିତ, ଅନିମନ୍ତ୍ରିତ
ମତେ ଚାହିଁ କଟାକ୍ଷ କରୁଥିଲେ
ବିଦ୍ରୁପରେ ହସୁଥିଲେ ମଧ
କେହିକେହି ମତେ ନେଇ
ବିଜୟ ଉଲ୍ଲାସର ଜାଲ ବୁଣୁଥିଲେ
ଆଉ ଥୋକେ
ନିରବ ମୁଦ୍ରାରେ ଚାହିଁରହିଥିଲେ
ବଟବୃକ୍ଷ ପରି ।

ମୋ ଦେହରେ
ଭାରୀ ମେଘ ଗଜା ମେଲୁଥିଲା ସତ
ମୋ ସୂକ୍ଷ୍ମ ମଗଜ ବୁଝିପାରୁ ନ ଥିଲା
ସେମାନଙ୍କର ଏ ପ୍ରକାର
ଆଚରଣର ରହସ୍ୟ

ତେବେ ସେଦିନ ରାତିରେ
ସେମାନଙ୍କୁ ନେଇ, ମୁଁ ଖୁ ପ୍ରମତ୍ତ ଥିଲି
ଅଟ୍ଟହାସ୍ୟର କାରଣ ଠଉରେଇବାକୁ ନେଇ
ଏକ ବିରାଟ ଦର୍ପଣକୁ ସାମ୍ନାକରି
ନିଜକୁ ଚିହ୍ନିବାକୁ ଚେଷ୍ଟାକଲି
ହେଲେ ଚିହ୍ନିପାରୁ ନଥିଲି
ଯଦିଓ ସେମାନଙ୍କ ମୁହଁ
ଓ ବିଦ୍ରୁପର ହସ ସ୍ପଷ୍ଟ ଦେଖିପାରୁଥିଲି
ଦର୍ପଣ ଭିତରେ

ବାସ୍ତବରେ
ସେମାନେ ବୋଲି କେହି ନ ଥିଲେ
କି ନ ଥିଲା ତାଙ୍କ ଶ୍ଳେଷମିଶା ଉପହାସ
ଚୁପଚାପ କଥାବାର୍ତ୍ତା କି ନିରବ ଚାହାଣି
ବରଂ ମୋ ଅନ୍ତଃକରଣରେ
ସେମାନଙ୍କ ସ୍ଥବିର ପ୍ରତିଛବି
ଯାହା ପୁରୁଣା କାନ୍ଥର ପଲସ୍ତରା ପରି
ଖସିପଡିବା ଆଗରୁ,
ଅନ୍ଧାରରେ ଲଟକି ରହିଥିଲା
ଅନେକ ଦିନ ଧରି
ମତେ ଉଦବେଳିତ କରିବାପାଇଁ ।

♥ ପାଲୁର ବଙ୍ଗଳା, ଘର ନମ୍ବର.. ୨୬
ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫



### ରକ୍ତାକ୍ତ
**ଗୋଲାକ ବିହାରୀ ଆଚାର୍ଯ୍ୟ**

ସ୍ୱପ୍ନର ଟୁକୁଡ଼ାଟେ ଛିଟିକି ପଡ଼ିଛି ଘଞ୍ଚ ଅନ୍ଧାର ରାତିରୁ
ପୂରା ହେଲାନି କାହିଁକି ପ୍ରଶ୍ନ କରୁନି;
ହେଲେ ସେଇତକ ଏତେ ରୋମାଞ୍ଚକର
ଆହ୍ଲାଦଦାୟକ ଯେ ବିମୋହିତ କରିଛି ସେତେବେଳୁ ।

ଅନ୍ଧାରରେ ମୁଁ : ମୋ ଅବସ୍ଥିତି, ଅପାରଗପଣିଆ,
ଅବନତ ସ୍ୱାସ୍ଥ୍ୟ, ଅସୁନ୍ଦର ରୂପ, କତରାଲଗା ଦେହ,
କିଛି ଦିଶୁନି । ତୁ ପୂର୍ଣ୍ଣିମାରେ ଠିଆ-ସୌନ୍ଦର୍ଯ୍ୟର ଉତ୍ସଟିଏ,
ତୋ ନିକଟରୁ ଜହ୍ନକୁ ସୁନେଲି କିରଣର ସ୍ରୋତ, ଆହା !
ସକଳ ଆନନ୍ଦର ଅମରାବତୀ !

ମୁଁ ଗୋଟେ ଅଦ୍ଭୂତ ପାଗଳ । ଭାବୁଛି, ଏ ରାତି ନପାହୁ,
ଦୁଃଖ ଅଛି ବୋଲି ଦିଅଁଙ୍କୁ ଖୋଜୁଛି, ଯନ୍ତ୍ରଣା ଅଛି ବୋଲି
ତତେ, ମୋ ଜିବନ୍ମୃତ୍ୟୁରୁ ଜୀବନ ଖୋଜୁଛି । ସକାଳ
ନହେଉ । ସ୍ୱପ୍ନର ଉତ୍ତାପରେ ସନ୍ତାପହୀନ ମୂର୍ଚ୍ଛନା ।

ନିଜ ଘରକୁ ଠିକଣା ହଜେଇ ଦେଇଥିବା ଫ୍ୟୁଜ ଷ୍ଟେଟର
ମାମୁ ଫେରିଲା ବେଳକୁ ମାଇଁ ମୃତ, ପୁଅର ଜୀବନ
ବିପର୍ଯ୍ୟସ୍ତ, ତଥାପି ସେ ଫେରି ଆସିବାର କି ଅମୂର୍ତ୍ତ ଆନନ୍ଦ,
ମୁଁ ତୋ ନଥିବା ବେଳରେ ବନ୍ଦୀ ହୋଇଯିବାକୁ ଚାହେଁ ।

ସ୍ୱପ୍ନର ବିମଳ ଆନନ୍ଦ ଫୁକିଆ ତରା ପରି ସୁଖସକାଳର
ନୂଆ ଆଶା । ମୁଁ ସେଇଠି ଅଟକି ଯିବାକୁ ଚାହେଁ । ତୁ
ଗୋଟେ ଖୁସି ହେଲେ ତୋ ଅନୁପସ୍ଥିତି ଗୋଟେ ସୁଖ ।
ମୁଁ ସେଇଠି ବଞ୍ଚିବାକୁ ଚାହେଁ ।

♥ କେଶଦୂରାପାଳ, କେଉଁଝର
(ମୋ) ୯୪୩୯୩୭୧୨୦୦

### ମୋ ଭାଗର ଈଶ୍ୱରୀ
**ଡ. ସ୍ୱର୍ଣ୍ଣପ୍ରଭା ଖଟୁଆ**



ବୋଉଲୋ
ମୋ ପୃଥିବୀଟା
ତୋ ପାଦ ଯାଏଁ ଲମ୍ବିଥାଉ
ତୋ ପାଦ ଛୁଇଁ ଦେଲେ
ମୋ ଭାଗ୍ୟ ବଦଳୁଥାଉ ।

ମୋ ଭାଗକୁ ଆମ ଆଜବେଷ୍ଟେ ଘର
ଶିକାରେ ସେମିତି ସାଇତିଥା
ତୁ ଅଛୁ ବୋଲିତ
ମୋ ଇଚ୍ଛା ବୋଲି କିଛି ଅଛି
ମୋ ବିଶ୍ୱାସ ଓ ଭରସା
ମୋ ଭାଗ୍ୟର ଆକାଶରେ
ପଇନ୍ତରା ମାରୁଛି ।

ବୋଉଲୋ
ତୋତେ ମୁଁ ଚିହ୍ନିଛି
ନା ତୋ ଚିହ୍ନା ମୁହଁ
ମୋ ଭିତରେ ମୋତେ ଚିହ୍ନା କରାଉଛି
ତା ତ ମୁଁ ଜାଣେନି
ତୋତେ ଚାହିଁ ଦେଲେ
ଏ ସଂସାରଟା ମୋତେ ସତ ସତ ଲାଗୁଛି ।

ବୋଉଲୋ
କାଗଜ ଡଙ୍ଗାର ଇତିହାସ ବୁଝୁଥିବା ଝିଅକୁ
ଜୀବନ ଡଙ୍ଗାରେ ବସାଇବା କଣ ସହଜ
ତୁ ତ ସବୁବେଳେ କହୁ
ଜୀବନ ହିଁ ମୋହ
ଓ ମୋହ ହିଁ ଜୀବନ ।

ବୋଉଲୋ
ମୋ ଭଙ୍ଗା ହାତରେ
ତୁ ଗଢ଼ିବା ଶିଖାଉ
ସଂପର୍କ ଓ ସଂସାରର ମୋହ ବୁଝାଇ
ବାରବାର ମନ କିଣୁ ।

ବୋଉଲୋ
ତୁ ଅଛୁ ବୋଲିତ
ମୋ ଜୀବନ ମରୁଭୂମିରେ
ମଲ୍ଲି ଫୁଟେ
ବାସ ଚହଟେ ।

ବୋଉଲୋ
ତୋ ମୁଣ୍ଡ ଆଉଁସା
ଆଶିଷ ହୋଇ
ମୋ ଭାଗ୍ୟ ସଜାଡେ
ମୋ ଶୁଖିଲା ମୁହଁରେ
ପୁଲକ ଭରେ ।

ବୋଉଲୋ
ମୋ ଆକାଶରେ ଚାନ୍ଦ ହୋଇ ଥା
ମୋ ଭାଗର
ଅମାବାସ୍ୟାକୁ ଶୋଷି ନେଉ ଥା ।

♥ ଚଣ୍ଡିଖୋଲ, ଯାଜପୁର
(ମୋ) ୬୩୭୧୯୩୭୮୮୪

### ଡାକ
**ସୁଜିତ୍ କୁମାର ମିଶ୍ର**



ଲୁହ ପଖଳା ରାତି
କୋହ ମେଖଳା ଦିନର ଚମକ
ଏ 'ଡାକ' ।

ଆଖି ଆଇନାରେ ସଭିଙ୍କ ସେ ଡାକ
ଅନ୍ତରର ମିଠାକଥା ଅନେକ ।

ସମସ୍ୟାର ବୀଜ ମହାଦ୍ରୁମ
ପାଲଟୁଥିବା ବେଳେ
ସୁଖଦୁଃଖର ସେତୁବନ୍ଧ ଏ ଡାକ,
ଏ ଛାତି ଉଜାଣି ଉଜାଗର
ମୂହୂର୍ତ୍ତ ମୂହୂର୍ତ୍ତ,
ଯେପରି ମୁଠାଏ ସରାଗ
ସାଗରର ଆକର୍ଷଣୀୟ ବିମ୍ବିତ ସ୍ରୋତ ।

ତା ସମ୍ମୋହନ ମନ୍ତ୍ରରେ
ଭିତରର ତାତି ହୁଏ ଶୀତଳ,
ଗୋଟେ କାଠଗଡ ପରି ପଡିଥିବା
ଜୀବନ ଫୁଲ ପରି ବାସେ,
ମାଖିହୁଏ ପ୍ରେମ ଚନ୍ଦନ,
ଡାକ ତ ସଖା ସଖୀଙ୍କ ଆତୁର
ନିବେଦନର ମିଠାଝର ଜଳ ।

ଆଗରୁ ଡାକ ଆସୁଥିଲେ
ପାଦ ଲାଗୁଥିଲା ବିଧୁରା ରାଧାର ପାଦ ଘୁଙ୍ଗୁର,
ମନ ହେଉଥିଲା କଳାକାହ୍ନୁର ବଶୀଭୂତ
ବଂଶୀସ୍ୱନ,
ଅଗଣା ପାଲଟୁଥିବା ତାରାଭରା ଆକାଶ,
ଭାବର ବାର୍ତ୍ତାଳାପ ଭିତରେ
ଆନନ୍ଦ ଲୁହ ଝରା ପାରାବାର,
ଅନ୍ତ ହୁଏ ତମାମ୍ ପ୍ରତୀକ୍ଷା,
ବେଶ୍ ଉଜ୍ଜ୍ୱଳ ଲାଗେ
ଅନ୍ତରଗଂତାର ଘର,
ଲମ୍ବୁଥାଏ ମିଠା କାହାଣୀର ସ୍ୱର ।

ଏବେ ଫେରିଯାଉଛି ଡାକ
କାମନାର ଘୂର୍ଣ୍ଣିଝଡ଼ରେ,
ଲୁହ ସବୁ ପାଣିଚିଆ,
ଲହୁ ସବୁ ଫିକା ରଙ୍ଗ,
ଡାକର ଚାହିଦା ମରଣ ଭେଟୁଛି
ଡହକ ଆଧୁନିକତାର ଛାପରେ ।

ହୃଦୟର ଡାକ ଆଉ କାହିଁ ଯେ
ଡାକ ହେବ ଅତି ଆପଣାର,
ଏଠି ତ ଗୋପନ ବୁଝାମଣାରେ
ମିଛ ଗଳ୍ପ ଆସର,
ଏଠି ଚଞ୍ଚକତାର ମାୟାରେ
ସାଧାସିଧା ଓଠରେ ଛିଞ୍ଚା ଚାଲିଛି
ଜହର ।

ଅପେକ୍ଷାରେ ଡାକକୁ
କେବେ ଭଗ୍ନସ୍ତୂପରେ ଲେଖାହେବ
ବାସ ଚନ୍ଦନର ପ୍ରୀତି,
ପୁଣି ଫେରିବ ସେ ସତସତିକା
ପୁଣ୍ୟର ଫୁଲଫୁଟା ମେଘରାତି ।

ଜୀବନ ପକ୍ଷେ ପୂର୍ଣ୍ଣିମା
ପକ୍ଷେ ଅମେଇସା ବେଳେ
ସତରେ କେତେ ମଧୁର କୁହୁକ
ଏ 'ଡାକ' ।

♥ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

# ଭାଷାର ବିକାଶ ପାଇଁ ଯେତିକି ଉଦ୍ୟମ କରିବା କଥା ଆମେ କରୁନାହାଁନ୍ତି : ଡ଼କ୍ଟର ଶ୍ରୀହରି ଧଳ

**ଡ. ଶ୍ରୀହରି ଧଳ** ଓଡ଼ିଆ କବିତା ଜଗତର ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । କବିତାର ଉତ୍ତରଣ ପର୍ବରେ ପାଠକଙ୍କ ସ୍ମୃତିରେ ସେ ଏକ ପରିଚିତ ବ୍ୟକ୍ତିତ୍ୱ । ତାଙ୍କ କବିତାର ଆପଣାପଣ ଛୁଇଁପାରେ ପାଠକଙ୍କ ହୃଦୟ । ବୈଦ୍ଧିକ ଚେତନା ସହିତ ସୂକ୍ଷ୍ମ ସୌନ୍ଦର୍ଯ୍ୟବୋଧ ତାଙ୍କ କବିତାର ଶ୍ରୀ । "ଯଦି ଓଡ଼ିଆ ଉଚ୍ଚାଙ୍ଗ ସାହିତ୍ୟ ଗୁଡ଼ିକର ଅନୁବାଦ ଅନ୍ୟ ଭାଷାରେ କରାଯାଇ ପାରନ୍ତା ତେବେ ବିଶ୍ୱ ଦରବାରରେ ଆମ ସାହିତ୍ୟ ଅଧିକ ଆଦୃତି ଲାଭ କରନ୍ତା" ବୋଲି ଭାବୁଥିବା କବିଙ୍କ ସହ ଏଥରର ଆଳାପ..

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ ସାହିତ୍ୟର ଏତେ ବିଭାଗ ଥାଉ ଥାଉ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଯାତ୍ରା ?

■■ ଭାବର ଅଭିବ୍ୟକ୍ତି ପାଇଁ ଅନେକ ମାଧ୍ୟମ ଅଛି । କିଏ ସଂଗୀତରେ, କିଏ ରଂଗତୁଳୀରେ, କିଏ କବିତାରେ ଭାବର ପ୍ରକାଶ ପାଇଁ ମାଧ୍ୟମ ବାଛୁଥିବାବେଳେ ମୁଁ ଅନୁଭବ କରିଛି କବିତା ମାଧ୍ୟମରେ ବୋଧହୁଏ ମୁଁ ନିଜର ଭାବକୁ ସହଜ, ସରଳ ଭାବେ ବ୍ୟକ୍ତ କରିପାରୁଛି ଓ ସେଇଥିପାଇଁ କବିତା ଲେଖାକୁ ମୁଁ ମୂଳରୁ ଆଜିଯାଏ ଆପଣେଇ ନେଇଛି । କଲେଜରେ ପଢିଲାବେଳେ ମୋର ଶିକ୍ଷକ ଥିଲେ କବି କମଳାକାନ୍ତ ଲେଙ୍କା । ସେ ଥିଲେ ମୋର ପ୍ରେରଣାର ଉତ୍ସ । ତାଙ୍କ ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ ହୋଇଛି । ପରେ କବି ସରୋଜ ରଂଜନ ମହାନ୍ତି, ରମାକାନ୍ତ ଜେନା ମୋ ସୃଜନ ଯାତ୍ରାର ପ୍ରେରଣାର ଉତ୍ସ ।

■ କେମିତି ଥିଲା ସାହିତ୍ୟ ଜଗତରେ ଆଦ୍ୟ ପ୍ରବେଶର ଅନୁଭବ ?

■■ ମୁଁ ୧୯୭୭-୭୮ରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ (ଯାଜପୁର)ରେ ପଢୁଥିଲାବେଳେ କଲେଜ ମୁଖପତ୍ର ଓ ପ୍ରାଚୀର ପତ୍ରରେ କବିତା ବାହାରୁଥିଲା । ଖୁବ୍ ଉତ୍ସାହିତ କରୁଥିଲେ କମଳାକାନ୍ତ ସାର୍ । ମାତ୍ର ସେହି ସମୟରେ ଏକ ଆଂଚଳିକ ପତ୍ରିକା 'କଳାମାଣିକରେ'ରେ ମୋର ଏକ କବିତା ପ୍ରକାଶ ପାଇଥିଲା । ପରେ ନିୟମିତ ଭାବେ ପ୍ରଜାତନ୍ତ୍ର ସାପ୍ତାହିକ ପତ୍ରିକାରେ ମୋର କବିତା ପ୍ରକାଶ ପାଇଲା, ଯାହାକି ମୋତେ କବି ଭାବେ ଛାତ୍ର ଜୀବନରୁ ହିଁ ପରିଚିତ କରିଥିଲା । ଏହାପରେ ମୁଁ ଆଉ ପଛକୁ ଫେରି ଚାହିଁନି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟ ଗୁରୁ ଭାବେ ଆପଣ କାହାକୁ ସ୍ମରଣ କରନ୍ତି ?

■■ ମୋ ସାହିତ୍ୟ ସାଧନାର ଆଦ୍ୟଗୁରୁ ମୋର ବାପା । ସେ ଥିଲେ ଜଣେ ସାଧୀନତା ସଂଗ୍ରାମୀ । ସେ କବିତା ଲେଖୁଥିଲେ । ପିଲାଦିନେ ତାଙ୍କର କବିତା ପଢିଛି । ସେବେଠୁ ମୁଁ କବିତା ଲେଖିବାରେ ଅନୁପ୍ରାଣିତ ହୋଇଛି । ଡାଏରୀରେ କବିତା ଲେଖି ରଖିଥାଏ । ବାପା ମୋ ଅନୁପସ୍ଥିତରେ ସେ କବିତା ପଢ଼ନ୍ତି । ମୋତେ ଲେଖିବା ପାଇଁ ପ୍ରେରଣା ଦିଅନ୍ତି । ଆଜି ତାକୁ ହିଁ ସ୍ମରଣ କରୁଛି । ମୋ କାବ୍ୟ ସାଧନାର ପ୍ରେରଣାର ଧ୍ରୁବତାରା ହିଁ ମୋ ବାପା ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି କବିତା ଗ୍ରନ୍ଥ ପ୍ରକାଶିତ ? ସେଥିମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ, ଆଉ କାହିଁକି ?

■■ ଏ ଯାବତ୍ ମୋର ବାରଟି କବିତା ଗ୍ରନ୍ଥ ପ୍ରକାଶିତ । ତନ୍ମଧ୍ୟରୁ ଗୋଟିଏ ହିନ୍ଦୀରେ, ଗୋଟିଏ ବଙ୍ଗଳାରେ ଅନୁଦିତ । ଗୋଟେ ଜନ୍ମଦାତ୍ରୀ ପାଖରେ ତାହାର ସବୁ ସନ୍ତାନ ସମାନ । ଠିକ୍ ସେମିତି କାହାକୁ ମୋର ପ୍ରିୟ କହିବି ? ତେବେ ମୋ କବିତା ଗ୍ରନ୍ଥ 'ବୁଝେଇ ଦେବାର ଶୋଷ' ବେଶ୍ ପାଠକୀୟ ଆଦୃତି ଦେଇଥିଲା । ମନେ ଅଛି ଫ୍ରେଣ୍ଡସ୍ ପବ୍ଲିକେଶନ୍ସରେ ବସି ମୋର ଏହି ବହିଟିକୁ ସ୍ୱର୍ଗତ ରଂଜିତ୍ ପଟ୍ଟନାୟକ ମୂଳରୁ ଶେଷ ପର୍ଯ୍ୟନ୍ତ ପଢିନେଲେ, ଆଉ ଖୁବ୍ ପ୍ରଶଂସା କରିଥିଲେ ମଧ୍ୟ । ପରେ 'ଦୃଶ୍ୟହୀନ ଦରଜ', 'ଅସରନ୍ତି ଆଳାପ', 'ଘାଆର ଝୋଟି' ଆଦି ଗ୍ରନ୍ଥ ବେଶ୍ ମୋତେ ସନ୍ତୋଷ ପ୍ରଦାନ କରିଛି ।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କ'ଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚିବ ବୋଲି ଭାବୁଛନ୍ତି ?

■■ ଖୁବ୍ ଆଶାବାଦୀ । ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା । ଏହାର ସାହିତ୍ୟ ମଧ୍ୟ ଖୁବ୍ ସମୃଦ୍ଧ । ଓଡ଼ିଆ ସାହିତ୍ୟରେ ସାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ଉପେନ୍ଦ୍ରଙ୍କ କାବ୍ୟକୃତି ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇଛି । ସୁଖର କଥା ଏବେ ଓଡ଼ିଆ କବିତା ବୋଧହୁଏ ଭାରତୀୟ ସାହିତ୍ୟରେ ସବା ଆଗରେ । ମୁଁ ଭାବେ ଜନଜୀବନ, ସାଧାରଣ ମଣିଷର କଥା ଓ ଭାଷା ସାହିତ୍ୟରେ ରହିଲେ ଏହା ସମସ୍ତଙ୍କ ପାଖରେ ପହଂଚିବ ।

■ କୁହାଯାଇଛି ମାତୃଭାଷା ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ମାତୃଭାଷା ମୋଟେ ସଂକଟରେ ନାହିଁ । ଯେତେ ଦିନଯାଏ ଜଣେ ବି ଓଡ଼ିଆ ଥିବ ସେତେଦିନଯାଏ ମାତୃଭାଷା ବଂଚି ରହିଥିବ । ପରିତାପର କଥା ଆମେ ଗୋଟିଏ ଶାସ୍ତ୍ରୀୟ ଭାଷାର ଅଧିକାରୀ ହୋଇବି ଭାଷାର ବିକାଶ ପାଇଁ ଯେତିକି ଉଦ୍ୟମ କରିବା କଥା ଆମେ କରୁନାହାଁନ୍ତି । ଭାଷା ହେଉଛି ସାହିତ୍ୟର ପକ୍ଷ । ସାହିତ୍ୟ ଭାଷା ମାଧ୍ୟମରେ ଉଜ୍ଜୀବିତ ହୁଏ । ଏଣୁ ସାହିତ୍ୟକୁ ଭଲ ପାଇବା ହିଁ ଭାଷାକୁ ଭଲ ପାଇବା । ସାହିତ୍ୟ ହିଁ ଭାଷାକୁ ସମୃଦ୍ଧି କରିଥାଏ ।

■ ଭଲଏ କବିତାର ସଂଜ୍ଞା କ'ଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ମୁଁ ବୁଝେ ସ୍ମରଣୀୟତା ହେଉଛି ଭଲ କବିତା । ଯାହାକୁ ପାଠକଟିଏ ସବୁଦିନ ମନେ ରଖେ । ସାହିତ୍ୟ ମାଧ୍ୟମରେ ମାନସିକତା ପରିବର୍ତ୍ତନ ହୋଇପାରେ । ହରିଶ୍ଚନ୍ଦ୍ର ନାଟକ, ଭଗବତ୍ ଗୀତା ଗାନ୍ଧିଜୀଙ୍କ ଜୀବନଧାରାକୁ ପରିବର୍ତ୍ତନ କରିଥିଲା । ବିଶ୍ୱ ସାହିତ୍ୟରେ ଅନେକ କାଳଜୟୀ ସୃଷ୍ଟି ଯଥା – ଦି ମଦର୍ ଉପନ୍ୟାସ, ଟମକକାଙ୍କ କୁଟୀର ଜନଜୀବନ ଉପରେ ବେଶ୍ ପ୍ରଭାବ ପକାଇଥିବା ଲକ୍ଷ୍ୟ କରାଯାଏ ।

■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ଭାଷା ସାହିତ୍ୟର ଭବିଷ୍ୟତ ବେଶ୍ ଉଜ୍ଜଳ । ମୁଁ ଭାବୁଛି - ଯଦି ଓଡ଼ିଆ ଉଚ୍ଚାଙ୍ଗ ସାହିତ୍ୟ ଗୁଡ଼ିକର ଅନୁବାଦ ଅନ୍ୟ ଭାଷାରେ କରାଯାଇପାରନ୍ତା ତେବେ ବିଶ୍ୱ ଦରବାରରେ ଆମ ସାହିତ୍ୟ ଅଧିକ ଆଦୃତି ଲାଭ କରନ୍ତା । ସୁଖର କଥା ବହୁ ତରୁଣ, ତରୁଣୀ ଏବେ ସାହିତ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଲେଖନୀ ମଧ୍ୟ ଚାଳନା କରୁଛନ୍ତି । ଆମ ଭଲ ପାଇବା ଭାଷା ଓ ସାହିତ୍ୟ ପ୍ରତି ଅତୁଟ ରହିଲେ ନିଶ୍ଚୟ ଭାଷା ସାହିତ୍ୟର ଭବିଷ୍ୟତ ଉଜ୍ଜଳ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ କହିବେ ?

■■ ପୁରସ୍କାର ପ୍ରୋତ୍ସାହନର ଏକ ମାଧ୍ୟମ ହୋଇପାରେ, ମାତ୍ର ଜଣେ ସାଧକର ସିଦ୍ଧି ନୁହଁ । ମୋ ମତରେ ସାଧନା ଆଗେ ଆଗେ ଚାଲୁ ପୁରସ୍କାର ପଛେ ପଛେ ଆସୁ ଓ ପୁରସ୍କାର ପଛର ଜଣେ ସାହିତ୍ୟିକ ଧାଇଁବା ଉଚିତ୍ ନୁହଁ । ସାଧନାକୁ ମୂଲ୍ୟାୟନ କରି ଯେଉଁଠି ପୁରସ୍କାର ମିଳେ ସେଇଠି ଲେଖକଟିଏ ଆନନ୍ଦ ପାଏ । ଏଣୁ ଲେଖକଟିଏ ସାଧନା କରି ଚାଲୁ । ତାହାର ସାଧନାହିଁ ତାକୁ ଉପଯୁକ୍ତ ପୁରସ୍କାର ଦିନେ ନା ଦିନେ ପ୍ରଦାନ କରିବ । ଜଣେ ସ୍ରଷ୍ଟା ପାଇଁ ବୋଧେ ବଡ଼ ପୁରସ୍କାର ପାଠକର ଗ୍ରହଣୀୟତା ।

❤❤

### ■ ଅକ୍ଷରେ ଡ଼କ୍ଟର ଶ୍ରୀହରି ଧଳ



ଜନ୍ମ - ୨୩ ଜାନୁଆରୀ ୧୯୫୯
ବାପା- କପିଳଚରଣ ଧଳ
ମାଆ- ଡାଳିମ୍ବ ଦେଇ
ଠିକଣା: ତାଉଁତରା, କପାସି, ଚିତାଳୋ, ଯାଜପୁର
(ମୋ) ୮୧୧୭୦୮୧୯୦୬

**ପ୍ରକାଶିତ ପୁସ୍ତକ:**

**କବିତା**


୧- ବୁଝେଇ ଦେବାର ଶୋଷ
୨- ଧୂଳି ଦେଉଳ
୩ -ଶବ୍ଦ ପାରିଧି
୪-ଗୁଣୁଗୁଣୁ ଗୀତ
୫- ଦୋହା
୬- ଫେରିବି ପକ୍ଷୀ ହୋଇ
୭- ପଶୁ ମଣିଷ ସମ୍ବାଦ
୮- ଅସରନ୍ତି ଆଳାପ
୯- ଦୃଶ୍ୟହୀନ ଦରଜ
୧୦- ଘାଆର ଝୋଟି
୧୧- ଶବ୍ଦୋକି ତଲାସ୍ ମେଁ (ହିନ୍ଦୀ)
୧୨- ଦୃଶ୍ୟହୀନ ନଦୀ (ବଙ୍ଗଳା)



ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି ଡ. ଶ୍ରୀହରି ଧଳ...



ବିଷୁବ ପୁରସ୍କାର ଗ୍ରହଣର ମହାର୍ଘ ମୁହୂର୍ତ୍ତ...



ସୁଖୀ ପରିବାର : ପରିବାର ସଦସ୍ୟଙ୍କ ସହ କବି ଡ. ଶ୍ରୀହରି ଧଳ.....





ସମ୍ବର୍ଦ୍ଧିତ ଓ ସମ୍ମାନିତ ହେବାର ସୁଅବସର...

## ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୨୫



**ଆନ୍ ମୋତେ ଦେଖି , ସବୁ ହସଟିଏ ହସି ‘ହାଏ’ କହିଲା । ତାପରେ ନିଜର ଡ୍ରେସ ଉପରେ ଗୋଟିଏ ଫିକା ନୀଳ ରଙ୍ଗର ଆପ୍ରନ ପିନ୍ଧିଲା । ହାତରେ ଗଳେଇଲା ଗ୍ଲୋଭସ । ଦୁଇପଟ ଆପ୍ରନ ପକେଟରେ ରଖିଲା କିଛି ସଫାକରିବା ସାମଗ୍ରୀ ଥିବା ବୋତଲ । ତାପରେ ଲାଗିଗଲା ତା କାମରେ । ‘ସେମାନଙ୍କୁ କିଛି କହିବାକୁ ପଡେନାହିଁ । ସେମାନେ ଖୁବ ପ୍ରଫେସନାଲ ।’ ଝିଅ କହୁଥିଲା ।**

ରବିବାର ସକାଳୁ ଟିକେ ଡେରିରେ ନିଦ ଭାଙ୍ଗିଲା ମୋର । ଗତଦିନର ବୁଲାବୁଲି ଓ ଡେରିରେ ଫେରିବା ଯୋଗୁଁ ସମସ୍ତେ ଥକି ପଡିଥିଲୁ । ମିକି, ଚିକୁ ଉଠିବା ପୂର୍ବରୁ ମୁଁ ଉଠି ସେମାନଙ୍କ ପାଇଁ ଜଳଖିଆ ତିଆରିରେ ଲାଗିଗଲି । ଚିକୁଙ୍କର ଆଳୁପରଟା ଓ ଝିଅର ଚିନିପରଟା। ଝିଅର ଚିନିପରଟା ଭାରି ପସନ୍ଦ। ଚିକୁ କିନ୍ତୁ ଚିନିପରଟା ନାଁ ଶୁଣି ପ୍ରଥମେ ହସିଥିଲେ । “ପରଟା ଭିତରେ ପୁଣି ଚିନି ?”


ଛୋଟବେଳେ ମୋ ପିଲାଙ୍କର ଚିନିପରଟା ଭାରି ପସନ୍ଦ ଥିଲା । “ଆଜି ଦେହ ଭଲନାହିଁ, ଆଜି ଅଫିସ ଯିବାକୁ ଡେରି ହେଇଗଲାଣି, ଭଜା, ତରକାରୀ କରିପାରୁନି । ଚିନିପରଟା କରିଦେଉଛି ଖାଇଦିଅ” କହିଲେ ସେମାନେ ତୁରନ୍ତ ରାଜି ହୋଇଯାଆନ୍ତି । ଏମିତି ବି ଚିନିପରଟା କରିବା ଭାରି ସହଜ ଆଉ ଅଟା ଦଳା ହେଇକି ଥିଲେ ମ୍ୟାଗି ପରି ଟୁ ମିନିଟରେ ରେଡ଼ି । ଟିକେ ବଡ ଅଟାଗୁଳା ନେଇ ତାକୁ ଗୋଲ କରି ବେଲ । ତା ଉପରେ ତେଲ ମାରି ମୋଟା କରି ଚିନି ଲଗାଅ । ଚାରିପଟୁ ଦୁଇଥର ମୋଡି ତାକୁ ଚାରିକୋଣିଆ ଆକାର ଦିଅ । ତାପରେ ତେଲ କିମ୍ବା ଘିଅ ଦେଇ ତାୱାରେ ପରଟା ପରି ସେକ । ଗରମ ହେଲେ ପରଟା ଭିତରୁ ଚିନି ତରଳି ଯାଇ ଚାରିକଡୁ ଟିକେ ପଦାକୁ ବାହାରିଆସିବ । ଆଉ ଗରମ ତାୱାରେ ଭାଜି ହେଇ ଟାଣ ହୋଇଯିବ। ଖାଇଲା ବେଳେ କୁଡୁକୁଡୁ ଲାଗିବ । ବାସ ପ୍ରସ୍ତୁତ ହେଇଗଲା କଡକଡିଆ ଚିନିପରଟା । ଏଠିକି ଆସିଲା ପରେ ମୁଁ ଯେବେବି ରୁଟିପରଟା ପାଇଁ ଅଟା ଦଳେ ଝିଅ ସାଙ୍ଗେ ସାଙ୍ଗେ କହିବ ଗୋଟେ ଗୁଳା ଅଲଗା ରଖିଥିବ । ମୋ ପାଇଁ ଗୋଟେ ଚିନିପରଟା କରିଦେବ । ଆଉ ଭାରି ନଷ୍ଟାଲଜିକ ହେଇ କହିବ, “ଜାଣିଛ ନା ମାମା, ଏଇ ଚିନିପରଟା ଖାଇଲେ ମୁଁ ପୁଣି ଫେରିଯାଏ ମୋର ଅତୀତକୁ । ମୋର ସେଇ ସଢେଇରେ ଭାତ-ତରକାରୀ ରାନ୍ଧିବା ଦିନକୁ। କେତେ ସୁନ୍ଦର ଥିଲା ସେଦିନ ସବୁ । ନା ଚିନ୍ତା, ନା ଦକ । ଜୀବନ ଥିଲା ସରଳ ଓ ସୁନ୍ଦର।’ ତା ଆଖିରେ ଚିକ ଚିକ କରୁଥାଏ ଏକ ବିଲୋଳ ଆନନ୍ଦ।ମୋତେ ଲାଗେ ବେଳେ ବେଳେ ଗୋଟେ ସାଧାରଣ ଚିନିପରଟା ଖାଇବା ଯେତିକି ଆନନ୍ଦ ଦିଏ ସେତିକି ଆନନ୍ଦ ହୁଏତ ଦେଇପାରେନା ଚିକ-ଫିଲ-ଏ ର ପ୍ରସିଦ୍ଧ ଚିକେନ ସ୍ୟାଣ୍ଡୱିଚ କିମ୍ବା ଟାକୋବେଲ ପ୍ରସ୍ତୁତ ସ୍ୱାଦିଷ୍ଟ ଟାକୋ । ଏମିତିରେ ସେମାନେ ରନ୍ଧା ଜଳଖିଆ ଖୁବ କମ୍ ଖାଆନ୍ତି । ଯେମିତି କି ରୁଟି, ପରଟା, ସୁଜି ସିମେଇ କିମ୍ବା ଇଡଲି-ଦୋସା । ଅଧିକାଂଶ ଦିନ ସକାଳ ଜଳଖିଆ ସେମାନଙ୍କର କ୍ଷୀରରେ ପଡିଥିବା ସିରିଏଲ ଓ ନଟ୍ସ, ବସା ଦହି ବା ୟୋଗର୍ଟରେ ବିଭିନ୍ନ କଟାଫଳ ପକେଇ ତିଆରି ହେଉଥିବା ଫ୍ରେଞ୍ଚ ପାରଫେ କିମ୍ବା ଅତି ବେଶୀ ହେଲେ ଆଭାକାଡୋ ଏଗ ସ୍ୟାଣ୍ଡୱିଚ ବା ପନିନି । ଯେହେତୁ ସେଠାରେ ସବୁ କାମ ନିଜେ କରିବାକୁ ପଡେ ତେଣୁକରି ରୋଷେଇର ଏତେ ଆଡମ୍ବର ସେମାନଙ୍କର ନାହିଁ । କମ ସମୟ ମଧ୍ୟରେ ପ୍ରସ୍ତୁତ ହୋଇ ପାରୁଥିବା, ସ୍ୱାସ୍ଥ୍ୟକର ଖାଦ୍ୟ ସେମାନଙ୍କର ବେଶୀ ପସନ୍ଦ ।

‘ଏଇ ଯେଉଁ ସବୁ କାମ ନିଜେ କରିବା’ ଟା ପ୍ରଥମେ ମୋତେ ଭାରି ଅଡୁଆ ଲାଗୁଥିଲା । ସାଧାରଣତଃ ଆମ ଘରମାନଙ୍କରେ ଘର ଝାଡୁପୋଛା, ବାସନମଜା ପାଇଁ ଲୋକ ଥାଆନ୍ତି। କହିବାକୁ ଗଲେ ଆମେ ବୋଧହୁଏ ଏବେ ଯାଏଁ ଭୁଲି ସାରିଲୁଣି ଯେ ଆମ ଘରେ ଝାଡୁପୋଛା, ବାସନମଜା ପରି କାମ ଅଛି ବୋଲି । ଆଉ ଯଦି ବା ଅଛି ତାହା ଯେମିତି ଆମ କାମ ନୁହେଁ, ଅନ୍ୟ କାହାର ବା କାମବାଲିଙ୍କର କାମ । ଆଜିକାଲି ତ ଲୋକମାନେ ରୋଷେଇ ପାଇଁ ମଧ୍ୟ ଲୋକ ରଖିଲେଣି । କାରଣ ଅଧିକାଂଶ ଝିଅ ଆଜିକାଲି ଚାକିରି କରୁଛନ୍ତି । ସାରାଦିନ ବାହାରେ ଯାଇ କାମ କରୁଛନ୍ତି । ଘରକାମ କରିବାକୁ ସେମାନଙ୍କର ସମୟ ନାହିଁ । ହେଲେ ଆମେରିକାରେ ସେକଥା ନାହିଁ। ଭାରତ ପରି ଆମେରିକାରେ ଘରେ କାମ କରିବା ପାଇଁ ଘରୋଇ ସହାୟକ ସହଜରେ ମିଳନ୍ତି ନାହିଁ । ଆଉ ଯଦିବା ମିଳନ୍ତି ତାହା ବହୁତ ବେଶୀ ଖର୍ଚ୍ଚବହୁଳ। ତେଣୁ କରି ସାଧାରଣ ଲୋକେ ନିଜ କାମ ନିଜେ କରନ୍ତି । ଆମ ଦେଶ ଭାରତରେ ଜନ୍ମ ହୋଇଥିବା ପିଲାଙ୍କ ପାଇଁ ଏହା ଏକ କଲଚରାଲ ସକ୍ ବା ସାଂସ୍କୃତିକ ଝଟ୍‌କା ନିଶ୍ଚୟ। ଆମ ଦେଶରେ, ନିମ୍ନ ମଧ୍ୟବିତ୍ତଙ୍କ ଠାରୁ ନେଇ ଉଚ୍ଚ ବର୍ଗର ଲୋକମାନେ ସାଧାରଣତଃ ଘରେ ଘରୋଇ ସହାୟକ



ରଖନ୍ତି । ଯେଉଁମାନେ ଘର ସଫାଠାରୁ ଆରମ୍ଭ କରି ରୋଷେଇବାସ, ଲୁଗାକଚା, ବଗିଚାକାମ ଆଦିରେ ସାହାଯ୍ୟ କରିଥାନ୍ତି । ଆମ ଦେଶରେ ଲୋକ ସଂଖ୍ୟା ଅଧିକ। ତା ସହିତ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ବେଶ ଅଧିକ, ସେଥିପାଇଁ ଅଳ୍ପ ପଇସାରେ ଘରେ କାମ କରିବା ପାଇଁ ଲୋକ ମିଳି ଯାଆନ୍ତି । ଆଉ ଭାରତୀୟଙ୍କ ପାଇଁ ଏହା ଏକ ଷ୍ଟାଟସ ସିମ୍ବଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ଯାହାର ଯେତିକି ରୋଜଗାର ସେଇ ଅନୁସାରେ ଲୋକମାନେ ଘରେ କାମ କରିବାକୁ ଲୋକ ରଖନ୍ତି । କାହା ଘରେ କେବଳ ବାସନସଫା, ଘରଦ୍ୱାର ଓଳାପୋଛା ପାଇଁ ଲୋକ ଥାଆନ୍ତି ତ ଆଉ କାହା ଘରେ ତା ସହିତ ରୋଷେଇ ପାଇଁ ରୋଷେଇଆ ଓ ବଗିଚା କାମ କରିବାକୁ ମାଳୀ ମଧ୍ୟ ଥାଆନ୍ତି । ଆମେ କହୁ ସେମାନେ ଭାରି ପଇସାବାଲା କାରଣ ତାଙ୍କ ଘରେ ଘରକାମ କଥା ଛାଡ ରୋଷେଇବାସ କରିବା ପାଇଁ ବି ଲୋକ ଅଛନ୍ତି । ସେମାନେ ଭାରି ବଡଲୋକ । କିଛି ଲୋକ ଘର କାମ କରିବାକୁ ଏକ ନୀଚକର୍ମ ବୋଲି ମନେକରନ୍ତି । କିନ୍ତୁ ଆମେରିକାରେ ଲୋକ ସଂଖ୍ୟା କମ୍, ଆଉ ସେଥିରେ ଘରୋଇ କାମ ପାଇଁ ସହାୟକ ମିଳିବା କଷ୍ଟକର । ଆଉ ଯଦିବା ମିଳିବେ ତାଙ୍କୁ ଘଣ୍ଟା ପ୍ରତି ଅତି କମରେ ୧୦୦ ରୁ ୧୫୦ ଡ଼ଲାର ଯାଏଁ ଦେୟ ଦେବାକୁ ହୁଏ, ତେଣୁ କରି ସେଠାକାର ଲୋକମାନେ ନିଜ କାମ ନିଜେ କରନ୍ତି । ଆଉ ଛୋଟ ବେଳୁ ସେମାନେ ମିଳିମିଶି ଘର କାମ କରିବାରେ ଅଭ୍ୟସ୍ତ । ଅତି ଜରୁରୀ ହେଲେ ସେମାନେ ମାସରେ ଥରେ/ ଦୁଇଥର କିମ୍ବା ସପ୍ତାହରେ ଥରେ ଘରସଫା ପାଇଁ ଲୋକଙ୍କୁ ଡାକନ୍ତି ଯେଉଁମାନେ ଏହି କାମ କରିବା ପାଇଁ ବିଶେଷ ଭାବରେ ପ୍ରଶିକ୍ଷିତ ।

ଝିଅ ଘରକୁ ପ୍ରତି ମାସରେ ଥରେ ଆନ୍ ବୋଲି ଝିଅଟିଏ ଆସେ ଘରସଫା କରିବା ପାଇଁ। ଆନ୍ ମ୍ୟାକ୍ସିକାନ ଝିଅ । ଆମେରିକାରେ ନିଜର ମାଆ ଓ ଭଉଣୀ ସହିତ ରହେ । ସିଏ ବିଶେଷ ଇଙ୍ଗ୍ଲିଶ କହି କିମ୍ବା ବୁଝିପାରେନା । କେବଳ ଇଂରାଜୀରେ ଗୋଟିଏ ଗୋଟିଏ ଶବ୍ଦ କହେ । ଏଠାରେ ଏପରି ଘରୋଇ ସହାୟକ ଯୋଗାଇ ଦେବା ପାଇଁ ବିଭିନ୍ନ ଏଜେନ୍ସି ରହିଛି । ସେଇ ଏଜେନ୍ସି ମାଧ୍ୟମରେ ତୁମେ ଆନ୍ ପରି ଲୋକଙ୍କୁ ପାଇପାରିବ । ସେମାନେ ଯେତେ ଟଙ୍କା ପାଇବେ ତାର ଏକ ଛୋଟ ଅଂଶ ଯିବ ଏଜେନ୍ସିକୁ । ଥରେ ଆସି କାମ କରି ଗଲା ପରେ ତୁମର କାମ ପସନ୍ଦ ହେଲେ ତୁମେ ତାକୁ ବାରମ୍ବାର ଡାକିପାରିବ ।



ସେଦିନ ସକାଳୁ ସକାଳୁ ଆନ୍‌ର ଆସିବାର ଥାଏ । ଝିଅ ରାତିରୁ କହି ଦେଇଥାଏ , “ମାମା, ସକାଳୁ ଶୀଘ୍ର ଉଠି ରୋଷେଇ ସାରି ଦେବାକୁ ହେବ । ସିଏ ଆସି କୁକିଙ୍ଗ ରେଞ୍ଜ, ମିକ୍ରୋୱେଭ, ଓଭନ ଆଦି ଖୋଲି ସଫାକରିବ । ନଚେତ ସିଏ ସେମିତି ଛାଡିଦେଇ ପଳେଇବ । ମୁଁ ସକାଳୁ ଉଠି ରୋଷେଇବାସ ସାରି ଅପେକ୍ଷା କରିଥାଏ ‘ଆନ୍’, ଆମେରିକୀୟ ଚାକରାଣୀକୁ । ସକାଳ ଦଶରେ ତାର ଆପଏଣ୍ଟମେଣ୍ଟ ଥିଲା । ସିଏ ଆସି ଠଲୁ ବେଲ ବଜେଇଲା । ଏଠାରେ ସିକ୍ୟୁରିଟି ସିଷ୍ଟମ ଖୁବ ଉନ୍ନତ । ଆପାର୍ଟମେଣ୍ଟର ତଳ କାଚ ଗେଟ ସବୁବେଳେ ବନ୍ଦ ଥାଏ । ଭିତରୁ ବାହାରକୁ ଯିବାରେ କିଛି ଅସୁବିଧା ନାହିଁ । କିନ୍ତୁ ବାହାରୁ ଭିତରକୁ ଆସିବାକୁ ହେଲେ ତୁମକୁ କୋଡ ନମ୍ବର ଦେଇ ଭିତରକୁ ଆସିବାକୁ ହେବ । ଅଜଣା ଲୋକ ହେଲେ, ଘର ନମ୍ବର ଚିପିଲେ ଉପରେ ରିଙ୍ଗ ହେବ ଓ ଘର ଭିତରେ ଥିବା ଛୋଟ ସ୍କ୍ରିନରେ ତୁମେ ଦେଖିପାରିବ କିଏ ଆସିଛି । ତାଙ୍କୁ ଯଦି ତୁମେ ଭିତରକୁ ଆସିବାକୁ ଦେବାକୁ ଚାହୁଁଚ ତେବେ, ଘରଭିତରୁ ସେଇ ସ୍କ୍ରିନ ପାଖରେ ଥିବା ବଟନ ଚିପି ଦେଲେ ଗେଟ ଆପଣା ଛାଏଁ ଖୋଲିଯିବ । ସମସ୍ତଙ୍କ ପାଖରେ ତଳ କାଚଗେଟ ଖୋଲିବା ପାଇଁ ଚାବି ଥାଏ । ବାହାରକୁ ଗଲେ ଚାବି ସାଙ୍ଗରେ ନେଇ ଯିବାକୁ ହୁଏ । ନଚେତ ଥରେ ବାହାରକୁ ଗଲେ ଭିତରକୁ ଆସିବା ଅସମ୍ଭବ।

ଆନ୍ ଆସି ପହଞ୍ଚିଲା ଘରେ । ପିନ୍ଧିଥିଲା ଧଳା ଟି’ ସାର୍ଟ , କଳା କ୍ୟାପ୍ରି ପ୍ୟାଣ୍ଟ ଓ କଳା ରଙ୍ଗର ଜୋତା । ସିଏ ଗୋଟେ ଟ୍ରଲିକୁ ଟାଣି ଟାଣି ଆଣିଲା । ଯେଉଁଥିରେ ଥିଲା ଘରସଫା ପାଇଁ ବିଭିନ୍ନ ଜିନିଷ, ଯେମିତିକି ଗୋଟେ ବଡ ଓ ଆଉ ଗୋଟେ ଛୋଟ ଭେକ୍ୟୁମ କ୍ଲିନର, ବ୍ରୁମ ଓ ଡଷ୍ଟପ୍ୟାନ, ବିଭିନ୍ନ ପ୍ରକାର ମପ୍, ଝରକା କାଚ ଓ ସାୱାର କାଚ ସଫାକରିବା ପାଇଁ ସ୍କୁଇଗି, ସ୍କ୍ରବ ବ୍ରସ, ସ୍ପଞ୍ଜ, ଡଷ୍ଟର ଆଦି । ଟ୍ରଲିରେ ଥିଲା ଗୋଟେ ଚଉଡା ମୁହଁ ବାଲା ବକେଟ । ଯେଉଁଥିରେ ଥିଲା କୋଡିଏ ସରିକି ବିଭିନ୍ନ ରଙ୍ଗ ଓ ଆକାରର ପ୍ଲାଷ୍ଟିକ ବୋତଲ । ସେଥିରେ ଥିଲା କାଠ, କାଚ, ଟାଇଲ, ଟଏଲେଟ ପଟ, କିଚେନର ଫ୍ରିଜ, ଓଭନ , ମାଇକ୍ରୋୱେଭ ଆଦି ସଫା କରିବା ପାଇଁ ଭିନ୍ନ ଭିନ୍ନ ତରଳ ପଦାର୍ଥ । ତାଛଡା ସେଥିରେ ଥିଲା ଦୁଇ/ ତିନି ଯୋଡା ଗ୍ଲୋଭସ ।

ଆନ୍ ମୋତେ ଦେଖି , ସବୁ ହସଟିଏ ହସି ‘ହାଏ’ କହିଲା । ତାପରେ ନିଜର ଡ୍ରେସ ଉପରେ ଗୋଟିଏ ଫିକା ନୀଳ ରଙ୍ଗର ଆପ୍ରନ ପିନ୍ଧିଲା । ହାତରେ ଗଳେଇଲା ଗ୍ଲୋଭସ । ଦୁଇପଟ ଆପ୍ରନ ପକେଟରେ ରଖିଲା କିଛି ସଫାକରିବା ସାମଗ୍ରୀ ଥିବା ବୋତଲ । ତାପରେ ଲାଗିଗଲା ତା କାମରେ । ‘ସେମାନଙ୍କୁ କିଛି କହିବାକୁ ପଡେନାହିଁ । ସେମାନେ ଖୁବ ପ୍ରଫେସନାଲ ।’ ଝିଅ କହୁଥିଲା ।

କେତେ ବୟସ ହେବ ଝିଅଟିର । ଏଇ ଚବିଶ / ପଚିଶ ବର୍ଷ । କିନ୍ତୁ ନିଜ କାମରେ ପୁରାପୁରି ଓସ୍ତାଦ । ମେସିନ ପରି କାମ କରୁଥାଏ ଝିଅଟି । ଯେମିତି ଝିଅ ନୁହେଁ ଝିଅ ଚେହେରାର ଗୋଟେ ରୋବର୍ଟ । ଲିକ୍ୱିଡ ପକେଇ ଜିନିଷ ପୋଛୁଥାଏ । ଟଏଲେଟ , ସିଙ୍କ , ବେସିନ ସଫା କରୁଥାଏ । ସାରା ଘର କାର୍ପେଟେଡ ହୋଇଥିବାରୁ ଭେକ୍ୟୁମ କରୁଥାଏ । ରୋଷେଇଘରେ ଥିବା କୁକିଙ୍ଗରେଞ୍ଜର ତେଲିଆ ଅଂଶକୁ ବିଶେଷ ପ୍ରକାରର ଲିକ୍ୱିଡ ପକେଇ ପୋଛୁଥାଏ । ଶେଷରେ ସିଏ ବ୍ୟାକ୍ଟେରିଆ ଓ ଜୀବାଣୁନାଶକ ପକେଇ ସବୁ କିଛି ପୋଛିଲା ଓ ଘରସାରା ରୁମ ଫ୍ରେସନର ପକେଇ ନିଜର କାମ ଶେଷ କଲା । ଏତିକି କାମ ସାରିବା ପାଇଁ ତାକୁ ପ୍ରାୟ ଦେଢ ଘଣ୍ଟା ସମୟ ଲାଗିଲା । ସିଏ ନିଜର ଜିନିଷପତ୍ର ସଜଡାସଜିଡି କରି ସାରିଲା ବେଳକୁ ଝିଅ ତା ଆକାଉଣ୍ଟକୁ ତାର ପାଉଣା ଟ୍ରାନ୍ସଫର କରିଦେଲା। ଚିକୁ ଫ୍ରିଜରୁ କାଢି ଆଣି ଗୋଟେ ଏନର୍ଜି ଡ୍ରିଙ୍କ ବୋତଲ ଦେଲେ ତାକୁ ପିଇବାକୁ। ସିଏ ସୋଫାରେ ବସି ଡ୍ରିଙ୍କ ପିଇଲା ।

ମୁଁ ଚୁପଚାପ ସୋଫାରେ ବସି ଆମେରିକୀୟ କାମବାଲି ‘ଆନ୍’ କୁ ଦେଖୁଥିଲି। କିଏ କହିବ ତାକୁ କାମବାଲି ବୋଲି । ମୋ ମନରେ କାମବାଲିଙ୍କୁ ନେଇ ଥିବା ଭ୍ରାନ୍ତଧାରଣା ପୁରା ବଦଳି ଯାଇଥିଲା । ମୋର ମନେ ପଡୁଥିଲା ଲିଲାମାଆ କଥା ।

ଅନେକ ବର୍ଷ ଧରି ଲିଲାମାଆ କାମ କରୁଥିଲା ଆମ ଘରେ । ବୋଧହୁଏ ମୋ ଜନ୍ମ ପୂର୍ବରୁ । ମୁଁ ଅନେକ ଦିନ ଧରି ଭାବୁଥିଲି ତାର ନାଁ ଲିଲାମାଆ ବୋଲି । ହେଲେ ପ୍ରକୃତ କଥା ହେଲା ଲିଲାମାଆର ଦୁଇଟି ଝିଅ , ବଡ ଝିଅ ଲିଲା ଓ ସାନ ଝିଅ ପଦ୍ମା। ଲିଲାର ନାମ ଅନୁସାରେ ତାର ନାମ ପଡିଥିଲା ଲିଲାମାଆ। ତାର ପ୍ରକୃତ ନାଁ କଣ ସେକଥା କାହାକୁ ଜଣା ନ ଥିଲା । ସିଏ ଥିଲା ସମସ୍ତଙ୍କର ଲିଲାମାଆ। ମୋର, ମାଆବାବାଙ୍କର ଓ ଭାଇର ବି । ଆମେ ସମସ୍ତେ ତାକୁ ‘ଲିଲାମାଆ’ ବୋଲି ଡାକୁଥିଲୁ। ଲିଲାମାଆ ଥିଲା ଛତିଶଗଡି । ତାର ସ୍ୱାମୀ ଠେଲା ଟାଣୁଥିଲା । ବାହାଘର ପରେ କାମ ଆଶାରେ ଆସି ସେମାନେ ରହି ଯାଇଥିଲେ ଏଠାରେ । ଲିଲାମାଆ ବେକରେ କାନରେ, ବେକରେ କିଛି ନ ପିନ୍ଧୁଥିଲେ ମଧ୍ୟ ନାକର ଦୁଇ ପୁଡାରେ କିନ୍ତୁ ପିନ୍ଧୁଥିଲା ଦୁଇଟି ବଟନ ଆକାରର ସୁନା ନାକଗୁଣା ।ତାର ବାପ କୁଆଡେ ତାକୁ ବାହାଘର ବେଳେ ସେଇ ଦୁଇଟି ଦେଇଥିଲା, ଯାହାକୁ ସିଏ ନାକରୁ କେବେ କାଢୁ ନଥିଲା । ଲିଲାମାଆ ବାସନ ମାଜିଲା ବେଳେ ସୂର୍ଯ୍ୟକିରଣ ପଡି ତାର ନାକର ଗୁଣା ଚିକ୍ ଚିକ୍ କରୁଥିଲା । ସିଏ ସକାଳସନ୍ଧ୍ୟା ଦୁଇ ଓଳି ଆସୁଥିଲା କାମ କରିବାକୁ । ବାଡିପଟେ ଥିବା ସିମେଣ୍ଟ କୁଣ୍ଡ କଡରେ ବସି ସିଏ ପାଉଁଶରେ ସର୍ଫଗୁଣ୍ଡ ମିଶେଇ ନଡିଆକତାରେ ବାସନ ମାଜୁଥିଲା । କଳା ପଡି ଯାଇଥିବା କଡେଇକୁ ଖଣ୍ଡେ ଭଙ୍ଗା ଇଟାରେ ଘଷି କଳା ଛଡଉଥିଲା । ସିଏ ଏତେ ଜୋରରେ ଘଷି ସଫା କରୁଥିଲା ଯେ ସିଲଭର କଡେଇସବୁ ରୂପା ପରି ଝଟକୁଥିଲା । ବାସନ ମାଜି ସାରି ସିଏ ଘର ଝାଡୁପୋଛା କରୁଥିଲା । ତାପରେ ଲୁଗାକାନିରେ ହାତ ପୋଛି ସିଏ ବସି ଯାଉଥିଲା ବାରଣ୍ଡାର ଗୋଟେ କୋଣରେ । ମାଆ ନିଜ ପାଇଁ ଓ ଲିଲାମାଆ ପାଇଁ ଚା’ ତିଆରି କରୁଥିଲେ । ନିଜେ ଗୋଟେ କପରେ ଚା’ ନେଇ ଲିଲାମାଆ ହାତକୁ ବଢେଇ ଦେଉଥିଲେ ଦୁଇ ଖଣ୍ଡ ବାସି ରୁଟି ଓ କପେ ଚା’ । ଲିଲାମାଆ ରୁଟିକୁ ଚାହାରେ ବୁଡେଇ ପରମ ତୃପ୍ତିରେ ଖାଉଥିଲା । ଖାଉ ଖାଉ କହୁଥିଲା ତା ବର କେମିତି ହରେକ ଦିନ ମଦ ପିଇ ରାତିରେ ଘରକୁ ଫେରୁଛି । ତାକୁ ପିଟାମରା କରୁନି ସିନା ହେଲେ ଯେତେ ଯେଉଁଠି ପଇସା ଲୁଚେଇ ରଖିଲେ ବି ତାକୁ ଚୋରି କରି ନେଇ ମଦ ପିଇ ଦେଉଛି । ବଡ ନଣନ୍ଦକୁ ତାର ସ୍ୱାମୀ ଛାଡିଦେଇଛି । ସିଏ ଦୁଇଟି ପିଲାଙ୍କୁ ନେଇ ଆସି ରହୁଛି ଏବେ ତା ପାଖରେ । ଏ ମହଙ୍ଗା ଯୁଗରେ ଏତେଗୁଡାଏ ଲୋକଙ୍କୁ ଚଳେଇବା କଣ କମ କଷ୍ଟକର । ଏବେ ଏବେ ତାକୁ ସେଇ କୋଣମୁଣ୍ଡ କ୍ୱାର୍ଟରରେ ରହୁଥିବା ସିଂ ଦିଦି ଘରେ କାମରେ ଲଗେଇ ଦେଇଛି । ତା ପିଲା ଦୁଇଜଣ ବି ମୋ ପିଲାଙ୍କ ସହିତ ଏବେ ସରକାରୀ ସ୍କୁଲକୁ ଯାଉଛନ୍ତି । ଆସନ୍ତା ମାସକୁ ମୋତେ ଦୁଇଶହ ଟଙ୍କା ଅଧିକ ଦେବ ଦିଦି । ଧୀରେ ଧୀରେ କରି ସୁଝିଦେବି । ଶାଶୁକୁ ଡାକ୍ତର ଦେଖେଇବାକୁ ହେବ । ବୁଢୀର ସବୁବେଳେ ପେଟ ମାରୁଛି । ବିଚରା ଭାରି କଷ୍ଟ ପାଉଛି । ବୁଢୀ ପୁଅ ଜନ୍ମ କରିଛି ସିନା। ହେଲେ ସେ ପୁଅ ବି ମାଆ ମୁହଁକୁ ଚାହୁଁନି । ହେଲେ ମୋ ମନ ଥୟ ଧରୁନି । ଏମିତି କେତେ କେତେ କଥା କହୁଥାଏ ଲିଲାମାଆ ମାଆ ଆଗରେ । ମାଆର ଦେହମୁଣ୍ଡ ହେଲେ ସୋରିଷତେଲ ଫୁଟେଇ ଘଷାମୋଡା କରିଦିଏ । ମାଆ ଯେତେ ନାଇଁ ନାଇଁ କଲେ ଶୁଣେନି । କି ଏକ ଅନାମିତ ସମ୍ପର୍କରେ ଯେମିତି ଯୋଡି ହୋଇଥାନ୍ତି ଦୁହେଁ।

ଘରର କବାଟ ଖୋଲିବା ଶବ୍ଦରେ ମୋର ତନ୍ଦ୍ରା ଭଙ୍ଗ ହେଲା । ଆନ୍ ହାତ ହଲେଇ, ‘ବାଏ ଗାଏଜ୍’ କହି ସଦର ଦରଜା ଦେଇ ପଦାକୁ ବାହାରି ଯାଉଥିଲା ।

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ପଢିବା ପରେ

# ସିନ୍ଧୁଏ ଅନୁଭୂତିର ଇସ୍ତାହାର : ପ୍ରେମାନନ୍ଦଙ୍କ ‘ବିନ୍ଦୁଏ ବ୍ରହ୍ମାଣ୍ଡ’

ନିଜ ଅନୁଭୂତିର ତୃତୀୟ ନୟନରେ କବି ଦେଖେ ଏ ପୃଥିବୀକୁ। କେବଳ ଦେଖେନାହିଁ ନୀରିକ୍ଷଣ କରେ। ଅନ୍ୱେଷଣ କରେ ଏବଂ ପ୍ରତ୍ୟକ୍ଷ କରେ ଚରିତ୍ରମାନଙ୍କୁ। ଜୀବନକୁ ଭୋଗୁଥିବା, ଜୀବନକୁ ଜିଉଁଥିବା ମଣିଷମାନେ କବିଙ୍କୁ ଏତେ ମାତ୍ରାରେ ଆଚ୍ଛନ୍ନ କରନ୍ତି ଯେ କବି ସେମାନଙ୍କୁ ସାଉଁଟିନିଏ ନିଜ ଶବ୍ଦରେ, ନିଜ ଭାବରେ। ତାଙ୍କ ପାଇଁ ସମାଧିସ୍ଥ ହୁଏ ଏବଂ ସେମାନଙ୍କୁ ଜୀବନ୍ୟାସ ଦିଏ ନିଜ କବିତାରେ। ସେମାନଙ୍କୁ ଅବିକଳ ଏ ମାୟାଘେରା ସଂସାରରେ ସମସ୍ତ ପାପ-ପୁଣ୍ୟ, ସୁଖ-ଦୁଃଖ ଓ ସ୍ୱର୍ଗ-ନର୍କ ସହ ମଧ୍ୟ ଯୋଡି ଦିଅନ୍ତି କବି। ଚରିତ୍ରଗଠନ କଲାବେଳେ ହାରିବା ଜିତିବାର ଭୟ କି ଆଶଙ୍କା ଆଚ୍ଛନ୍ନ କରିପାରେ ନାହିଁ କବିଙ୍କୁ। କରୁଥିଲେ କବି କେବଳ ଚରିତ୍ରମାନଙ୍କୁ ନେଇ ‘ବିନ୍ଦୁଏ ବ୍ରହ୍ମାଣ୍ଡ’ ଗଢ଼ିବାର ସ୍ୱପ୍ନ ଦେଖିପାରିନଥାନ୍ତେ କି ସ୍ୱପ୍ନକୁ ସାକାର କରିପାରିନଥାନ୍ତେ।

‘ବିନ୍ଦୁଏ ବ୍ରହ୍ମାଣ୍ଡ’ କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କର ଚତୁର୍ଥ କବିତା ସଂକଳନ। ଏହା ପୂର୍ବରୁ ‘ନିରୁଦ୍ଦିଷ୍ଟ ସୂର୍ଯ୍ୟର ଠିକଣା’, ‘ଫୁଟା ଚାଳଘରୁ ଜହ୍ନର ଦୃଶ୍ୟ’ ଓ ‘ସାତଭାୟା’ ନାମରେ ତିନୋଟି କବିତା ସଂକଳନ ପ୍ରକାଶିତ। ବହିର ଆରମ୍ଭରେ କବି ସ୍ୱୟଂ ସ୍ୱୀକାର କରିଛନ୍ତି ଯେ, ‘ମୋ ‘ସାତଭାୟା’ କବିତା ସଂକଳନ ପ୍ରକାଶିତ ହୋଇଥିଲା ବାରବର୍ଷ ତଳେ। ସଂକଳିତ କବିତା ଗୁଡ଼ିକ ପାଇଁ ଓଡ଼ିଶାର ଅଗଣିତ ପାଠକ ପାଠିକାମାନଙ୍କ ଠାରୁ ମିଳିଥିଲା ଢ଼େର୍ ଶ୍ରଦ୍ଧା ଓ ସମ୍ମାନ। ସେତେବେଳେ ମନକୁ ଆସିଥିଲା ଆହୁରି ଅନେକ ଲେଖା ଲେଖି ହୋଇପାରିଥାନ୍ତା ସାତଭାୟାକୁ ନେଇ। ସତେ ଯେମିତି ଅନେକ କଥା ଅକୁହା ହୋଇ ରହିଯାଇଛି। ଥରେ କଥା ପଡୁ ପଡୁ ଓଡ଼ିଶାର ବିଶିଷ୍ଟ କଥାକାର ଓ ଚିତ୍ରଶିଳ୍ପୀ ପ୍ରଫେସର ଅତୁଲ ବଳ ମୋତେ କହିଥିଲେ, ତୁମେ ହିଁ ପାରିବ ତମ ମନର ଅବଶୋଷକୁ ଦୂର କରି। ‘ସାତଭାୟା’ ବହିରେ ତୁମେ ଜଗାଦାସକୁ ସାକ୍ଷୀରଖି କହିଚାଲିଛ ସାତଭାୟାର ଅତୀତ ଓ ବର୍ତ୍ତମାନକୁ। ଏବେ ଏମିତି କର- ସାତଭାୟାର ଚରିତ୍ରମାନଙ୍କୁ ଚିହ୍ନାଅ କବିତାରେ। ସେମାନଙ୍କଠାରୁ ଜାଣିହେଉ ଅବଶିଷ୍ଟ ସାତଭାୟାର କଥା।”


“ବିନ୍ଦୁଏ ବ୍ରହ୍ମାଣ୍ଡ’ରେ ସାତଭାୟାର ଚିତ୍ର ବହନ କରୁଥିବା ଚରିତ୍ରମାନେ କାଳ୍ପନିକ ହେଲେ ବି ଛୁଇଁଯାନ୍ତି ହୃଦୟ। ସେଇଥିପାଇଁ କୁହାଯାଏ କବିଟିଏ ଦ୍ୱିତୀୟ ଈଶ୍ୱର, ଯିଏ ସୃଜିପାରେ ଚରିତ୍ର, ଦେଇପାରେ ଜୀବନ୍ୟାସ। କବି ପ୍ରେମାନନ୍ଦ ଖଣ୍ଡୁଆଳ ସେମିତି ଜଣେ କବି ଯିଏ ଦେଖିପାରନ୍ତି ନୂତନ ପୃଥିବୀ ଗଢିବାର ସ୍ୱପ୍ନ। ମଣିଷମାନଙ୍କ ଭିତରେ ଦେଖିପାରନ୍ତି ଅନୁଭବର ମର୍ମବେଦନା, ଯାହା ଅଭିବ୍ୟକ୍ତିର ଅନୁଚିନ୍ତାରେ ଲାଗେ ଅନନ୍ୟ।

ସେ ଲେଖନ୍ତି-

“କାଉ କା’ କହିବା ଆଗରୁ
ନଈପଠା ଆଡ଼କୁ ଲମ୍ଫିଥିବ
ଛୋଟାଦା’ର ଗୀତ...
+ + + +
ଛୋଟା ଦା’ ପିଲାଦିନୁ
ପୋଲିଓରେ ଛୋଟା
ବାହା ହବନି ହବନି
ବାହାହେଲା ତେରସ୍ତା
+ + + +
ଛୋଟାଦା’ ଧର୍ମ ଜାଣେନି
ଅଧର୍ମ ଜାଣେନି
ଜାଣେ ମାଟିକୁ, ଆକାଶକୁ
ନଈକୁ, ଗଛବୃଛକୁ
ଏ ସବୁଙ୍କୁ ନେଇ ମନଗଢ଼ା ଗୀତ ଗାଇଥାଏ
ଖୁଡ଼ି ବୁଦ୍ଧିରେ ଗଛ ଚଢ଼େ
ଛୋଟା ଗୋଡ଼ରେ ପାହାଡ଼ ଚଢ଼ିବାକୁ
ଅଣ୍ଟାଭିଡ଼େ।” (ଛୋଟାଦା’)

କବିଙ୍କର ଏ ସ୍ୱର ସହୃଦୟ ସମ୍ବେଦନଶୀଳ ପୁଣି କୋମଳ। ଏଇଥିରୁ ସହଜରେ ବାରି ହୋଇପଡ଼େ କବିଙ୍କର ସ୍ୱତନ୍ତ୍ର ବ୍ୟକ୍ତିତ୍ୱ। ମନେହୁଏ ସ୍ନେହର ଦୁଇବାହୁ ପ୍ରସାରି, ପ୍ରଜାପତିକୁ ଡାକିବା ପରି, ଆକାଶର ଜହ୍ନକୁ ଡାକିବା ପରି କବି ଡାକିଛନ୍ତି ତାଙ୍କର କବିତାର ଚରିତ୍ରମାନଙ୍କୁ ଭାରି ସ୍ନେହରେ, ପ୍ରେମରେ। ନହୋଇଥିଲେ କବିତାରେ ଦିଶୁନଥାନ୍ତା ଜୀବନ ବୋଧର ଅପୂର୍ବ ଦ୍ୟୁତି।

“ରଂଜନ ବାଇ ଯୁଝେ







ବେଳେବେଳେ ଚିତପଟାଙ୍ଗମାରେ ସମୟ ତ
ବେଳେବେଳେ ନିଜେ
ଯୋଡ଼େ ଇଟା, ଯୋଡ଼େ ଶବ୍ଦ
ଯୋଡ଼େ ସମୟ, ଯୋଡ଼େ ହୃଦୟ।
(ରଂଜନ ବାଇ ଗୋଟେ କବିତାର ନାଁ)
+ + + + + + + +
ସତରେ ଅଭି ଚାଲିଗଲା
କୋଉଠି ଲୁହଟୋପାଏ ଗଡୁ ନଗଡୁ
କୋଉଠି ଶୋକସଭାଟେ ହଉ ନ ହଉ
କୋଉଠି ଫୁଲ ତୋଡ଼ାଟେ ପଡୁ ନ ପଡୁ
ଅଭି ଚାଲିଯିବାଟା ସତ
ତା’ ଛାଇରେ ଇତିହାସଟେ ଥିବା ସତ
ତା ବେପରୱା କଥାରେ
କିଛି ଭାବିଥିବ ସତ
ହଂସୁଆ ନଈର ଛଳଛଳ ପାଣିରେ
ତା’ ପ୍ରତିବିମ୍ବ କେବେ ନା କେବେ
ପଡ଼ିଥିବା ସତ,
ରାଜନଗରର ପ୍ରତି ଇଂଚ ମାଟିରେ
ତା ଉପସ୍ଥିତି ଥିବା ସତ।
(ଅଭି: ପେପରବାଲା)
+ + + + + + + +
ବ୍ୟସ୍ତ ହେବୁନି ଲକ୍ଷୀ ନାନୀ
ଦୀନା ଭାଇ ଯାଇଛି ମାଳିଅଞ୍ଚ
ଝିଅ ପାଇଁ ଆଣିବ ରାଜାପୁଅର ଠିକଣା
ତୋ ପାଇଁ ଗାମୁଛାଏ ସ୍ୱପ୍ନ
ଠାକୁରଙ୍କ ପାଇଁ ସାତଦୀପ
ବାପାଙ୍କ ସମାଧି ପାଇଁ
ଅଗୁରୁ ଚନ୍ଦନ।
(ବ୍ୟସ୍ତ ହବୁନି ଲକ୍ଷୀନାନୀ)
+ + + + + + +
ଅଜୟ ପାତ୍ର ତ୍ରିକୂଟରେ ଘୁରୁଚି ଗୋବରୀ
ଘୁରୁଚି ନାବକେଳି,
ବୋହୂଚୋରୀ, ବାଡ଼ି ବରକୋଳି
ବାଉନବର୍ଷ ପଛକୁ ଫେରଉଚି ବୟସ
ସେ ସେମିତି ବସିଥାଉ
ଓଳାଶୁଣି ପାହାଡ଼ ସେପାଖେ
ତଳକୁ ଖସି ପଡୁଚି ସୂର୍ଯ୍ୟ ବାକି ଅଂଶ।
(ବସି ଥାଉ ଅଜୟ ପାତ୍ର)
+ + + + + + + + +
ସର ଅପା ଆସିଛି ଏତେ ଦିନ ପରେ
କହୁଛି ଗାଁ ଝିଅଙ୍କୁ ଭର୍ତ୍ତି କରିବ କମ୍ପାନୀରେ
ବୋଝେ ଗହଣା ଖଂଜିଛି ଦେହସାରା...
(ସର ଅପା)

କବିତା ସାଧାରଣ ପାଠକମାନେ ବୁଝିପାରିବା ପରି ହେବାକୁ ହେଲେ ତାହା ସାଧାରଣ ମଣିଷଙ୍କ କଥା ହିଁ କହିବ। ସେଇଥିପାଇଁ କବି ପ୍ରେମାନନ୍ଦ ଖଣ୍ଡୁଆଳ କବିତାର ଚରିତ୍ର କରିଛନ୍ତି ଛୋଟା ଦା’ଙ୍କ ଠାରୁ ଆରମ୍ଭ କରି ବିଦା ମଳିକ, ବୁଲି ଭାଉଜ, ରଂଜନବାଇ, ଅଭି, ମଧୁ ଜେନା, ଲକ୍ଷୀ ନାନୀ, ଧନୀ ଦାସ, ନୁର ଭାଇ, ଅଜୟ ପାତ୍ର, ସର ଅପା, ବଙ୍କିମ ମାଇତି, ବୁରୁନ୍ଦା ତରେଇ, ପିତେଇ ମଳିକ, ସୁର ସାହୁ, ଗୋବିନ୍ଦ ସୂତାର, ମାଳ ଅପା, ଫଂଚୁ ଦାସ, ସନା ପଡ଼ିହାରୀ, ଗୋଲେଖ ବରାଳ, ଶୁଭାନନ୍ଦ, ନବଘନ, ଚରଣ ଦାସ, ରଘୁ ପଡ଼ିହାରୀ, ଶୁକ ସାର, ମଦନ ଧଳ, ବାବାଜୀ ବିଶ୍ୱାଳ, ବାନାମ୍ବର, ଦୁଃଖୀ ମାମୁ ଯାଏ।

କୋଉଠି କିଏ ରକ୍ତକୁ ପାଣି କରୁଥାଏ ତ ଆଉ କାହାର ମୁଣ୍ଡ ଭିତରେ ଘୁରୁଥାଏ ଯାବତ ଜଞ୍ଜାଳ। କାହାର ଅଭାବରୁ ସ୍ୱଭାବ ନଷ୍ଟ ହେଉଥାଏ ତ କିଏ ଗୁଣିଆଠାରୁ ନେଉଥାଏ ଦିହକିଳା ମନ୍ତ୍ର। କୋଉଠି ସମୁଦ୍ର ରଡ଼ିରେ ଧସି ପଡ଼ିଲାଣି ସାତଖଣ୍ଡ ଗାଁ ତ କୁମ୍ଭୀରର ଦାନ୍ତ ପରି ସମୟ ଓ ଘାଇଲା ଅହିରାଜ ପରି ଜନଗଣମନ।

ସବୁଠି ଦିଶେ ଗୋଟେ ଚିତ୍ର, ସବୁଠି ଦିଶେ ଗୋଟେ ଚରିତ୍ର। ଚିତ୍ର ଚରିତ୍ର ଚିତ୍ରଣରେ କବି ପ୍ରେମାନନ୍ଦ ଖଣ୍ଡୁଆଳ ହିଁ ଗଢ଼ିପାରନ୍ତି ‘ବିନ୍ଦୁଏ ବ୍ରହ୍ମାଣ୍ଡ’ ଯୋଉଥିରେ ସିନ୍ଧୁଏ ଘଟଣାବଳୀ ପାଠକ ମନରେ ଛାପ ଛାଡ଼ିପାରେ ସ୍ପଷ୍ଟ ଭାବରେ। କୁହାଯାଏ ଯନ୍ତ୍ରଣା ନଥିବା ପ୍ରେମ ଅସମ୍ପୂର୍ଣ୍ଣ। ଯନ୍ତ୍ରଣା ନଥିବା ଜୀବନର ମୂଲ୍ୟ କଳନା କରାଯାଏନି। କବି ପ୍ରେମାନନ୍ଦଙ୍କ କବିତାରେ ଜୀବନ ଅଛି, ଅଛି ଯନ୍ତ୍ରଣା। ଜୀବନକୁ ଯନ୍ତ୍ରଣା ସହ ସଜାଡ଼ି ସେ ସେଥିରେ ଭରିଛନ୍ତି ଯେଉଁ ସମ୍ବେଦନାର ରଂଗ, ତାହା କବିତାକୁ କରିଛି ସତରେ ଅନନ୍ୟ।

ନିଜ ଅନୁଭୂତିର ନୟନାଲୋକରେ କବି ଯେଉଁ ବ୍ରହ୍ମାଣ୍ଡ ଗଢ଼ିଛନ୍ତି ତାହା ପାଠକଙ୍କୁ କେବଳ ବିସ୍ମିତ କରିନାହିଁ ଅଧିକନ୍ତୁ କରିଛି ଆମୋଦିତ ଓ ଆହ୍ଲାଦିତ। କବିଟିଏ କେବଳ ମାତ୍ର ଶବ୍ଦକୁ ଶବ୍ଦରେ ଯୋଡ଼ି କବିତା ଲେଖେନାହିଁ ବରଂ ପ୍ରତିନିୟତ ସାମ୍ନା କରେ ଜୀବନର ଯୁଦ୍ଧକୁ, ସନ୍ଧିକୁ, ସାଇତି ରଖେ ବିଦ୍ରୋହକୁ ବିଳାପକୁ ।

କବିଟିଏ ଦେଖେ କୋଳରେ ତିନିବର୍ଷର ବାପ ଛେଉଣ୍ଡ ଛୁଆ, ଦୁଆରେ ଷାଠିଏ ବର୍ଷର ବିଧବା ଶାଶୁ। କିନ୍ତୁ ଆଶ୍ୱାସନାର ଧାଡ଼ିଟିଏ ଉତୁରି ଆସେ କଲମରୁ ‘ଅଂଧାରକୁ ଚଳୁକରି/ ସୁନାରଂଗ ସୂର୍ଯ୍ୟଖିଏ/ ହାତ ଆଉଁସିବ/ ରହିଥା... ଦେଖିବୁ।

(ଦୁଃଖ କରିବୁନି ଝିଅ)

କବିତା ଗୋଟେ କଅଁଳ ଉଚ୍ଚାରଣ। ସମ୍ବେଦନଶୀଳତା ତାର ଧର୍ମ। କବିତାର କୁହୁତାନ ସନ୍ତାପିତ ପ୍ରାଣକୁ ଶୀତଳ କରେ। କବିତା ଥାଏ ଆତ୍ମୀୟତା ଭିତରେ। ଚିରକାଳ ଜୀବନ ଓ ସମାଜକୁ ଆସ୍ଥାଶୀଳ କରିବାରେ କବିଟିଏ ନିର୍ବାହ କରୁଥାଏ ତା ଦାୟିତ୍ୱ। କବିଟିଏ ଯୋଗୁ ମନେହୁଏ ଏ ପୃଥିବୀ ଖୁବ୍ ସୁନ୍ଦର। କାରଣ ସ୍ନେହ ଶ୍ରଦ୍ଧା, ଆପଣାପଣ ଓ ନିଃସର୍ତ୍ତ ଭଲପାଇବା ଦେଇ ସେ ହିଁ ଗଢୁପାରେ ଜୀବନ୍ତ ଲାଗୁଥିବା ପିତୁଳା ଯାହାପାଇଁ ସୂର୍ଯ୍ୟ ବୁଣେ ପ୍ରଥମ ମୃରୁଜ, ପକ୍ଷୀଙ୍କ କଣ୍ଠରୁ ଶୁଭେ ସୁମଧୁର କାକଳି।

ସମୟକୁ ସମୟାନ୍ତର ସହ ଯୋଡ଼ି ଛାଇ ଆଲୁଅର କିମିଆ ଭିତରେ ଜୀବନକୁ ବୁଝି, ପରଖି, ଗଢ଼ି ଦେବାର କ୍ଷମତା ରଖୁଥିବା କବିଟିଏ କବିତାରେ କନ୍ଦାଇଦେଇ ପାରେ ପାଠକଙ୍କୁ। କବି ପ୍ରେମାନନ୍ଦ ଖଣ୍ଡୁଆଳ ସେମିତି ଜଣେ ଅନୁଭବୀ କାବ୍ୟଶିଳ୍ପୀ, ଜଣେ ବିଭୋର ଆତ୍ମାର ମଣିଷ । ଜୀବନ ପ୍ରତି ତାଙ୍କର ଅଭିନବ ଦୃଷ୍ଟିଭଂଗୀ, ମାଟି ମଣିଷ ପ୍ରତି ସମ୍ବେଦନାର ମନ୍ତ୍ର, ଆପଣା ଜୀବନାନୁଭୂତିର ଅନେକ ସଂଗୁପ୍ତ ରହସ୍ୟ ତାଙ୍କ କବିତାରେ ପ୍ରତିଧ୍ୱନିତ । ତାଙ୍କର ରଚିତ ‘ବିନ୍ଦୁଏ ବ୍ରହ୍ମାଣ୍ଡ’ର ସମସ୍ତ କବିତା ପାଠକଙ୍କ ହୃଦୟକୁ ଛୁଇଁ ପାରିବାର କ୍ଷମତା ରଖିଛି। ସଂକଳନଟି ବେଶ୍ ସୁଖପାଠ୍ୟ । ♥

♥ ସମୀକ୍ଷା : ସୈରିନ୍ଧ୍ରୀ ସାହୁ
ଦେବଶ୍ରୁତି ନିବାସ, ଜେଲରୋଡ ବାଲେଶ୍ୱର-୧
(ମୋ) ୯୩୩୭୭୩୭୦୫୩



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୯ ଜୁନ୍ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

୬ ରବିବାର ଚିଠିନି ସାପ୍ତାହିକ କ୍ରୋଡ଼ପତ୍ର


# ମୋର ଦ୍ୱିତୀୟ ଜନ୍ମତୀର୍ଥ: ବ୍ୟାସଭୂମି ବାଲେଶ୍ୱର


♥ ପ୍ରଫେସର ମଣୀନ୍ଦ୍ର କୁମାର ମେହେର




**ବେଦନାଦାୟ ବିଦାୟ:**

ଦୁଇବର୍ଷ ତଳେ ଠିକ୍ ଏହିପରି ଜୁନ୍ ୩୦ ତାରିଖ ଦିନ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ବିଦାୟ ସମ୍ବର୍ଦ୍ଧନା ଗ୍ରହଣ କରୁଥିଲି । ମୁହଁରେ ଲାଖି ରହିଥିଲା ସ୍ମିତହାସ୍ୟ । ମାତ୍ର ମୋ ହୃଦୟର ପ୍ରତିଫଳନ ଦେଖୁଥିଲି ପ୍ରିୟ ଛାତ୍ରଛାତ୍ରୀମାନଙ୍କ ଚଳଚଳ ଆଖିରେ । ସେମାନେ ଭାବାବେଗରେ ଅଭିଭୂତ ହୋଇ ପୋଛୁଥିଲେ ମୋ ଆଖିକୁ । ଅଥଚ ଲୁହ ଝରୁଥିଲା ସେମାନଙ୍କର ଆଖିରୁ । କେବେବି ଭାବି ପାରିନଥିଲି ଯେ ଫକୀରମୋହନ ବିଶ୍ୱବିଦ୍ୟାଳୟ ଭାଷା ସାହିତ୍ୟ ବିଭାଗରେ ପ୍ରଫେସର ଭାବରେ ଯୋଗଦାନ କରିବି । ବିଭାଗ ମୁଖ୍ୟ ରୂପରେ କର୍ତ୍ତବ୍ୟ ସମାଧନ କଲି ଦୁଇବର୍ଷରୁ ଊର୍ଦ୍ଧ୍ୱକାଳ ।

ଦାୟିତ୍ୱ ହସ୍ତାନ୍ତର କରିସାରିଥିଲି । ଜାଣିଥିଲି ଯେ ଅତିଶୀଘ୍ର ନିକଟରେ ହୋଇ ଆସିବ ଜୁନ୍ ୩୦ ତାରିଖ । ତେବେ ବି ମୁଁ ଯେ ବାଲେଶ୍ୱରକୁ ଛାଡ଼ି ଚାଲି ଆସିବି ଏକଥା କଳ୍ପନାରେ ସୁଦ୍ଧା ଭାବି ପାରୁନଥିଲି । ଛାତ୍ରଛାତ୍ରୀ ପ୍ରିୟ ସହକର୍ମୀ, ସର୍ବୋପରି ସମ୍ମାନୀୟ କୁଳପତି ସାରଙ୍କ ଠାରୁ ବିଦାୟ ନେଇ ଆସିବାର ଲଗ୍ନଟି ଏକ ବ୍ୟଥାଭରା ବଂଶୀଧ୍ୱନି ସୃଷ୍ଟି କରିଥିଲା ଅନ୍ତର ଭିତରେ ଓ ବାହ୍ୟ ବାତାବରଣରେ ମଧ୍ୟ । ସମସ୍ତଙ୍କ ପ୍ରତି କୃତଜ୍ଞତାରେ ଭରିଯାଇଥିଲା ଜୀବନ ପାତ୍ର ।

**ବ୍ୟାସବିହାର ଅଭିମୁଖେ ପ୍ରଥମ ଯାତ୍ରା:-**

ବାଲେଶ୍ୱର ମାଟି ସହିତ ଜଡ଼ିତ ରହିଆସିଛି ୧୯୯୮ ମସିହାରୁ । ଯୋଗ ଦେଇଛି କବିବର ରାଧାନାଥ ରାୟ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଦିବସ ଗୁଡ଼ିକରେ । ବ୍ୟାସବିହାରକୁ ଯାତ୍ରା କଲି ନିଯୁକ୍ତି ପାଇବା ପରେ ଯେଉଁଦିନ, ତାହା ମୋ ପାଇଁ ଥିଲା ଏକ ମାର୍ମିକ କାହାଣୀ । ରେଲୱେ ଷ୍ଟେସନରେ ଓହ୍ଲାଇ ଖୋଜିଲି ଜଣେ ଟ୍ୟାକ୍ସିବାଲା । ପାଖକୁ ଲାଗିଆସି ନିଜ ଆନ୍ତରିକତା ପ୍ରକାଶ କରୁଥିବା ଡ୍ରାଇଭର ଜଣଙ୍କ ନିମନ୍ତ୍ରଣ ସାଦରେ ଚିତ୍ତରେ ଗ୍ରହଣ କରିନେଲି । କାର୍ ଯାଉଥାଏ ବ୍ୟାସବିହାର ନୂତନ କ୍ୟାମ୍ପସ୍ ଅଭିମୁଖେ । ମନକୁ ଯାହା ଆସିଲା ଡ୍ରାଇଭର ବାବୁଙ୍କୁ ତାହା ପଚାରିଦେଲି । କହିଲି ଫକୀରମୋହନ ସେନାପତିଙ୍କୁ ଆପଣ ଜାଣିଛନ୍ତି ? ସେ ଚକିତ ହୋଇ ପ୍ରତିପ୍ରଶ୍ନ କଲେ ମୋତେ- 'କି କଥା କହୁଛନ୍ତି ସାର୍ ! ଏଇ ପରା ଫକୀରମୋହନଙ୍କ ମାଟି' । ଦ୍ୱିତୀୟ ଭାବ ପ୍ରକାଶ କରି ପୁନଶ୍ଚ ପଚାରିଦେଲି ଗଙ୍ଗାଧର ମେହେରଙ୍କୁ ଆପଣ ଜାଣିଛନ୍ତି ? ଡ୍ରାଇଭରଙ୍କ ଠାରୁ ପୂର୍ବଥର ଭଳି ପାଇଲି ଉତ୍ତର- 'ସ୍ୱଭାବକବିଙ୍କୁ କିଏ ନଜାଣେ ଆଜ୍ଞା ! 'ସଂକୁଚିତ ହୋଇ ରହିଥିବା ସତ୍ତ୍ୱେ କହିଦେଲି 'ଯେଉଁ ବ୍ୟକ୍ତିଟିଙ୍କୁ ଆପଣ ନିଜେ ଗାଡ଼ିରେ ବୁହାଇ ନେଉଛନ୍ତି ସେ ଗଙ୍ଗାଧର ମେହେରଙ୍କ ଅଣନାତି । ଦେଖିଲି ଗୋଟିଏ କ୍ଷଣ ସ୍ତବ୍ଧ ହୋଇ ରହିଗଲେ ଡ୍ରାଇଭର ମହାଶୟ । ମୁହୂର୍ତ୍ତଟିଏ ବିଳମ୍ବ ନକରି ଷ୍ଟିୟରିଂ ଛାଡ଼ି ଦେଇ ଦୁଇହାତ ଯୋଡ଼ି ନିବେଦନ କଲେ ମୋ ପ୍ରତି ତାଙ୍କର ବିନୀତ ପ୍ରଣାମ । ବିସ୍ମିତ ହୋଇ କାଠ ପିତୁଳାରେ ପରିଣତ ହୋଇଯିବାର ବେଳଥିଲା ତାହା । ଯେଉଁ ବାସ୍ନା ମୋତେ କରୁଥିଲା ବିଭୋର, ତାହା ବ୍ୟାସଭୂମିର ସୌରଭ ।

**ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗ:-**

ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଭାବରେ କଲି ଦାୟିତ୍ୱ ଗ୍ରହଣ । ସେତିକିବେଳେ ଉଦ୍‌ବେଳିତ ହେଉଥିବା ମନ ଫକୀରମୋହନଙ୍କ ଫଟୋଚିତ୍ର ନିକଟରେ କରିବି କୃତଜ୍ଞତା ଜ୍ଞାପନ । ମନର କଥା ବୁଝି ପାରିଲେ ବ୍ୟାସକବି । ବିଭାଗ ମଧ୍ୟକୁ ପ୍ରବେଶ କରିବା ମାତ୍ରକେ ତାଙ୍କରି ତେଜୋଦୀପ୍ତ ମୁଖମଣ୍ଡଳ ଦେଖିବା ଓ ପ୍ରଥମ ପ୍ରଣାମ ତାଙ୍କ ଉଦ୍ଦେଶ୍ୟରେ ନିବେଦନ କରି ନିଜକୁ କୃତାର୍ଥ ଜ୍ଞାନ କରିଛି । ଅତ୍ୟନ୍ତ ଆଶ୍ଚର୍ଯ୍ୟ ଜନକ ଭାବରେ ବିଭାଗକୁ ସେହିପରି ଦୀପ୍ତିମନ୍ତ ରୂପ ପରିଗ୍ରହ କରି ଓହ୍ଲାଇ ଆସିଲେ କବିବର ରାଧାନାଥ, ସ୍ୱଭାବକବି ଗଙ୍ଗାଧର, ବିଶ୍ୱକବି ରବୀନ୍ଦ୍ରନାଥ, ବିଶ୍ୱବିଖ୍ୟାତ ନାଟ୍ୟସ୍ରଷ୍ଟା ସେକ୍ସପିଅର, ମହାନ ଉର୍ଦ୍ଦୁକବି ମିର୍ଜା ଗାଲିବ୍ ଓ ଆହୁରି ଅନେକ ପ୍ରେରଣା ଗର୍ଭିତ ସାହିତ୍ୟ ଶିଳ୍ପୀ । ଏ ସମସ୍ତଙ୍କୁ ଦେଖିଦେବା ମାତ୍ରକେ କେବଳ ମୋ ହୃଦୟ ନୁହେଁ, ପ୍ରତ୍ୟେକଙ୍କ ଅନ୍ତର ପରିପୂର୍ଣ୍ଣ ହୋଇଯାଉଥାଏ । କେତେ ମହାପୁରୁଷଙ୍କ ଜୟନ୍ତୀ, ଶ୍ରାଦ୍ଧ, ସେମିନାର, ପିଏଚ୍‌ଡି ମୁକ୍ତ ମୌଖିକ ପରୀକ୍ଷା ଆଦିର ବିରଳ ସ୍ମୃତି କେବେ କଣ ଭୁଲି ପାରିବି ? ରେମୁଣାର ପ୍ରାତଃ ସ୍ମରଣୀୟ କବି ଚନ୍ଦ୍ରମୋହନ ମହାରଣା ପ୍ରତିମୂର୍ତ୍ତି ରୂପରେ ହେବେ ବିରାଜିତ- ଏହା ବି କଣ କମ୍ ଆନନ୍ଦଦାୟକ । ସହକର୍ମୀମାନଙ୍କ ସହିତ ବିତାଇଥିବା ପ୍ରତିଟି ମୁହୂର୍ତ୍ତରେ ଭରିରହିଥିଲା ପାରିବାରିକ ଆତ୍ମୀୟତାର ମହକ । ଆମ ସାହିତ୍ୟ ବିଭାଗ ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁର ଥିଲା ଏକ ସମନ୍ତ ସୌନ୍ଦର୍ଯ୍ୟ । ପ୍ରତିଟି ଶ୍ରେଣୀ କକ୍ଷ ପୂଜା ପ୍ରକୋଷ୍ଠ ପରି ଅନୁଭୂତ ହେଉଥିବା ପରି ଶୁଦ୍ଧ ଓ ପବିତ୍ର । ଛାତ୍ରଛାତ୍ରୀମାନଙ୍କ ଏକାଗ୍ର ଧ୍ୟାନଶୀଳତା ଫେରାଇ ନେଉଥିଲା ଆଶ୍ରମ ବାତାବରଣକୁ । ବ୍ୟାସବିହାର ବାସ୍ତବରେ ଯେ ବ୍ୟାସ- ଆଶ୍ରମ ଏହି ସତ୍ୟ ଉନ୍ମୋଚିତ ହେଉଥିବା ଆମ ବିଭାଗ ସମ୍ମୁଖରେ ପାଖୁଡ଼ା ପାଖୁଡ଼ା ହୋଇ ପ୍ରସ୍ଫୁଟିତ ହେଉଥିବା ଗୋଲାପ ସଦୃଶ । ପଶ୍ଚିମ ଦିଗନ୍ତରେ ସ୍ୱର୍ଣ୍ଣଚୂଡ଼ ପର୍ବତର ଆଶିଷ ଝରି ଆସୁଥିଲା ପବନର ରେଣୁରେ, କେତେବେଳେ ଟୋପାଟୋପା ବର୍ଷାର ଶୀତଳତା ନେଇ । ଏହି ବାତାବରଣର ଛବି ଅଂକନ କରି ରଖିଛି ସ୍ୱରଚିତ 'ବୋଧଦାୟିନୀ ବ୍ୟାସବିହାର' ପୁସ୍ତକରେ ।

**ବାଲେଶ୍ୱର ଉଦ୍ଦେଶ୍ୟରେ ସାରସ୍ୱତ ଅର୍ଘ୍ୟ-**

ବାଲେଶ୍ୱର ରହଣୀକାଳ ମଧ୍ୟରେ ଯାହା କିଛି ନିସୃତ ହୋଇଛି ମୋ ହୃଦୟରୁ ପ୍ରିୟ ଛାତ୍ରଛାତ୍ରୀଙ୍କ କଲମ ମଧ୍ୟ ଦେଇ ତାହା ଏହି ପବିତ୍ର ମାଟି ପ୍ରତି ମୋର ଶ୍ରେଷ୍ଠ ଅର୍ଘ୍ୟ ନିଶ୍ଚୟ । ତା'ଠାରୁ ଆହୁରି ସୂକ୍ଷ୍ମତର ରହସ୍ୟ ଥିଲା ମୋ ପ୍ରତି ବାଲେଶ୍ୱର ମାଟିର ତାହା ସର୍ବଶ୍ରେଷ୍ଠ ଆଶୀର୍ବାଦ । ସେଇଠି ହିଁ ସମୟ ବିତୁଥିଲା ନିରବଚ୍ଛିନ୍ନ ସାହିତ୍ୟ ସର୍ଜନାରେ । ଗଳ୍ପ ପୁସ୍ତକ 'ଦି ରିଦମ୍ ଇଂଟରନାଲ', ସବୁ ପ୍ରଶ୍ନର ଉତ୍ତର', 'ଯାଦୁନନ୍ଦନ', ତୁଳନାତ୍ମକ ଅଧ୍ୟୟନ ରବୀନ୍ଦ୍ରନାଥ ଓ ଗଂଗାଧର', ଫକୀରମୋହନ ଓ ଗଙ୍ଗାଧର, 'ଗଙ୍ଗାଧର; ଜୀବନାୟନ ସାହିତ୍ୟାୟନ, 'ମନୋଜୀୟ ଅଭୀପ୍‌ସା', 'ଫକୀରମୋହନ କାନ୍ତି ଓ କାରୁଣ୍ୟ' ଆଦି ପୁସ୍ତକ ସେଠାକାର ଶାଶ୍ୱତ ସ୍ପନ୍ଦନରେ ଭରପୂର । ଧ୍ୱନିପ୍ରତିଧ୍ୱନି, ସାଗରିକା, ରେବତୀ, ଅକ୍ଷାଂଶ, ଯୁଗଶ୍ରୀ ଯୁଗନାରୀ, ସେଇଠୁ ଆରମ୍ଭ ଆଦି ପତ୍ରପତ୍ରିକା ଗୁଡ଼ିକରେ ଉଦାର ହୃଦୟର ଅଧିକାରୀ ସଂପାଦକ ସମ୍ପାଦିକା ଯେଉଁ ପ୍ରଶସ୍ତ ସ୍ଥାନ ଦେଇ ଆସିଛନ୍ତି, ମୋ ନିମନ୍ତେ, ସେଥିପାଇଁ କିପରି ଅବା ଜଣାଇ ପାରିବି ମୋ ଅନ୍ତରାତ୍ମା କେତେ କୃତଜ୍ଞ । କେବଳ ସେତିକି ନୁହେଁ, ଲକ୍ଷ୍ମୀର ଅଭିସାର ବିଷୟରେ ଲେଖିଥିବା ପୁସ୍ତକର ଇଂରାଜୀ ଅନୁବାଦ, ଗଙ୍ଗାଧରଙ୍କ ସଂପର୍କିତ ପ୍ରବନ୍ଧର ଓ ମୋର ମୌଳିକ ଗଳ୍ପଗୁଚ୍ଛର ଇଂରାଜୀ ଅନୁବାଦ ସେଇଠି ହିଁ ହେଲା ଉନ୍ମୋଚିତ । ରାଧାନାଧ ଜୟନ୍ତୀ ପାଳନ ବେଳେ ପ୍ରକାଶିତ ହେଲା ରାଧାନାଥ ଓ ଗଙ୍ଗାଧର ପୁସ୍ତକ । ଆଉ ଯାହା ସେଠି ରଚିତ ହୋଇଥିଲା ପରବର୍ତ୍ତୀ ସମୟରେ ପ୍ରକାଶିତ ହୋଇ ଆସୁଛି ବାଲେଶ୍ୱରରୁ ଭୁବନେଶ୍ୱର ଆସିବା ପରେ ମଧ୍ୟ ।

**ଆନୁଷ୍ଠାନିକ ସ୍ନେହ ଓ ଶ୍ରଦ୍ଧାର ସନ୍ତକ:**

ଏହା ମଧ୍ୟ ମୁଁ କଣ କରିଥିଲି କଳ୍ପନା ! ସାଗରିକା ସମ୍ମାନରେ ମୋ ଜୀବନ ହେବ ବିଭୂଷିତ ! ରାଧାନାଥ ସାହିତ୍ୟ ପରିଷଦରୁ ପ୍ରାପ୍ତ ହେବ ଆଶୀର୍ବାଦର ପ୍ରାଣସ୍ପର୍ଶୀ ଶବ୍ଦ ! ପୁଣି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳ, ଫକୀରମୋହନ ସମ୍ମାନରେ ବଢ଼ାଇ ଦେବ ବିପୁଳ ପୁଷ୍ପ ସମ୍ଭାର । ଫକୀରମୋହନ ସାହିତ୍ୟ ପରିଷଦ ଶାନ୍ତିକାନନ୍ଦ ଠାରେ ଅତିବାହିତ ହୋଇଛି ଯେଉଁ ସାଂଧ୍ୟକାଳୀନ ଭାବ ଆଦାନ ପ୍ରଦାନର ମୁଗ୍ଧ ମୁହୂର୍ତ୍ତ ତାହା ବି ଲାଖି ରହିଛି ବକ୍ଷଭେଦୀ ସ୍ମୃତି ହୋଇ । ମନୋଜ ଦାସଙ୍କ ଶଙ୍ଖାରି ମାଟିର ଧୂଳି ଛୁଇଁପାରିବ ଏଭଳି ସମ୍ଭାବନା ମଧ୍ୟ ନଥିବା ବେଳେ ଏପ୍ରିଲ ମାସର ଖରାରେ ଛୁଇଁଥିବା ମନୋଜଙ୍କ ଜନ୍ମ ପ୍ରକୋଷ୍ଠ । ଆଉ ଯେଉଁ ସମାବେଶଗୁଡ଼ିକରେ ରହିଛି ଉପସ୍ଥିତ ତାହା ସେହିପରି ରହିଥିବ ସଦା ଉଜ୍ଜୀବିତ ।

**ଦୁଇ ସାରସ୍ୱତ ସାଧକ ମନୋଜ ଦାସ ଓ ବ୍ରଜନାଥ ରଥଙ୍କ ସାନ୍ନିଧ୍ୟ:**

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ଲାଭ କରିବାର ଅନେକବର୍ଷ ପୂର୍ବରୁ ଏହି ଦୁଇ ମହାନ ସାହିତ୍ୟ ଶିଳ୍ପୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବାର ଯେଉଁ ସୌଭାଗ୍ୟ ପାଇଛି ତାହା ବାରମ୍ବାର ବ୍ୟଥିତ କରିଛି ଅନ୍ତର୍ଦେଶ । ଉଭୟଙ୍କ ବିରଳ ପତ୍ରଗୁଚ୍ଛ ନିଜ ନିକଟରେ ସାଇତି ରଖିଛି ଅମୂଲ୍ୟ ରତ୍ନଠାରୁ ଅଧିକ ଭକ୍ତି ଅତିବାହିତ ହେବ ଏହି ସୁସମ୍ବାଦ ଜାଣି ପାରିଥିଲେ ଏ ଉଭୟ ସ୍ରଷ୍ଟା କିପରି ପୁଲକିତ ହୋଇଥାନ୍ତେ ସେହି ଦୃଶ୍ୟ ଅନ୍ତଃଚକ୍ଷୁରେ ଦେଖୁଥିଲି ବାରମ୍ବାର । ବ୍ରଜନାଥ ପ୍ରାଥମିକ ଶୁଭନାମ ଧାରଣ କରିଥିବା ଯେଉଁ ସମ୍ମାନ ଲାଭ କରିଥିଲି, ତାହା ମଧ୍ୟ ବ୍ରଜନାଥ ରଥଙ୍କ ଆନ୍ତରିକତା ପରି ରହିଛି ଅମ୍ଳାନ ।


**ଦ୍ରୌପଦୀ ମୁର୍ମୁଙ୍କ ସହିତ ଏକ ଦିବସ:**

ସଂପ୍ରତି ଭାରତବର୍ଷର ମହାମହିମ ରାଷ୍ଟ୍ରପତି ପରମ ପୂଜନୀୟ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆସିଥାନ୍ତି ଯେତେବେଳେ 'ଯୁଗଶ୍ରୀ ଯୁଗନାରୀ' ପତ୍ରିକାର ବାର୍ଷିକ ଉତ୍ସବ ବେଳେ, ସେଇ ସମୟରେ ମୁଖ୍ୟବକ୍ତା ଭାବରେ ଅନୁଭବ କରିଥିଲି ବକ୍ତବ୍ୟ ଶୁଣିବାର ଆନ୍ତରିକତାରେ ସେ କିପରି ଥିଲେ ଧ୍ୟାନମଗ୍ନ । ତାଙ୍କ ମୁଖ ଉଚ୍ଚାରିତ କେତେପଦ ଶୁଭେଚ୍ଛାମୂଳକ ଭାବ ଅନୁଗୁଞ୍ଜିତ ହୋଇ ରହିଛି ବକ୍ଷସ୍ଥଳରେ ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


# ଆମ ସଂସ୍କୃତିରେ ଯୋଗାସନ, ଧ୍ୟାନମୁଦ୍ରା ଓ ପ୍ରାଣାୟାମ


ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ଯୋଗ, ଆସନ, ଧ୍ୟାନ, ମୁଦ୍ରା ଓ ପ୍ରାଣାୟାମ ଆଦି ଆମ ଭାରତୀୟ ସଂସ୍କୃତିରେ ସ୍ୱାସ୍ଥ୍ୟରକ୍ଷାର ଏକ ମୂଳମାଧ୍ୟମ। ବିଶ୍ୱର ପ୍ରାଚୀନ ଜ୍ଞାନଗ୍ରନ୍ଥମାନଙ୍କ ମଧ୍ୟରେ ବେଦ ଆଦ୍ୟ । ବୈଦିକ ଉପଚାର ସମୂହ ଏହି ବିଶ୍ୱଜନଜୀବ ସମୂହର ଏକ ଜୀବନ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବ ନାହିଁ । କାୟ, ମନ, ବାକ୍ୟର ସୁସ୍ଥତା ସ୍ୱାଭାବିକତା ପାଇଁ ଏଥିରେ ବହୁ ସୂତ୍ର ପର୍ଯ୍ୟବସିତ। ବିଶେଷରେ ଜୀବନ କହିଲେ, ଆମେ ଆମରି ପ୍ରାଣବାୟୁକୁ ବୁଝିଥାଉ । ଶରୀର ମଧ୍ୟରେ ପ୍ରାଣବାୟୁର ସଠିକ ବିଚରଣ ହେଉଛି ତ'ଆମେ ଅନୁଭବ କରୁ ଆମେ ଠିକ୍ ଅଛୁ ଓ ଯେଉଁଦିନ ଏହି ବାୟୁ ଟିକକ ଶରୀର ମଧ୍ୟକୁ ଯିବା ବା ବାହାରିବାରେ କଷ୍ଟ ଅନୁଭବ ହୁଏ, ଆମେ ସବୁ ସେ'ବେଳରେ ହଠାତ୍ ଅସୁସ୍ଥ ହୋଇ ପଡୁ । ଏହି ସବୁ ଅସୁସ୍ଥତା, ଅନିୟମିତତାକୁ ଦୂର କରିବା ପାଇଁ ବହୁ ପୁରାତନ କାଳରୁ ମୁନିଋଷିମାନେ ସାଧନା କରି ଯାହା ଓ ଯେଉଁ ଚିକିତ୍ସା ବ୍ୟବସ୍ଥା ଉଦ୍ଭାବନ କରିଛନ୍ତି, ସେ ସବୁକୁ ଆମ ବିଭିନ୍ନ ଗ୍ରନ୍ଥ ସାହିତ୍ୟ ମାଧ୍ୟମରେ ଭବିଷ୍ୟତ ପାଇଁ ସାଇତି ରଖି ଦେଇ ଯାଇଛନ୍ତି । ସେସବୁ କାରଣରୁ ସାରା ବିଶ୍ୱ ଆଜି ସେମାନଙ୍କଠାରେ କୃତଜ୍ଞ । ଶ୍ରୁତି ସ୍ମୃତିର ଗ୍ରନ୍ଥ ବେଦ ସମୂହ ବିଶେଷରେ ଜୀବ ସତ୍ତାମାନଙ୍କର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କାୟା, ଶରୀର, ମନ, ବୁଦ୍ଧି, ବିବେକାଦିର ସୁସ୍ଥତା ବିଷୟରେ ଅନେକ ଅନୁଭୂତିଶୀଳ କୌଶଳମାନ ବର୍ଣ୍ଣନା କରିଛନ୍ତି, ଯାହା ସବୁ ଆଜିକାଲିକା ପ୍ରାଚ୍ୟ ପାଶ୍ଚାତ୍ୟ ବିଜ୍ଞ ବୈଜ୍ଞାନିକମାନଙ୍କ ଦ୍ୱାରା ଆୟୁର୍ବେଦ ସ୍ୱୀକୃତ ଓ ସମ୍ମାନିତ ।

ଯୋଗ କହିଲେ ଜଡ଼ିତ କରାଇବା ବା ମିଳିତ ହେବା । ଆସନ ଏକ ପ୍ରକାର ଶାରୀରିକ ଭଙ୍ଗୀ । ଯେଉଁ ଭଙ୍ଗୀ ପ୍ରଦର୍ଶନ ଓ ଅଭ୍ୟାସ ଦ୍ୱାରା ବିଭିନ୍ନ ଶାରୀରିକ ଜଟିଳତା ଅସୁସ୍ଥତାକୁ ନିର୍ବିଳମ୍ବେ ସୌସ୍ଥ୍ୟ ପ୍ରଦାନ କରିଥାଏ । ମୁଦ୍ରା ଏକ ପ୍ରକାର ସ୍ନାୟୁକେନ୍ଦ୍ରିକ ସ୍ପର୍ଶ ମାଧ୍ୟମିକ ଉପଚାର । ପୁଣି ପ୍ରାଣାୟାମ ଅନ୍ୟ ଏକ ଶରୀର ହୃଦୟ କୈନ୍ଦ୍ରିକ ବାୟୁ ସଞ୍ଚାଳନ ଓ ଆବଶ୍ୟକ ମୁତାବକ ନିୟନ୍ତ୍ରଣ କରିବାର ସାଧନା । ଆମ ଶରୀର କହିଲେ ବହୁ ଅସ୍ଥିଖଣ୍ଡ, ଶିରା ପ୍ରଶିରା, ଧମନୀ, ସ୍ନାୟୁ ଆଦିର ସମଷ୍ଟି । ପୁଣି ସେଥିରେ ପ୍ରଧାନ ସମ୍ବଳ ହେଉଛି ପ୍ରାଣବାୟୁ । ରକ୍ତ, ମାଂସ, ଅସ୍ଥି ମଜ୍ଜାସ୍ଥିତ ଚର୍ମାବୃତ୍ତ ଶରୀରର ରୂପମାତ୍ର ଏହି ଶରୀର । ନଖରୁ ନାସିକା, ପାଦରୁ ମସ୍ତକ ଯାଏଁ ଶରୀରରେ ଏହି ସବୁ ଶରୀର ତତ୍ତ୍ୱ ଭର୍ତ୍ତି । ସେ ସବୁର ସୁଗମ ପରିଚାଳନା ମନୁଷ୍ୟ କାହିଁକି ସମସ୍ତ ଜୀବ ସମୂହ ତଥା ଜୀବନ ଜଞ୍ଜାଳକୁ ସୁନିଗ୍ରହ କରିଥାଏ । ଶରୀର ମଧ୍ୟରେ ରହିଛି ଖାଲି ଆଖିକୁ ଦେଖି ହେଉଥିବା, ଦେଖି ହେଉ ନ ଥିବା ଭଳି ଅନେକ ରକ୍ତ, ମାଂସ, ଚର୍ମାବୃତ୍ତ ଈଶ୍ୱରଙ୍କ ସୃଷ୍ଟି ଯନ୍ତ୍ର । ଫୁସ୍‌ଫୁସ୍, ପାକସ୍ଥଳୀ, ରକ୍ତକେନ୍ଦ୍ର ଅଳିନ୍ଦ ନୀଳୟର ସଦା ସଙ୍କୁଚିତ ପ୍ରସାରିତ ହୋଇ ସାରା ଶରୀରକୁ ଜୀବନ୍ତ ରଖିବାର ଦାୟିତ୍ୱରେ ଥିବା ହୃଦୟ ତଥା ହୃତ୍‌ପିଣ୍ଡ ସମେତ କ୍ଷୁଦ୍ରାନ୍ତ, ବୃହଦାନ୍ତ, ଖାଦ୍ୟ ଓ ଶ୍ୱାସନଳୀ ଆଦି । ତା'ପାଖକୁ ଜଡ଼ିତ ଅଛି ୨୦୮ ଖଣ୍ଡ ହାଡ଼ ପଛକୁ ଅତି ସୁରକ୍ଷିତ ଭାବରେ କାର୍ଯ୍ୟ କରୁଥିବା ସ୍ନାୟବିକ ବିଦ୍ୟୁତ୍ ଜଡ଼ିତ ସ୍ନାୟୁ ସମୂହ । ଏସବୁଥିର ସୁପରିଚାଳନା ହିଁ ଜୀବନ, ଶରୀର, ମନ ବୁଦ୍ଧିକୁ ସୁସ୍ଥତା ଓ ସୌଖ୍ୟ ପ୍ରଦାନ କରିଥାଏ। ଶାସ୍ତ୍ରୀୟ ମତରେ ମନୁଷ୍ୟ ଜୀବନର ପରମାୟୁ ସୀମିତ। କହିବାକୁ ଗଲେ ଅଶି, ନବେ, ଶହେ କିମ୍ବା କୌଣସି ନା କୌଣସି ସ୍ୱତନ୍ତ୍ର କ୍ଷେତ୍ରରେ କେଉଁଠି କେମିତି ଶତବର୍ଷ ପରମାୟୁ କିଛିଟା ହୁଏତ ମଣିଷ ବଞ୍ଚିପାରେ କିନ୍ତୁ ମୃତ୍ୟୁ ତ' ଅନିବାର୍ଯ୍ୟ ତଥାପି ଜ୍ଞାନୀ ମଣିଷ ସର୍ବଦା ଚାହିଁଥାଏ ଏକ ସୁସ୍ଥ, ସୁଖ ସମୃଦ୍ଧି ଆନନ୍ଦମୟ ଜୀବନ ଅତିବାହିତ କରିବାକୁ । ଅବଶ୍ୟ ଏଥିରେ ବହୁ ବ୍ୟତିକ୍ରମ ରହିଛି ତଥାପି ଆମ ପୂର୍ବଜମାନେ ଆମ ଜୀବନ ପ୍ରବାହକୁ ସୁଖ ସାନନ୍ଦମୟ କରିବାକୁ ଧ୍ୟାନ, ଯୋଗ, ଆସନ, ମୁଦ୍ରା, ପ୍ରାଣାୟାମ ଆଦିର ବ୍ୟବସ୍ଥା ଆମମାନଙ୍କ ପାଇଁ କହି ଶିଖାଇ ଦେଇ ଯାଇଛନ୍ତି । ସେସବୁ କଥା ଆଜି ଖାଲି ଭାରତୀୟ କାହିଁକି ସାରା ବିଶ୍ୱରେ ଆନ୍ତର୍ଜାତିକ ଯୋଗଦିବସ ଭାବରେ ପାଳନ କରିଛି ଏଇ ଜୁନ୍ ମାସ ୨୧ ତାରିଖ ଦିନଟିକୁ ।

ଯୋଗାସନ, ପ୍ରାଣାୟାମ ଆଦିର ଅଭ୍ୟାସ କରିବା ଦ୍ୱାରା ଶରୀରର ଯେଉଁ କେତେକ ଜଟିଳ ଅଂଶକୁ ରକ୍ତ ବାୟୁ ସଞ୍ଚାଳନ ହୋଇ ପାରୁ ନ ଥାଏ, ସେସବୁ ଅଙ୍ଗ ପ୍ରତ୍ୟଙ୍ଗ ତଥା କୋଣ ଅନୁକୋଣକୁ ରକ୍ତ ସଞ୍ଚାଳନ କରାଇ ସେସବୁ ଅଙ୍ଗ ପ୍ରତ୍ୟଙ୍ଗକୁ ସଚଳ ସଞ୍ଚାଳନ କରାଇ ସ୍ୱାସ୍ଥ୍ୟଗତ ଅସୁବିଧା ବିନ୍ଧା, ଛିଟିକା, ବ୍ୟଥା ଆଦିର ଉପଶମ କରାଇ ଥାଏ । ଶରୀରରେ ଦେଖିବାକୁ ରହିଛି, ବହୁ ଅଙ୍ଗପ୍ରତ୍ୟଙ୍ଗ କିନ୍ତୁ ଜୀବନ ଶରୀର ସର୍ବସ୍ୱ ନୁହେଁ । ଶରୀରର ସମସ୍ତ ସଞ୍ଚାଳନକୁ ନିୟନ୍ତ୍ରିତ କରିଥାଏ ମନ । ମନ ବିଶେଷରେ ଇନ୍ଦ୍ରିୟାସକ୍ତ । ତାକୁ ପୁଣି ବୃଦ୍ଧି ବିବେକର ଲଗାମ ଦେଇ ଠିକ୍ ବାଟରେ ସୁନିୟନ୍ତ୍ରିତ କରାଇ ପାରିଲେ ମନୁଷ୍ୟ ଜୀବନ ସଫଳ ହୋଇଥାଏ । ଏହି ମନର ମନମୁଖୀ ଶାସନ ଓ ଅପଥ ଗମନକୁ ନିୟନ୍ତ୍ରଣ କରିଥାଏ ସଂକଳ୍ପ ଓ ଧ୍ୟାନ ତଥା ତପସ୍ୟା ବା ତପଃଶ୍ଚାରଣ । ଜୀବନର ପରମ ଅନୁଭବ ସମସ୍ତେ କୁହନ୍ତି ମୋକ୍ଷ । ବୁଦ୍ଧ ତାକୁ କହିଛନ୍ତି ନିର୍ବାଣ ପ୍ରାପ୍ତି । ନିର୍ବାଣ ପୁଣି କ'ଣ ହୋଇପାରେ । ସମ୍ଭବତଃ ସେ ହୋଇଥିବ ଜନ୍ମ ମୃତ୍ୟୁର ଚକ୍ର ମଧ୍ୟରୁ ବାହାରିଯିବା ଅବା ପୁନଃ ଜନ୍ମ ନ ଲଭିବା। ଏଇଥିପାଇଁ ବିଶେଷରେ ଆବଶ୍ୟକ ହୁଏ ଧ୍ୟାନ ଓ ଧାରଣା । ଏଥିରେ ମନୁଷ୍ୟକୁ ଧ୍ୟାନକେନ୍ଦ୍ରିତ ହୋଇ ଇନ୍ଦ୍ରିୟ ବିକାରଗ୍ରସ୍ତ ଜୀବନକୁ ମାର୍ଜିତ କରି ଏକ ନିରାମୟ, ନିର୍ମଳ, ଆଧ୍ୟାତ୍ମିକ ଭାବ ସମୃଦ୍ଧ ମନ, ବୁଦ୍ଧି, ବିବେକର ସୃଷ୍ଟି କରିବାରେ ଏହି ଯୋଗାସନ ଧ୍ୟାନ ପ୍ରାଣାୟାମର ବର୍ଣ୍ଣନା ରହିଛି । ସେହିସବୁ ଆମ ଜୀବନ ଆବଶ୍ୟକ କରୁଥିବା ନିତାନ୍ତ ଜରୁରୀ ବିଷୟବସ୍ତୁ। ପୁଣି ସେସବୁ ଆମ ବିଚାରଶକ୍ତିର ଯୋଗକାରକ ମଧ୍ୟ । କଥୋପକଥନ ଆଳରେ ପ୍ରଭୁ ଶ୍ରୀକୃଷ୍ଣ ସଖା ଅର୍ଜୁନଙ୍କୁ ଜୀବନ ନିର୍ବାହର ସରଳ ଆଧ୍ୟାତ୍ମିକ ସୂତ୍ରମାନ ବୁଝାଇ ଦେଇଛନ୍ତି । ଯେଉଁଥିରେ ଗାଣ୍ଡିବଧାରୀ ବୀର ଅର୍ଜୁନ ବିଷାଦସ୍ଥିତିରୁ ଉତୁରି ଆସି ସ୍ଥିତପ୍ରଜ୍ଞତାକୁ ଆପଣେଇ ନେଇ କର୍ମ, କର୍ତ୍ତବ୍ୟବୋଧ ଆଡ଼କୁ ଯୋଗଯୁକ୍ତ ହୋଇ ପାରିଥିଲେ । ସେହି ଯୋଗ ସବୁ ହେଲା ଅର୍ଜୁନ ବିଷାଦ ଯୋଗ (ସୁଶର୍ମା ଉପାଖ୍ୟାନ), ସାଂଖ୍ୟଯୋଗ (ଦେବଶର୍ମା ଉପାଖ୍ୟାନ), କର୍ମଯୋଗ (ରାମଶରଣ ଉପାଖ୍ୟାନ), ଜ୍ଞାନକର୍ମ ସନ୍ୟାସ ଯୋଗ (ବୈଷ୍ଣବ ଉପାଖ୍ୟାନ), କର୍ମ ସନ୍ୟାସ ଯୋଗ (ଶଙ୍କୁକର୍ଣ୍ଣ ବ୍ରାହ୍ମଣ ଉପାଖ୍ୟାନ), ଅକ୍ଷର ବ୍ରହ୍ମଯୋଗ (ବ୍ରହ୍ମରାକ୍ଷାସ ଉପାଖ୍ୟାନ), ଗଜବିଦ୍ୟା ରାଜଗୁହ୍ୟ ଯୋଗ (ମାଧବ ବ୍ରାହ୍ମଣ ପଶୁଯଜ୍ଞ ଉପାଖ୍ୟାନ), ବିଭୂତି ଯୋଗ (ରାଜହଂସ ଓ ପଦ୍ମିନୀ ଉପାଖ୍ୟାନ), ବିଶ୍ୱରୂପ ଦର୍ଶନ ଯୋଗ (ରାକ୍ଷସ ଓ ସୁନନ୍ଦ ବ୍ରାହ୍ମଣ ଉପାଖ୍ୟାନ), ଭକ୍ତିଯୋଗ (ରାଜା ସୁଖାନନ୍ଦ ଉପାଖ୍ୟାନ), କ୍ଷେତ୍ରକ୍ଷେତ୍ରଜ୍ଞ ଯୋଗ (ହରି ଦୀକ୍ଷିତ ବ୍ରାହ୍ମଣ ଉପାଖ୍ୟାନ), ଗୁଣତ୍ରୟ ବିଭାଗ ଯୋଗ (ବିକ୍ରମ ବେତାଳ ଉପାଖ୍ୟାନ), ପୁରୁଷୋତ୍ତମ ଯୋଗ (କୃପାଣ ନରସିଂହ ଉପାଖ୍ୟାନ), ଦୈବାସୁର ସମ୍ପଦ ବିଭାଗ ଯୋଗ (ବାୟାହାତୀ ଉପାଖ୍ୟାନ), ଶ୍ରଦ୍ଧାତ୍ରୟ ବିଭାଗ ଯୋଗ (ଚାକର ଦୁଃଶାସନ ଉପାଖ୍ୟାନ), ମୋକ୍ଷ ସନ୍ୟାସ ଯୋଗ (ଭକ୍ତର ଭଗବାନ ଉପାଖ୍ୟାନ), – ଯେଉଁ ସବୁର ବର୍ଣ୍ଣନା, ବିଶ୍ଳେଷଣ ଆମ ପଦ୍ମପୁରାଣରେ ଦେଖିବାକୁ ମିଳେ । ଏହି ଯୋଗ ସାଧନା ବା ଅଭ୍ୟାସ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ହେଲା ଯୋଗାସନ ଓ ଆରେକକୁ କୁହାଯାଏ ଯୋଗମୁଦ୍ରା । ଏହି ସବୁଥିରେ ନିଃଶ୍ୱାସ ଓ ପ୍ରଶ୍ୱାସ ନିୟନ୍ତ୍ରଣ ଅତୀବ ଜରୁରୀ । ସାଧକମାନଙ୍କ ମତ ହେଲା, ସମ୍ପୂର୍ଣ୍ଣ ନିଶ୍ୱାସ ନେଇ ତାକୁ ନିର୍ଦ୍ଦିଷ୍ଟ ଭଙ୍ଗୀ / ଠାଣି ଆସନରେ ରହି ଆସ୍ତେ ଆସ୍ତେ କୁଆଡ଼େ ପାଟି ବନ୍ଦ କରି ନାକ ଦେଇ ବକ୍ଷ ଭିତରର ବାୟୁକୁ ପଦାକୁ ଛାଡ଼ିବାକୁ ହେଇଥାଏ । ଆସନ ଆରମ୍ଭ ବେଳେ ୮୦:୨୦ ଅନୁପାତରେ ଶ୍ୱାସ ନେଇ ଛାତି ମଧ୍ୟରେ ରଖି ୨୦ ଶତାଂଶ ଶ୍ୱାସକୁ ନାକ ବାଟେ ଛାଡ଼ିବାକୁ ହୁଏ । ଏହା ସାଧକକୁ ନିଜ ନିଶ୍ୱାସ ପ୍ରଶ୍ୱାସର ନିୟନ୍ତ୍ରଣ କରିବାରେ ଶିକ୍ଷା ଦିଏ, ଯାହା ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଅତି ଉପାଦେୟ । ଆସନଗୁଡ଼ିକର ଅଭ୍ୟାସ ଓ ସାଧନା ଜାରି ରଖିଲା ବେଳେ ମଝି ମଝିରେ ଶବାସନ କରିବା ଜରୁରୀ ହୋଇଥାଏ ଓ ଏହା ଶରୀରକୁ ବିଶ୍ରାମ ଦେଇଥାଏ। ବିଭିନ୍ନ ଭଙ୍ଗୀରେ ନିଜ ନିଶ୍ୱାସ ପ୍ରଶ୍ୱାସକୁ ଆବଶ୍ୟକ ମୁତାବକ ନିୟନ୍ତ୍ରିତ କରି ଯୋଗାସନ କରାଯାଏ। ଅନ୍ୟୁନ ୨୬ଟି ଆସନର ଅଭ୍ୟାସ ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟପ୍ରଦ । ଅର୍ଦ୍ଧଚନ୍ଦ୍ରାସନ, ଉତ୍କଟାସନ, ଗରୁଡ଼ାସନ, ଜାନୁଶିରାସନ, ଧନୁରାସନ, ତୁଳା ଦଣ୍ଡାସନ, ପଶ୍ଚିମ ଉତ୍‌ଥାନାସନ, ତ୍ରିକୋଣାସନ, ବିଭକ୍ତ ପଦଜାନୁ ଶିରାସନ, ତଦାସନ, ପାଦାଗୁଷ୍ଠାସନ, ଶବାସନ, ପବନମୁକ୍ତାସନ, ଭୂଜଙ୍ଗାସନ, ଶଲଭାସନ, ବଜ୍ରାସନ, ଅର୍ଦ୍ଧକୁର୍ମାସନ, ଉଷ୍ଟ୍ରାସନ, ଶଶାଙ୍କାସନ, ଜାନୁଶିରାସନ, ଅର୍ଦ୍ଧମତ୍ସ୍ୟେନ୍ଦ୍ରାସନ, ବଜ୍ରାସନ, କୁକୁଟାସନ ଓ ମୟୂରାସନ ଆଦିର ଅଭ୍ୟାସ ଦେହରେ ଅନୁଭବ ହେଉଥିବା ବହୁ ପ୍ରକାର ରୋଗ, ବ୍ୟଥା, ବେଦନାରୁ ଆରୋଗ୍ୟ ପ୍ରାପ୍ତ କରି ଦେଇଥାଏ । ଅବଶ୍ୟ ଏ ସବୁର ସାଧନା ଓ ସଂକଳ୍ପ ବିଶେଷରେ କେଉଁ ରୋଗ ପାଇଁ କେଉଁ ଆସନାଭ୍ୟାସ ଦରକାର, ତାକୁ ଗୁରୁ/ ଶିକ୍ଷକଙ୍କଠାରୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରିବା ଜରୁରୀ । ଯୋଗଭ୍ୟାସ, ପ୍ରଣାୟାମ, ମୁଦ୍ର, କପାଳଭାତି ସହ ଯୋଗାସନ ବହୁ ଅନ୍ୟ ରୋଗ ଉପଶମର ମାଧ୍ୟମ ଅଟେ ।


♥ ସଂସ୍କୃତି ସଦନ, ବୟାଳୀ,
ମନ୍ତିଡ଼ି,
ମୋ : –୯୩୩୭୯୬୦୬୮୮


# ଦୁଃଖ


ମୂଳହିନ୍ଦୀ– ପୃଥ୍ୱୀରାଜ ଆରୋଡା
ଅନୁସୃଜନ– ବିନୟ କୁମାର ଦାସ


'ମା...ବାପା କେବେ ଫେରିବେ ?'

'ଆଜି ପୁଣି ସେଇ ପୁରୁଣା ପ୍ରଶ୍ନକୁ ଧରି କାନ୍ଦିବା ଆରମ୍ଭ କରିଦେଲୁ ?'

ସିଲେଇ ମେସିନ୍‌ର ରିଂ କୁ ହାତର ପାପୁଲିରେ ଘଷି ବନ୍ଦ କରୁ କରୁ କହିଲେ ମାଆ ।

'କୁହ ନା ମା...ବାପା ଫେରିବେ କେବେ ?'

'ସେ କଣ ଆଉ ଫେରିବେ ? କାହିଁକି ବା ଫେରିବେ ?..ହେଲେ ତୁ ଜମା ଚିନ୍ତା କରନା ବାପ....ମୁଁ ତ ଅଛି । ତୋର କିଛି ଅସୁବିଧା ହବନିରେ । ମୋ ହାତ ଏମିତି ସିଲେଇ ମେସିନ ଉପରେ ଚାଲୁଥିବା ଯାଏ ତୋର କିଛି ବି ଅସୁବିଧା ହବନି । ମୁଁ ତୋତେ ପାଠ ପଢାଇବି...ବହୁତ ପାଠ...ତୁ ଚାକିରୀ କରିବୁ....ଘରକୁ ମୁଠା ମୁଠା ଟଙ୍କା ଆଣିବୁ...ଆମର କିଛି ଦୁଃଖ ରହିବ ନାହିଁ ।'

'ସେ ତ ପରକଥା ମା...ମୋତେ କୁହ ବାପା ଗଲେ କଣ ପାଇଁ ?'

'ସେ କଣ ମୋତେ କିଛି କହି କରି ଗଲେ କି ?'

'ତା କେମିତି ହବ...କିଛି ତ କହିଥିବେ ନା..'

'କହିଲି ପରା କିଛି ନକହି ହଠାତ୍...ଘର ଛାଡି ଚାଲିଗଲେ । ଆଚ୍ଛା...ତୁ ଗୌତମ ବୁଦ୍ଧଙ୍କ କଥା ଶୁଣିଛୁ ? ସିଦ୍ଧାର୍ଥ...କପିଳବସ୍ତୁର ରାଜକୁମାର...

ତାଙ୍କର ଜଣେ ଅତି ସୁନ୍ଦରୀ ପତ୍ନୀ ଥିଲେ ।

'ମାନେ ତୁମ ପରି...।'

'ମୁଁ ସୁନ୍ଦରୀ କି ନୁହେଁ...ମୁଁ କେମିତି କହିବି ? ହଁ ଶୁଣ୍..ତାଙ୍କର ତୋ ପରି ଜଣେ ସୁଶୀଳ ପୁତ୍ର ବି ଥିଲେ । କିଛି ଅଭାବ ନ ଥିଲା ତାଙ୍କର । ତଥାପି ସେ ସାଂସାରିକ ଦୁଃଖ କୁ ଦେଖି ସବୁବେଳେ ଉଦାସ ରହୁଥିଲେ.....ଅନ୍ୟମନସ୍କ ରହୁଥିଲେ । ଆଉ... ଦିନେ..ରାତ୍ରୀର ଘନ ଅନ୍ଧକାର ଭିତରେ ପତ୍ନୀ ପୁତ୍ରକୁ ଛାଡି ସେ ଚାଲିଗଲେ । ସନ୍ନ୍ୟାସୀ ବନିଗଲେ ।'

'ସେ ରାଜକୁମାର ଥିଲେ....ଅଜସ୍ର ଧନ ସଂପତ୍ତି ର ମାଲିକ ; ବାପା ତ ସେମିତି ନଥିଲେ । ତୁମେ ତ କହୁଥିଲ ବହୁ କଷ୍ଟରେ ଦୁଇ ଓଳି ଦୁଇ ପଟ ରୁଟିର ବି ସେ ଯୋଗାଡ କରି ପାରୁ ନ ଥିଲେ। ତେବେ ସେ କାହିଁକି ଘର ଛାଡି......।'


'ମୋତେ ତ ଜଣା ଯାଉଛି...ଦୁହେଁଯାକ ଦୁଃଖକୁ ଡରିଗଲେ ।'

ଏତକ କହି ସେ ପୁଣି ସିଲେଇ ମେସିନ୍‌ର ରିଂ ଚାଲୁ କରିଦେଲେ ।

♥♥

ଶବ୍ଦମନ୍ତ୍ର

## ପତ୍ରିକା ସମୀକ୍ଷା




**ଝର୍ଣ୍ଣା**
ସମ୍ପାଦକ :
**ସମରେନ୍ଦ୍ରନାଥ ମହାପାତ୍ର**
ଠିକଣା : ଶ୍ରଦ୍ଧା ପବ୍ଲିକେଶନ୍, ସହଦେବଖୁଣ୍ଟା, ବାଲେଶ୍ୱର
ପୃଷ୍ଠା-୮୦, ମୂଲ୍ୟ : ୫୦/-

"ଆମେ ଓଡିଆ ବୋଲି ଗର୍ବ କରିବା ସହ ଆମ ଅସ୍ମିତାକୁ ଆମେ ଟେକି ଧରିଛୁ ବୋଲି ବହାରେ ଡିଣ୍ଡିମ ବିଟୁଥିବା ବେଳେ ଆମେ ନିଜ ଘର ଭିତରେ ବି ନିରାପଦ ନୁହେଁ, ଏକଥା ଏବେ ଜାଣିବାକୁ ମିଳିଛି । ଭାଷା ଭିତ୍ତିରେ ଆମ ଓଡିଶା ପ୍ରଦେଶ ସଂଗଠିତ ହୋଇଥିବା ବେଳ ଆମର କିଛି ଅଞ୍ଚଳ ଯେ ଅନ୍ୟ ଭାଷାଭାଷୀ ପ୍ରଦେଶରେ ରହିଗଲା, ସେଥିପାଇଁ ଆମେ ଦୁଃଖ ପ୍ରକାଶ କରୁଥିଲୁ । ମାତ୍ର ଏବେ ଆମେ ଦେଖୁଛୁଆମ ଓଡିଶା ରାଜ୍ୟ ଭିତରେ ବି ଏମିତି କିଛି ଲୋକ ବା ସଂପ୍ରଦୟ ଅଛନ୍ତି ଯେଉଁମାନେ ଓଡିଶାରୁ ଅଲଗା ହେବାକୁ ଚାହୁଁଛନ୍ତି । ଏହି ବିଚ୍ଛିନ୍ନବାଦୀ ଚିନ୍ତାଧାରାର କେତେକ ବ୍ୟକ୍ତି ନିଜକୁ କୋଶଳ ଭାଷାର ଅଧିବକ୍ତା ବୋଲାଇ ଓଡିଆ ବିରୋଧୀ ନାରା ଦେବାରେ ବ୍ୟସ୍ତ । ଅବଶ୍ୟ ରାଜନୈତିକ ସ୍ତରରେ ଏ ବିବାଦର ସୂତ୍ରପାତ ହୋଇଛି ମାତ୍ର ଏହା ଜନମାନସରେ ବିଭ୍ରାନ୍ତି ସୃଷ୍ଟି କରୁଛି । ତେଣୁ ଉକ୍ତ ଓଡିଆ ବିରୋଧି କୋଶଳୀ ସମର୍ଥକମନଙ୍କୁ ସାରା ଓଡିଶାବାସୀ ବିରୋଧ କରିବା ଉଚିତ୍" ବୋଲି ସୃଜନର ବାତାୟନ 'ଝର୍ଣ୍ଣା 'ର ବିଷୁବ ସଂଖ୍ୟା ସମ୍ପାଦକୀୟ ସ୍ତମ୍ଭରେ ଏହି ଚେତନଶୀଳ ବକ୍ତବ୍ୟ ରଖିଛନ୍ତି ସମ୍ପାଦକ ସମରେନ୍ଦ୍ରନାଥ ମହାପାତ୍ର ।

'ଝର୍ଣ୍ଣା'ର ଏହି ବିଷୁବ ସଂଖ୍ୟାଟି ବେଶ୍ ସୁଦୃଶ୍ୟ । ଏଥିରେ ପ୍ରାକ୍ କଥନ ପରେ 'ବିଗତଦିନ' ସ୍ତମ୍ଭରେ '୩୬ ବର୍ଷରେ ଝର୍ଣ୍ଣା' ଶୀର୍ଷକରେ ସମରେନ୍ଦ୍ରନାଥ ମହାପାତ୍ର ଆଉ ଏକ ପୃଷ୍ଠାର ବକ୍ତବ୍ୟ ମଧ୍ୟ ରଖିଛନ୍ତି । ଯୋଉଥିରେ ଛର୍କା କେବଳ ଶାରଦୀୟ ସଂଖ୍ୟା ଭାବେ ନୁହେଁ, ବର୍ଷକୁ ଚାରୋଟି ସଂଖ୍ୟା ପ୍ରକାଶ ପାଇବ ବୋଲି ;ଘାଷଣା କରିଛନ୍ତି, ଯାହ ପାଠକ ଓ ଲେଖଙ୍କ ମନରେ ସ୍ୱତଃ ଆନନ୍ଦ ସୃଷ୍ଟି କରିବ ।

ଏଥିରେ ପ୍ରବନ୍ଧାୟନରେ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀଡ. ନଟବର ଶତପଥୀ, ଡ. ଭରତ ବେହେରା, ଡ. ବିଶ୍ୱରଂଜନ ଦାସ, ଡ. ଦେବାଶୀଷ ପାତ୍ର, ଅଜୟ ପ୍ରଧାନ ବେଶ୍ ଉପାଦେୟ ପ୍ରବନ୍ଧ ଲେଖିଥିବା ବେଳେ ଦୀନବନ୍ଧୁ ସାହୁ ମୁକ୍ତ ଚିନ୍ତନରେ 'ଅଗାଡି ଭତରେ ଧାନ : କବିତାରେ ମୋ ପ୍ରେମ'ଶୀର୍ଷକରେ ସାହିତ୍ୟ କ୍ଷେତ୍ରରେ ଦେଖା ଦେଇଥିବା କେତେକ ବିସଙ୍ଗତିକୁ ବର୍ଣ୍ଣନା କରିଛନ୍ତି ।

କବିତାରେ ରମାକାନ୍ତ ରଥ, ପ୍ରଭାକର ଶତପଥୀ, ହୃଷୀକେଶ ମଲ୍ଲିକ, ଡ. ଗୌତମ ଜେନା, ପୀତାମ୍ବର ତରାଇ, ଶ୍ରୀଦେବ, ଡ. ଚିତ୍ତରଂଜନ ମିଶ୍ର, ମନୁଆ ଦାସ, ପ୍ରଭାତ ନଳିନୀ ମହାପାତ୍ର, ସାବିତ୍ରୀ କବି, ସୁଧା ଦାଶ, ଶୁଭଶ୍ରୀ ଲେଙ୍କା, ଶର୍ମିଷ୍ଠା ସାହୁ, ଦେବାଶୀଷ ଚକ୍ରବର୍ତ୍ତୀ, ସୁନନ୍ଦା ବି. ମହାପାତ୍ର, ରୁନୁ ମହାନ୍ତି, ରଜନୀ ଶତପଥୀ, ଭାରତ ମାଝୀ, ସୈରିନ୍ଦ୍ରୀ ସାହୁ, ସ୍ୱପ୍ନା ମିଶ୍ର, ଜୟନ୍ତିକା, ଦେବଯାନୀ ରାୟ, ଅଙ୍ଗୁରବାଳା ପରିଡା, ଉମେଶ ଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ର କୁମାର ବାଉରୀ, ନରେନ୍ଦ୍ର ଭୋଇ, ସିପୁନୁ ଜେନା, ସଞ୍ଜୀବ କୁମାର ପଣ୍ଡା, ମହାଦେବ ପ୍ରଧାନ, ରଶ୍ମିରେଖା ତ୍ରିପାଠୀ, ଜିତୁ ପ୍ରଧାନ, ଜାହ୍ନବୀ ଚୌଧୁରୀଙ୍କ କବିତା ସ୍ଥାନ ପାଇଛଇ ।

ଗଳ୍ପାୟନରେ ତରୁଣକାନ୍ତି ମିଶ୍ର, ସୁଜାତା ମହାପାତ୍ର, ବିଜନବାଳା ପାଟଯୋଷୀ, ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ସୁଷମା ପରିଜା, ଛଉଣା ପଟ୍ଟନାୟକ, ରମେଶ ପଟ୍ଟନାୟକ, ବିରଜା ମହାପାତ୍ରଙ୍କ ଗଳ୍ପ ପ୍ରକାଶ ପାଇଥିବା ବେଳେ ରମ୍ୟକଥନରେ ଓଁ ଅଭିଜ୍ଞାନ ସାହୁଙ୍କ 'ଲିଟ୍ ଫେଷ୍ଟର ଅନ୍ତରାଳେ' ଶୀର୍ଷକ କଥନ ବେଶ୍ ଉପଭୋଗ୍ୟ ।

ଶେଷ ପୃଷ୍ଠାରେ ଶ୍ରଦ୍ଧାସୁମନ ସ୍ତମ୍ଭରେ ସ୍ମରଣୀୟ ରମାକାନ୍ତ ଓ ଭିନ୍ନ ମଣିଷ ପ୍ରହରାଜ ସତ୍ୟନାରାୟଣ ନନ୍ଦ ଆଲେଖ୍ୟ ଦୁଇଟି ପତ୍ରିକାଟିର ମର୍ଯ୍ୟାଦା ବୃଦ୍ଧି କରିବାରେ ସହାୟକ ହୋଇଛି ।

ମୋଟାମୋଟି କହିବାକୁ ଗଲେ ବିଷୁବ ସଂଖ୍ୟା 'ଝର୍ଣ୍ଣା' ବେଶ୍ ସୁରୁଚିସମ୍ପନ୍ନ ଲେଖା, ସୁନ୍ଦର ପ୍ରଚ୍ଛଦ ଓ ପରିଚ୍ଛନ୍ନ ମୁଦ୍ରଣ ଯୋଗୁ ପାଠକଙ୍କ ଆଦରଲାଭ କରିବାର ସାମର୍ଥ୍ୟ ରଖେ ।


♥ ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

# ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ



ବାସୁଦେବପୁର, ୨୮/୬ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ପ୍ରସନ୍ନଦେବ ଜଗନ୍ନାଥ ମନ୍ଦିର ପରିସରରେ ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ବ୍ରାହ୍ମଣ ପୁରୋହିତ ଙ୍କ ଦ୍ୱାରା ପୂଜା ପାଠ ନୀତି କାନ୍ତି ପରେ ଜଗନ୍ନାଥ ବଳଭଦ୍ର ସୁଭଦ୍ରା ଠାକୁର ରଥକୁ ବିଜେ ହୋଇ ଥିଲେ। ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ସେହିପରି ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଅରଣ୍ଡୁଆ ପଞ୍ଚାୟତର ନରେନ୍ଦ୍ରପୁର ଠାରେ ରଥଯାତ୍ରା ଦୀର୍ଘ ବର୍ଷ ହେବ ଆଗେଇ ଚାଲିଛି। ଏହି ରଥଯାତ୍ରାରେ ନାରାୟଣ ସ୍ୱାଇଁ, ପଦ୍ମନାଭ ପଣ୍ଡା, ରମାକାନ୍ତ ପାଣିଗ୍ରାହୀ, ମଧୁସୂଦନ ପାଢ଼ୀ, ନବଘନ ପାଣିଗ୍ରାହୀ, ଦୋଳ ଗୋବିନ୍ଦ ପଣ୍ଡା, ମୁନା ପାଣିଗ୍ରାହୀ ଓ ଅନ୍ୟାନ୍ୟ ସଦସ୍ୟ ଏହି ଉତ୍ସବରେ ସହଯୋଗ କରିଥିଲେ। ସେହିପରି କରଞ୍ଜଆଡିଆ ରଥଯାତ୍ରାରେ ରଥ କମିଟି ଓ ଅନୁଷ୍ଠାନ ପକ୍ଷରୁ ରଥଯାତ୍ରା ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ, ପ୍ରଦୀପ ସାହୁ, ବାପି ତରାଇ ଓ ବିଭିନ୍ନ ଗ୍ରାମବାସୀ ଓ ସଦସ୍ୟ ଙ୍କ ସହଯୋଗରେ ରଥଯାତ୍ରା ଉତ୍ସବ ପାଳିତ ହୋଇ ଯାଇଛି। ସେହିପରି ଜଗନ୍ନାଥ ପ୍ରସାଦ ପଂଚାୟତର ମିଶ୍ରପୁର ଠାରେ ପବିତ୍ର ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଭାଗିରଥୀ ବଳ ଏହି ରଥଯାତ୍ରାରେ ରାଜା ଭାବରେ ଦାୟିତ୍ୱ ନେଇ ଛେରା ପହଁରା କରିଥିଲେ । ଏହି ଉତ୍ସବରେ ବାସୁଦେବପୁର ସହରରେ ଥିବା ମାର୍କେଟ କମ୍ପ୍ଲେକ୍ସ ଦୁର୍ଗା ଜୁଏଲାରୀର ନିର୍ଦ୍ଦେଶକ ଶତ୍ରୁଘ୍ନ ବଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମଞ୍ଜୁଲତା ବଳ, ଲୁଲୁ ବଳ, ହରେକୃଷ୍ଣ ଦତ୍ତ ଓ ଅନ୍ୟାନ୍ୟ ସଦସ୍ୟ ଗ୍ରାମବାସୀ ସହଯୋଗ କରିଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ଭଜନ ଜଣାଣ ଗାଇ ସମସ୍ତ ଭକ୍ତ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଙ୍କ ରଥ ଟାଣିଥିଲେ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଅପୂର୍ବ ସଂଯୋଗ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ। ସେହିପରି ରକ୍ତତୀର୍ଥ ଇରମ ପଞ୍ଚାୟତର ରଥପଦା ଠାରେ ପବିତ୍ର ରଥଯାତ୍ରା ଖୁବ୍ ମଧୁର ଓ ଆକର୍ଷଣୀୟ ପରିବେଶରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓ ରଥ ଟାଣିଥିଲେ। ଅଧିବକ୍ତା ଓ ସମାଜସେବୀ ନୀରଦ କୁମାର ଦାଶ ଓ କମିଟି ସଦସ୍ୟ ସହଯୋଗ କରିଥିଲେ। ସେହିପରି ବର ଣ୍ଡୁଆ ଗ୍ରାମରେ ରଥଯାତ୍ରା ଖୁବ୍ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ଗୁମା ବନ୍ଧ,ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ସୁବାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ନାୟକ, ପ୍ରଫୁଲ୍ଲ ପାଢ଼ୀ, ସତ୍ୟ ନାରାୟଣ ଓଝା ଓ କମିଟି ସଦସ୍ୟ ତଥା ବରଣ୍ଡୁଆ ରତାଙ୍ଗ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଏଡତାଳ ଠାରେ ପବିତ୍ର ରଥଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ରଥ କମିଟି ଓ ଗ୍ରାମବାସୀ ମାନଙ୍କ ସହଯୋଗରେ ଖୁବ୍ ସୁନ୍ଦର ଭାବେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା ଓ ପୂଜା ପାଠ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇ ଥିଲା । ମାଉସୀ ମା ମନ୍ଦିର ଅଭିମୁଖେ ସମସ୍ତ ଭକ୍ତ ରଥ ଟାଣିଥିଲେ । ବାସୁଦେବପୁର ପୋଲିସ୍ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା ।

## ମୋର ଦ୍ୱିତୀୟ...

(ପୃଷ୍ଠା ୬ର ଅବଶିଷ୍ଟାଂଶ)

ସେଦିନ ଉପସ୍ଥିତ ସାରସ୍ୱତ ସାଧକମାନଙ୍କ ପ୍ରତି ତାଙ୍କର ଯେଉଁ ଆନ୍ତରିକ ଶ୍ରଦ୍ଧାଶୀଳତା ଲକ୍ଷ୍ୟ କରିଥିଲି, ସେଥିରୁ ବୁଝିପାରିଥିଲି ଯେ ଯେଉଁମାନଙ୍କର ବ୍ୟକ୍ତିତ୍ୱ ମହାନ ସେମାନଙ୍କ ହୃଦୟ କେତେ ନିର୍ମଳ ଓ ସଦିଚ୍ଛାପୂର୍ଣ୍ଣ । ଆମର ପରମ ସୌଭାଗ୍ୟ ଯେ ତାଙ୍କ ଭଳି ଜଣେ ଅନନ୍ୟ ଦେବୀଶକ୍ତିଙ୍କୁ ଭାରତବର୍ଷ ଶ୍ରେଷ୍ଠ ଆସନରେ ବସାଇ ସ୍ୱୟଂ ପୁଳକିତ ।

ମୋର ଦ୍ୱିତୀୟ ଜନ୍ମତୀର୍ଥ:

ଦିନେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ଭାବରେ ବରପାଲିସ୍ଥିତ କବି ଭବନରେ ନେଇଥିଲି ଜନ୍ମ ଷାଠିଏ ବର୍ଷ ତଳେ । ରାଧାନାଥ, ଫକୀରମୋହନ, ମଧୁସୂଦନ ପ୍ରମୁଖ ଆଧୁନିକ ଯୁଗର ସାହିତ୍ୟ ସାଧକ ମାନଙ୍କୁ ପରସ୍ପରଠାରୁ ଭିନ୍ନ କରି କେବେହେଲେ ଦେଖି ପାରିନାହିଁ । ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ଉଦ୍ ?ଭାସିତ ହେଉଥାନ୍ତି ଗଂଗାଧର । ଗଙ୍ଗାଧରଙ୍କ ପ୍ରତିକୃତି ମଧ୍ୟରେ ରାଧାନାଥଙ୍କ ଆଶିଷଭରା ମୁଖମଣ୍ଡଳ ସୁସ୍ପଷ୍ଟ । ବାଲେଶ୍ୱର ମାଟିରେ କର୍ମମୟ ଜୀବନର ଯେଉଁ ତାତ୍ପର୍ଯ୍ୟପୂର୍ଣ୍ଣ ସ୍ୱର୍ଣ୍ଣ କେତୋଟି ବିତାଇଛି; ତାହାରି ସଂସ୍ପର୍ଶ ମର୍ମେ ମର୍ମେ ଅନୁଭବ କରିଛି ଯେ ମୁଁ ଗଂଗାଧର ମେହେରଙ୍କୁ ଯେପରି ଆତ୍ମଜ, ସେହିପରି ଫକୀରମୋହନ, ରାଧାନାଥଙ୍କ ବଂଶଜ । ଆଉ ମନୋଜ ଦାସ ମୋ ପାଇଁ କିଏ ସେହି ପ୍ରଶ୍ନ ପ୍ରକାଶ କରି ଫେରି ଆସିଛି । ଯାହାର ଉତ୍ତର ବାଲେଶ୍ୱର ମାଟିର ପ୍ରତିଟି ଧୂଳିକଣାରେ ବିଦ୍ୟମାନ ରହିଛି ବକ୍ଷଦେଶକୁ ବିପରିତ କରିଦେବା ଭଳି । ଅନେକ କାରଣରୁ ଅନୁଭବ କରିଛି ଯେ ବାଲେଶ୍ୱର ମାଟି ମୋତେ ପ୍ରଦାନ କରିଛି ଆଉ ଏକ ନବଜନ୍ମର ସାନ୍ନିଧ । ବରପାଲି ଯେପରି ମୋର ଜନ୍ମଭୂମି ଭାବରେ ପବିତ୍ର, ବାଲେଶ୍ୱର ମାଟି ସେହିପରି ଦ୍ୱିତୀୟ ଜନ୍ମତୀର୍ଥ ଭାବରେ ମୋର ଚିର ନମସ୍ୟ ।

ଶାମୁକା ମଧ୍ୟରୁ ମୁକ୍ତା ପ୍ରାପ୍ତି:

ଏ ପୃଥିବୀରେ ଏମିତି କୌଣସି ସ୍ଥାନ ନାହିଁ, ଯେଉଁଠି ମଣିଷକୁ କେବଳ ନିର୍ମଳ ସ୍ନେହ ଓ ସଦିଚ୍ଛା ହିଁ ପ୍ରାପ୍ତ ହେବ । ଜଗତରେ ଯେମିତି ରହିଛି ଦିନରାତି, ରହିଛି ଯେମିତି ଆଲୋକ ଅନ୍ଧାର, ସେହିପରି ଜୀବନରେ ମଧ୍ୟ ଉଭୟ ପ୍ରକାରର ଅନୁଭୂତି ଅର୍ଜନ କରିବା ସ୍ୱାଭାବିକ । ବାହ୍ୟ ରୂପରେ ଯାହା ମନେ ହେଉଥାଏ ପ୍ରତିକୂଳ ଅନ୍ତର୍ଜଗତକୁ ପ୍ରବେଶ କଲେ ଲେଖିହୁଏ ନିରୂପମ ସୌନ୍ଦର୍ଯ୍ୟର ଉଦ୍ ?ବେଳର ରହିଛି ସର୍ବତ୍ର । ସେହି ଦୃଷ୍ଟିରୁ ଶାମୁଖକା ମଧ୍ୟରେ ଯେଉଁ ମୁକ୍ତା ଆହରଣ କରି ପାରିଛି, ତାହାହିଁ ମୋ ଜୀବନର ଶ୍ରେଷ୍ଠ ସମ୍ପଦ ।

କ୍ଷମାଶୀଳ ପରିମଣ୍ଡଳ:

ଯେଉଁ କେତୋଟି ବର୍ଷ ରହିଛି ବାଲେଶ୍ୱରରେ, ଅନିଚ୍ଛାକୃତ ଭାବରେ ହେଲେ ମଧ୍ୟ ମୋର ଆଚରଣ ବା ଉଚ୍ଚାରଣ ଯେ କାହାକୁ ଆହତ କରିନଥିବ, ସେକଥା କହିପାରିବି କିପରି ? ତେବେ ଏହି ସତ୍ୟ ମୋ ସମ୍ମୁଖରେ ପ୍ରକଟିତ ଯେ ବାଲେଶ୍ୱର ଯେମିତି ଗ୍ରହଣକ୍ଷମ ଭୂମି, ଅନୁରୂପ ଭାବରେ ତାହା ସବଳ ତ୍ରୁଟି ବିଚ୍ୟୁତିକୁ ଉଦାର ଭାବରେ କ୍ଷମାର ସ୍ପର୍ଶ ଦେଇ ପରିଣତ କରିଦେଇପାରେ କୃତଜ୍ଞତାର ଅଶ୍ରୁଧାରରେ । ନିଜର କ୍ଷୁଦ୍ରତା ଯଦି କେତେବେଳେ ପ୍ରକଟ କରିଥାଏ ତାକୁ ସୁବିଶାଳ କ୍ଷମାର ସାଗର ବାଲେଶ୍ୱର ଧୋଇଦେବ ସ୍ୱମହିମାରେ ଏହି ଆସ୍ଥାଶୀଳତା ମୋ ମଧ୍ୟରେ ଅଟଳ ।

(ସମାପ୍ତ)

♥ ପ୍ରାକ୍ତନ ବିଭାଗ ମୁଖ୍ୟ
ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

# ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ବଡଦାଣ୍ଡର ଅଧାବାଟରେ ଅଟକିଲେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି: ଆଜି ଶ୍ରୀଗୁଣ୍ଡିଚାର ଶେଷ ରଥଟଣା



ନୀଳଗିରି, ୨୮/୬ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷଯାତ୍ରାର ପ୍ରଥମଦିନ ରଥଟଣା ଅବସରରେ ଭକ୍ତ ମାନେ ଶ୍ରୀମନ୍ଦିର ନିକଟରୁ ରଥଟାଣି ଅଧାରାସ୍ତା ତଥା ବଡଦାଣ୍ଡ ପୋଷ୍ଟଅଫିସ ସମ୍ମୁଖରେ ପହଞ୍ଚାଇଥିଲେ। ରଥ ଉପରେ ତିନିଠାକୁର ଗୋଟିଏରାତି ବିତାଇବା ପରେ ଆଜି ରବିବାର ଅପରାହ୍ନରେ ରଥଟଣା କାର୍ଯ୍ୟ ଆରମ୍ଭହେବ। ନୀଳଗିରିର ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପ୍ରଥମେ ନଡ଼ିଆଭାଙ୍ଗି ରଥଟଣାର ଶୁଭାରମ୍ଭ କରିଥିଲେ। ଏହି ପବିତ୍ରା ଘୋଷଯାତ୍ରାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶି ମୟୂର ବିକାଶଙ୍କ ସମେତ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ରାଜ ପ୍ରସାଦ, ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ଓ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲିକ, ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବିଜେଡ଼ି ଯୁବନେତା ଶୁଭେନ୍ଦୁ ଦାସ ମଙ୍ଗରାଜ, ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଶୃଙ୍ଖଳିତ ଦର୍ଶନପାଇଁ ବଡ଼ଦାଣ୍ଡରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ରଥ ଉପରେ ନୀଳଗିରି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ରଥର ଦିଗନିର୍ଦ୍ଦେଶ ସମ୍ଭାଳିଥିଲେ। ଡ଼ଃ ପ୍ରଦୀପ୍ତ ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ । ସୂଚନା ମୁତାବକ ପୁରୀରେ ମାତ୍ର ଗୋଟିଏ ଦିନ ମହାପ୍ରଭୁଙ୍କ ପହଣ୍ଡି ଓ ରଥଟଣା ହୋଇ ଗୁଣ୍ଡିଚାମନ୍ଦିର ପହଞ୍ଚିବା ପରମ୍ପରା ଥିବା ବେଳେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଗୁଣ୍ଡିଚାମନ୍ଦିର ନିକଟରେ ପହଞ୍ଚିବାପାଇଁ ତିନିଦିନ ଲାଗିଥାଏ। ଏହା ନୀଳଗିରି ରଥଯାତ୍ରାର ବିଶେଷତ୍ୱ।

# ରତ୍ନାକର ଟାଉନ୍ ହାଇସ୍କୁଲରେ ମାଣିକ ଜୟନ୍ତୀ ପାଳନର ଉଦ୍ଘାଟନୀ ଦିବସ ପାଳିତ

ନିଳଗିରି , ୨୮/୬ (ନି.ପ୍ର): ନିଳଗିରି ଉପଖଣ୍ଡର ବାଲି ଗୋହିରି ସ୍ଥିତ ରତ୍ନାକର ଟାଉନ୍ ହାଇସ୍କୁଲ ରେ ୪୦ବର୍ଷ ପୂର୍ତ୍ତି ଅବସରରେ ମାଣିକ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଅଛି। ଶନିବାର ଦିନ ମାଣିକ ଜୟନ୍ତୀ ର ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନିଳଗିରି ରାଣୀ ସାହେବା ମନୋଜା ମୋଞ୍ଜରୀ ଦେବୀ ମଞ୍ଚାଷିନ ରହି ପ୍ରତ୍ୟେକ ଛାତ୍ର ଛାତ୍ରୀ ଉତ୍ତମ ଶିକ୍ଷା ଲାଭ କଲେ ସେମାନେ ଜଣେ ଜଣେ ଉତ୍ତମ ନାଗରିକ ଭାବେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ନିଜ ଅଭିଭାଷଣରେ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶାର ବ୍ୟଙ୍ଗ କବି ଜ୍ଞାନନନ୍ଦ ହୋତା ନିଜର ବ୍ୟଙ୍ଗସାହିତ୍ୟିକ ଶୈଳୀରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ପ୍ରତ୍ୟେକ ଉତ୍ସବ ହିଁ ଅତୀତର ଅଭୁଲା ସ୍ମୃତି କୁ ମନେ ପକାଏ ବୋଲି ପ୍ରକାଶ କରିଥିଲେ। ବରେଣ୍ୟ ବକ୍ତା ଭାବେ ନିଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ଅଧାପକ ଡକ୍ଟର ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, କବି ପ୍ରଶାନ୍ତ ଦାସ, ମଞ୍ଚାସିନ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଇଂ ଦିପ୍ତିକାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଶିକ୍ଷକ ରଣଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମାଣିକ ଜୟନ୍ତୀ ସମାରୋହରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ଏହି ସମାରୋହକୁ ସରସ ସୁନ୍ଦର କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମହାପ୍ରଭୁଙ୍କ ଦର୍ଶନ...

ଦ୍ୱାରା ପରିଚାଳିତ ଯାତ୍ରୀବାହୀ ବସ୍ ନିୟନ୍ତ୍ରଣ ହରାଇ ସେମାନଙ୍କର ଉପରେ ଚଢ଼ି ଯାଇଥିଲା। ଯୁବତୀମାନେ ରକ୍ତ ଜୁଡୁବୁଡୁ ହୋଇ ଛଟପଟ ହେଉଥିବା ବେଳେ ବସ୍‌ଟି ଫେରାର ମାରିଥିଲା। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଛି। ଘଟଣାସ୍ଥଳରୁ ୩ଟି ମୃତଦେହ ଉଦ୍ଧାର କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ସ୍କୁଟି (ଓଡି ୦୨ ବିକ୍ୟୁ ୭୩୬୭) ଜବତ କରିଛି। ପିପିଲି ଟୋଲ୍ ଗେଟ୍‌କୁ ଯାଇ ପୁଲିସ ବସ୍‌କୁ ଚିହ୍ନଟ କରିବା ପାଇଁ ଛାନଭିନ ଜାରି ରଖିଛି। ରିମ୍‌ଝିମ ପ୍ରିୟଦର୍ଶିନୀ ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ଥାନା ଅଞ୍ଚଳର ଏଲିନା ଦାସ ଓ କାଜଲ ଦାସ ଆଜି ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ସ୍କୁଟିରେ ଭୁବନଶ୍ୱେରରୁ ପୁରୀ ଅଭିମୁଖେ ବାହାରି ଥିଲେ। ଶରଧାବାଲିରେ ପହଞ୍ଚି ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ଆଶା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ କରିବେ ବୋଲି ବହୁତ ଖୁସିରେ ଆଗକୁ ବଢୁଥିଲେ। ଦ୍ୱିତୀୟ ଦୁର୍ଘଟଣା ଛତିଶଗଡ଼ର ରାୟପୁର-ଗଂଜାମ ଜିଲ୍ଲା ଗୋପାଳପୁର ୩୫୩ ଜାତୀୟ ରାଜପଥର କୋମନା ଥାନା ଅନ୍ତର୍ଗତ ପଲସିପାଣି ଗାଁ ଠାରୁ ଅଳ୍ପ ଦୂରରେ ଘଟିଥିଲା। ଲଳିତ ସବର ନଜ ଝିଅ ଡିଲେଶ୍ୱରୀ ସବର (୭) ଓ ସୁନାଫୁଲ ସବରଙ୍କ ସହିତ ନିକଟ ଗାଁ ବାଣ୍ଡିବାହାଲକୁ ରଥଯାତ୍ରା ଦେଖିବା ପାଇଁ ସନ୍ଧ୍ୟା ପ୍ରାୟ ୫ଟାରେ ବାହାରିଥିଲେ। କିନ୍ତୁ ଦୁଃଖର କଥା ହେଲା ଯେ, ଘର ଠାରୁ ଅଳ୍ପ ଦୂର ଯିବା ପରେ ବାପା-ଝିଅ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ସାମ୍ନା କରିଥିଲେ। ସାମ୍ନା ପାର୍ଶ୍ୱରୁ ଆସୁଥିବା ଏକ ବାଇକ ସହିତ ସେମାନଙ୍କର ଧକ୍କା ହୋଇଥିଲେ। ଏହି ଦୁର୍ଘଟଣାରେ ୪ଜଣଙ୍କର ମୃତ୍ୟୁ ଘଟିଛି। ଚତୁର୍ଥ ମୃତ ବ୍ୟକ୍ତି ହେଲେ ପାଇକମାଲ ଥାନା ଚୁହାପାଲି ଗାଁର କ୍ଷୀର ରାଓ୍ୱଲ। ସେ ଅନ୍ୟ ଏକ ବାଇକ୍‌ର ଯାତ୍ରୀ ଥିଲେ। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି, ମୃତଦେହ ଓ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଭିଜିଲାନ୍ସ ଜାଲରେ ଆଉ...

ଚଢ଼ାଉ ବେଳେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ବିଭିନ୍ନ ଠିକଣାର ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି । ଆଉ ଏ ହେଉଛି ଚଢ଼ାଉ ସମୟର ଦୃଶ୍ୟ । ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରୁଛନ୍ତି ଭିଜିଲାନ୍ସ ଅଧିକାରୀ, ଆଉ ହତାଶ ହୋଇ ବସିଛନ୍ତି ସହକାରୀ ନିର୍ବାହୀ ଯନ୍ତ୍ରୀ। ଚଢ଼ାଉ ବେଳେ ତାଙ୍କ ମିଳିଛି : ୨ ଲକ୍ଷ ୫ ହଜାର ଟଙ୍କା, ସୁନା ଗହଣା। ବ୍ରହ୍ମପୁର ରାମହରି ନଗରରେ ତିନି ମହଲା କୋଠା । ବ୍ରହ୍ମପୁର ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଟୁ-ବିଏଚକେ ଫ୍ଲାଟ୍ । ଆଙ୍କୁଲି ମୁକ୍ତେଶ୍ୱର ଆପାର୍ଟମେଣ୍ଟରେ ଭାଇ ନାଁରେ ଫ୍ଲାଟ୍। ପୁରୀ ଚୁଡ଼ଙ୍ଗସାହିରେ ଗୋଟିଏ ଫ୍ଲାଟ୍ ।ଭୁବନେଶ୍ୱର, ଖୋର୍ଦ୍ଧା ଓ ବ୍ରହ୍ମପୁରରେ ୬ଟି ଦାମୀ ପ୍ଲଟ୍ ।ପତ୍ନୀ ଓ ଯନ୍ତ୍ରୀ ସୁଶୀଲ ପଣ୍ଡାଙ୍କ ନାଁରେ ଥିବା ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କରେ ଥିବା ଲକର ଖୋଲାଯାଇନି । ଚାକିରି କାଳରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବେଆଇନ ଭାବେ ଠୁଳ କରିଥିବା ସଂପତ୍ତିର ଗୋଟି ଗୋଟି କରି ହିସାବ ନେଉଛି ଭିଜିଲାନ୍ସ ।

### ଆସୁଛି ଯୋଡ଼ା...

ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ବାଲେଶ୍ୱର ଜଳବନ୍ଦୀ ହୋଇପଡ଼ିଛି । ରାସ୍ତାରେ ପାଣି ଜମିଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଛି । ଦାଣ୍ଡ ଦୁଆର ଡେଇଁ ଘରେ ପଶିଛି ବର୍ଷା ପାଣି । ଆସବାବପତ୍ର ଭାସୁଛି । ଶୋଇବା ଘରେ ବର୍ଷା ପାଣି ଲହଡ଼ି ମାରୁଛି । ଏ ହେଉଛି ସୋର ବ୍ଲକ ଗୋପୀନାଥପୁର, ଭଇଁରା ଓ ଦିଗି ଗାଁର ଦୃଶ୍ୟ । ଗାଁ ନିକଟରେ ନିର୍ମାଣାଧିନ ଥିବା ସାଳନ୍ଦୀ କେନାଲରେ ଜଳନିଷ୍କାସନ ବ୍ୟବସ୍ଥା ନଥିବାରୁ ଘରେ ପାଣି ପଶିଛି, ରବି ଫସଲ ବି ନଷ୍ଟ ହୋଇଛି । ସମ୍ପୃକ୍ତ ଠିକା ସଂସ୍ଥାର ମନମାନି ବିରୋଧରେ ଲୋକ ଧାରଣା ଦେବା ପରେ ତହସିଲଦାର ପହଞ୍ଚି ପାଣି ନିଷ୍କାସନର ବ୍ୟବସ୍ଥା କରିଛନ୍ତି । ସେପଟେ ସମ୍ଭାବ୍ୟ ଲଘୁଚାପକୁ ନେଇ ଭୋଗରାଇ ମତ୍ସ୍ୟ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସମୁଦ୍ର ଭିତରକୁ ନଯିବା ପାଇଁ ସଚେତନ କରାଯାଇଛି । ନିଜ ନିଜର ଡଙ୍ଗା ଓ ଜାଲ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଛି ।

### କଥା ହେଲେ ମୋଦି...

ବର୍ତ୍ତମାନ ଭାରତୀୟ ବାୟୁସେନାର ପାଇଲଟ୍ ଗ୍ରୁପ କ୍ୟାପଟ୍ଟେନ ୩୯ ବର୍ଷୀୟ ଶୁଭାଂଶୁ ଶୁକ୍ଲା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିଥିବା ବେଳେ ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରେ ପହଞ୍ଚିଛନ୍ତି । ଶୁଭାଂଶୁ ଶୁକ୍ଲାଙ୍କ ସହ ୩ ମହାକାଶଚାରୀ ଅନ୍ତର୍ଜାତୀୟ ସ୍ପେଶ୍ ଷ୍ଟେସନରେ ୧୪ ଦିନ ରହିବେ । ଅନ୍ୟ ମହାକାଶଚାରୀ ହେଲେ ଆମେରିକାର କମାଣ୍ଡର ପେଗି ହ୍ୱିଟସନ, ପୋଲାଣ୍ଡର ବିଶେଷଜ୍ଞ ସ୍ଲାଓଜ ଉଜନାନସ୍କି-ୱିସ୍ନିୱିସ୍କିଓ ହଙ୍ଗେରୀର ଟିବୋର କାପୁ । ଏହି ମହାକାଶ ଅଭିଯାନରେ ସେମାନେ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବେ । ସେଥିରୁ ୭ଟି ଗୁରୁତ୍ୱପୂର୍ଣ୍ଣ ସାଇଣ୍ଟିଫିକ୍ ଏକ୍ସପେରିମେଣ୍ଟ ପାଇଁ ପ୍ରସ୍ତାବ ଦେଇଛି ଇସ୍ରୋ, ଯାହାର ମଙ୍ଗ ଧରିବେ ନିଜେ ଶୁଭାଂଶୁ । ଏଥିସହ ଗଗନଯାନ ଓ ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ ପାଇଁ ଅଭିଜ୍ଞତା ସାଉଁଟିବେ ।

### ଯୁଦ୍ଧ ବିରାମ ପରେ ବି ...

ଆଇଡିଏଫ ଦାବି କରିଛି ଯେ ଏହା ହିଜବୁଲ୍ଲାର ଏକ ଗୁପ୍ତ ସାମରିକ ସ୍ଥାନକୁ ଟାର୍ଗେଟ୍ କରିଥିଲା, ଯାହା ୨୦୨୪ ନଭେମ୍ବରରେ ଆମେରିକା ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତିର ଉଲ୍ଲଙ୍ଘନ କରୁଛି । ଲେବାନନ ସରକାର ଇସ୍ରାଏଲକୁ ଏହି ଯୁଦ୍ଧବିରତି ଭାଙ୍ଗିବା ନେଇ ଅଭିଯୋଗ ଲଗାଇଛି । ସେପଟେ ହିଜବୁଲ୍ଲା ଏବେ ଇସ୍ରାଏଲକୁ ପ୍ରତିଶୋଧର ଧମକ ଦେଇଛି ।

### ଅପରେସନ୍ ସିନ୍ଦୂରରେ ...

ସେ ବର୍ତ୍ତମାନ ଗୁଇନ୍ଦା ସଂସ୍ଥାର ମୁଖ୍ୟ ଥିବା ରବି ସିହ୍ନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ । ରବି ସିହ୍ନାଙ୍କ କାମ ଚଳିତ ମାସ ୩୦ ତାରିଖରେ ସମାପ୍ତ ହେବାକୁ ଯାଉଛି । କହିରଖୁ କି, ଗୁଇନ୍ଦା ସଂସ୍ଥା ଭାରତର ଏଭଳି ଏକ ଏଜେନ୍ସି ଯେ ଦେଶ ବାହାରେ ଗୁଇନ୍ଦା ଅପରେସନ ଦେଖିଥାଏ । ପାୱାର କରିଡରରେ ଜେଣ ଚତୁର ଗୁଇନ୍ଦା ଭାବେ ଚର୍ଚ୍ଚାରେ ଥିବା ପରାଗ ଜୈନ ନିଜ ସହ ମାନବ ଅଧାରିତ ଇଣ୍ଟେଲିଜେନ୍ସ ସହ ଟେକନିକ୍ ଆଧାରିତ ଇଣ୍ଟେଲିଜେନ୍ସର ଅନୁଭବ ନେଇ ଆସୁଛନ୍ତି । ସେ ତାଙ୍କ କାର୍ଯ୍ୟକାଳରେ ଏହି ଦୁଇ ପ୍ରକାରର ଇଣ୍ଟେଲିଜେନ୍ସକୁ ମିଳିତ ଭାବେ ବ୍ୟବହାର କରି ଅନେକ କାମ କରିଛନ୍ତି । ଚଳିତ ବର୍ଷ ପାକିସ୍ତାନ ବିରୋଧରେ ହୋଇଥିବା ଅପରେସନ ସିନ୍ଦୂରକୁ ନେଇ ପରାଗ ଜୈନ୍ ବେଶ୍ ଚର୍ଚ୍ଚାରେ ଥିଲେ । ତାଙ୍କ ନେତୃତ୍ୱରେ ସେନା ଗୁଇନ୍ଦା ସୂଚନା ଆଧାରରେ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କବାଦୀଙ୍କ ଠିକଣାକୁ ଧ୍ୱଂଶ କରିବାରେ ସମର୍ଥ ହୋଇଥିଲା । କ୍ୟାବିନେଟ ନିଯୁକ୍ତି ସମିତି ତରଫରୁ ତାଙ୍କ ନାମ ଉପରେ ଆଜି ମୋହର ମାରିଛି ।

## ପୁରୀ ରଥଯାତ୍ରାରେ ଆରଏସ୍‌ଏସ୍‌ର ସେବାକାର୍ଯ୍ୟ

ପୁରୀ/ଭୁବନେଶ୍ୱର, ୨୮/୬ (ନି.ପ୍ର):ପୁରୀ ରଥଯାତ୍ରାରେ ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂଯୋଜନାରେ ପ୍ରତିବର୍ଷଭଳି ଏବର୍ଷ ମଧ୍ୟ ୯ପ୍ରକାରର ସେବାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଦିନ ପୂର୍ବାହ୍ନରେ ଭୋଲାନାଥ ବିଦ୍ୟାଳୟ ନିକଟରେ ଥିବା ସମିତିର ପ୍ରାଥମିକ ଚିକିତ୍ସା କେନ୍ଦ୍ର ସମ୍ମୁଖରେ ସଂଘର ପୂର୍ବକ୍ଷେତ୍ରର ସହକ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା, କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ ମୁଖାର୍ଜୀ, ବିଶ୍ୱହିନ୍ଦୁ ପରିଷଦର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ସମିତିର ସଭାପତି ଅକ୍ଷୟ କୁମାର ବିଟ୍ ପ୍ରଦୀପ ପ୍ରଜ୍ୱଳନକରି ସେବାକାର୍ଯ୍ୟ ଉଦ୍‌ଘାଟନ କରିଥିଲେ ।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ରଥଟଣା : ପରମ୍ପରା ମୁତାବକ ଦେବୀ ସୁଭଦ୍ରାଙ୍କ ରଥ ଟାଣିଲେ ମହିଳା



ବାରିପଦା, ୨୮/୬ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ଆଜି ପ୍ରଥମ ଦିନରେ ପ୍ରଥମେ ବଳଭଦ୍ରଙ୍କ ୧୪ ଚକ ବିଶିଷ୍ଟ ତାଳଧ୍ୱଜ ରଥକୁ ହଜାରହଜାର ଭକ୍ତ ଶ୍ରୀ ମନ୍ଦିର ନିକଟ ରଥ ଖଳାରୁ ଟାଣି ନେଇ ରାଧା ମୋହନ ମନ୍ଦିର ଠାରେ ଥିବା ଗୁଣ୍ଡିଚା ମନ୍ଦିର ଆଗରେ ପହଞ୍ଚାଇ ଥିଲେ। ପରେ ପରେ ଦେବି ସୁଭଦ୍ରାଙ୍କର ୧୨ ଚକ ବିଶିଷ୍ଟ ଦେବଦଳନ ରଥକୁ ପରମ୍ପରା ମୁତାବକ କେବଳ ମହିଳା ଭକ୍ତ ମାନେ ଟାଣିନେଇ ଅଧାବାଟରେ ଅର୍ଥାତ ବାରିପଦା ଟାଉନ ଥାନା ସମ୍ମୁଖରେ ପହଞ୍ଚାଇଥିଲେ। ସେହିପରି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରାଜ୍ୟ ଲକ୍ଷ୍ମୀ ଭଞ୍ଜଦେଓ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ, ପୂର୍ବାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ରଥ ଟାଣିଥିଲେ। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ପରମ୍ପରା ମୁତାବକ ଦେବି ସୁଭଦ୍ରାଙ୍କ ଦେବଦଳନ ରଥକୁ କେବଳ ମହିଳା ମାନେ ଟାଣିଥାନ୍ତି। ଏହି ପରମ୍ପରା ୧୯୭୫ ମସିହା ଯେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥି ଥିଲେ, ସେତିକି ବେଳୁ ଆରମ୍ଭ ହୋଇଛି। ମହିଳା ମାନଙ୍କୁ ଅଗ୍ରାଧିକାର ଦେଇ ସେମାନଙ୍କୁ ସଶକ୍ତ କରାଯିବା ପାଇଁ ବାରିପଦା ମାଟିରୁ ଆରମ୍ଭ ହୋଇଥିବା ଏହି ପରମ୍ପରା ଅଦ୍ୟାବଧି ଚାଲୁ ରହିଛି। ତେବେ ରଥ ଟଣା ବେଳେ ଆଜି ମୁଖ୍ୟତଃ ପାଗ ଶୁଖିଲା ଥିବାରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଚଳିତ ବର୍ଷ ରଥଯାତ୍ରା ମେଳାରେ ଦୋଳି ସହିତ ବିଭିନ୍ନ ଆମୋଦ ପ୍ରମୋଦ ଏବଂ ଘର କରଣା ଜିଣିଷର ଦୋକାନ ଲାଗିଛି। ଏଣୁ କେବଳ ରଥ ଟଣା ନୁହେଁ ମେଳାରେ ମଧ୍ୟ ବ୍ୟାପକ ଭିଡ଼ ପରିଲକ୍ଷିତ ହେଉଛି।

# ବାପା ମା’ ଛେଉଣ୍ଡ ତିନି ପିଲାଙ୍କ ଦୁଃଖ



ଉଦଳା , ୨୮/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳର ୱାର୍ଡ଼ ନଂ-୭ରେ ବସବାସ କରୁଥିବା ଏକ ଆଦିବାସି ପରିବାର ବର୍ତମାନ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । କିଛିଦିନ ପୂର୍ବରୁ ପିତା ଦିବାକର ମୁର୍ମୁଙ୍କର ଦେହାନ୍ତ ହୋଇଯାଇଥିବା ବେଳେ ନିକଟରେ ମାତା କେଶରି ମୁର୍ମୁଙ୍କର ଦେହାନ୍ତ ହୋଇଛି । ଫଳରେ ତାଙ୍କର ତିନି ଜଣ ସନ୍ତାନ ବାପା ମା’ ଛେଉଣ୍ଡ ହୋଇଯିବା ସାଙ୍ଗକୁ ବର୍ତମାନ ନିଜକୁ ଆଦୌ ସୁରକ୍ଷିତ ମଣୁ ନାହାଁନ୍ତି । ଜ୍ୟେଷ୍ଠ କନ୍ୟା ପୁଜା ମୁର୍ମୁଙ୍କର ବୟସ ୨୦ ବର୍ଷ ଛୁଇଁଥିବା ବେଳେ ସେ +୨ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ତାଙ୍କ ତଳକୁ ଥିବା କନ୍ୟା ରଜନି ମୁର୍ମୁଙ୍କୁ ବୟସ ୧୪ ବର୍ଷ ଛୁଇଁଥିବା ବେଳେ ସେ ଦଶମ ଶ୍ରେଣି ପର୍ଯ୍ୟନ୍ତ ପଢ଼ିଛନ୍ତି । କନିଷ୍ଠ ପୁତ୍ର ରାମଚନ୍ଦ୍ରଙ୍କୁ ବର୍ତମାନ ବୟସ ୧୦ ବର୍ଷ ହୋଇଥିବା ବେଳେ ସେ ପଂଚମ ଶ୍ରେଣି ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ପରିବାରରେ ଆଦୌ କେହି ରୋଜଗାରକ୍ଷମ ବ୍ୟକ୍ତି ନଥିବା ଯୋଗୁଁ ଏହି ପିଲାମାନେ ଚଳିବେ କେମିତି ଓ କିପରି ପାଠ ପଢ଼ିବେ ତାହା ଚିନ୍ତାର ବିଷୟ ପାଲଟି ଯାଇଛି । ତାଛଡ଼ା ପାଖରେ କେହି ନିଜର ଲୋକ ନଥିବା ଯୋଗୁଁ ଏହି ପିଲାମାନେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶାନ୍ତିକ୍ଷେତ୍ର ରୂପସାରେ ଭକ୍ତିପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହେଲା ରଥଟଣା

ବସ୍ତା ୨୮.୬( ନିପ୍ର)ସଦର ବ୍ଲକ ଅନ୍ତର୍ଗତ ରୂପସା ରେ ଗଡିଲା ଜଗତର ନାଥ ଜଗନ୍ନାଥଙ୍କ ରଥ । ପୁରୀ ରଥ ର ଗୋଟିଏ ଦିନ ପରେ ଗଡେ ରୂପସା ରେ ରଥ । କସିପଦା ମନ୍ଦିର ନିକଟରୁ ଭାରି ପାଟପୁର ବଜାର ଠାରେ ଥିବା ମାଉସୀ ମା ବାଡି ଙ୍କୁ ଯାଆନ୍ତି ଜଗତର ନାଥ ଜଗନ୍ନାଥ ସାଙ୍ଗରେ ଭ୍ରାତା ବଳଭଦ୍ର ଓ ଭଉଣୀ ମାତା ସୁଭଦ୍ରା । ଖୋଳ କୀର୍ତ୍ତନ, ଝାଲି ଶଙ୍ଖ ନାଦ ସାଙ୍ଗକୁ ଜୟ ଜଗନ୍ନାଥ ସ୍ୱାମୀ ଧ୍ୱନିରେ ଆଧାତ୍ମିକ ପରିବେଶ ଭିତରେ ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଭକ୍ତ ଭଗବାନ ଙ୍କ ମହା ମିଳନ ର ପର୍ବ ରଥ ଯାତ୍ରା ରେ ହଜାର ହଜାର ଭକ୍ତ ଉପସ୍ଥିତ ରହି ଶ୍ରଦ୍ଧା ରେ ରଥ ଟାଣି ଥିଲେ । ଏହି ସମୟରେ ପ୍ରତେକ ଘର ସାମ୍ନାରେ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା ସହିତ ମଙ୍ଗଳ ଆରତୀ, ଧୁଣା ଦ୍ୱିପ ସହିତ ଭୋଗ ଲାଗିକରି ପୂଜା ଅର୍ଚ୍ଚନା କରିଥିଲେ । ଖୋଳ କୀର୍ତ୍ତନ, ଝାଲି ଶଙ୍ଖ ନାଦ ସାଙ୍ଗକୁ ଜୟ ଜଗନ୍ନାଥ୍ ନାରାରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଆଧାତ୍ମିକ ପରିବେଶ ଭିତରେ ପବିତ୍ର ରଥ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ପ୍ରଭୁ ଙ୍କୁ ଆଲିଙ୍ଗନ କରିବାର ସୁଯୋଗ ପାଇ ଭାବବିଭୋଳ ହୋଇ ଯାଇଥିଲେ ।



# ଦେଶୀ ମଦ କାରଖାନା ଉପରେ ଅବକାରୀ ବିଭାଗର ଚଢ଼ାଉ



ବେତନଟୀ,୨୮/୬ (ନି.ପ୍ର) : ବେତନଟୀ ଅବକାରୀଥାନା ପକ୍ଷରୁ ଆଜି ବଡସାହି ଥାନା ଅଧୀନ ଯଦୁନାଥପୁର ଗ୍ରାମର ଜଙ୍ଗଲିଆ ଅଞ୍ଚଳରେ ଚାଲିଥିବା ଚୋରା ଦେଶୀମଦ କାରଖାନା ଉପରେ ଚଢାଉ କରାଯାଇ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି । ଯଦୁନାଥ ଅଞ୍ଚଳ ରେ ଚୋରାମଦ କାରଖାନା ଚାଲିଥିବାର ଖବରପାଇ ବେତନଟୀ ଅବକାରୀବିଭାଗ ଚଢାଉ କରିଥିଲେ । ଅବକାରୀ ବିଭାଗର ଚଢାଉ ସମୟରେ ଚୋରାମଦ କାରଖାନା ଚଳାଉଥିବା ମଦମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ଘଟଣାସ୍ଥଳରୁ ୪୨୦୦ ଲିଟର ମହୁଲପୋଚ, ଚୋରାଚାଲାଣ ନିମନ୍ତେ ପ୍ରସ୍ତୁତକରି ରଖାଯାଇଥିବା ୧୭୭ଲିଟର ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଗୁଡିକୁ ଭାଙ୍ଗିରୁଜି ନଷ୍ଟ କରିଦିଆ ଯାଇଥିଲା । ଏନେଇ ବେତନଟୀ ଅବକାରୀ ଥାନା ପକ୍ଷରୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖାଯାଇଛି ।

# ଆଶ୍ରମ ଅନ୍ତେବସୀଙ୍କୁ ବସ୍ତ୍ର ବଣ୍ଟନ କଲେ ୨ସାମାଜିକ ସଙ୍ଗଠନର ସଦସ୍ୟ



ଖଇରା, ୨୮/୬ (ନି.ପ୍ର): ବାଲେଶ୍ୱର ତଥା ଦିଲ୍ଲୀରେ ଅନାଥ ଅସହାୟଙ୍କ ସେବାରେ ସମର୍ପିତ ନିଳାଚଳ ପରିବାର ଓ ଆୟୁଷ୍ମାନ ସଙ୍ଗଠନର ସଦସ୍ୟ ମାନେ ବିଭିନ୍ନ ଆଶ୍ରମ ଓ ଅନୁଷ୍ଠାନରେ ବସ୍ତ୍ର ବଣ୍ଟନ କରି ପୁଣି ଥରେ ନିଜ ମାନବିକତାର ପରିଚୟ ଦେଇଛନ୍ତି । ସଦସ୍ୟ ମାନେ ରେମୁଣାସ୍ଥିତ କପିଳମୁନୀ ସେବାଶ୍ରମ, ରାମେଶ୍ୱର ମନ୍ଦିର, ଅମୃତଧାରା ଆଶ୍ରମ, ବାଲିଆସ୍ଥିତ ଉତ୍ସର୍ଗ ବୃଦ୍ଧାଶ୍ରମ, ରାଣିପାଟଣାସ୍ଥିତ ଦୃଷ୍ଟିହୀନ ଆଶ୍ରମ, ବାସୁଦେବପୁର ସ୍ଥିତ ସୁଧାକର ମୁନୀ ଆଶ୍ରମ, ତିହିଡିସ୍ଥିତ ଶାନ୍ତିବାଳା ଆଶ୍ରମ ରେ ୧ହଜାରରୁ ଉର୍ଦ୍ଧ ଅନ୍ତେବାସୀଙ୍କୁ ନୁତନ ଶାଢୀ,ସାର୍ଟ ଓ ପ୍ୟାଣ୍ଟ, ଗାମୁଛା ଇତ୍ୟାଦି ବଣ୍ଟନ କରିଛନ୍ତି । ଦୁଇ ଦିନ ଧରି କରାଯାଇଥିବା ଏହି ମହତକାର୍ଯ୍ୟରେ ନିଳାଚଳ ପରିବାରର ସମ୍ପାଦକ ଜୟଦେବ ପତି, ସଦସ୍ୟ ବିଶ୍ୱନାଥ ସେଠୀ, କଳିଙ୍ଗ କେଶରୀ ପଣ୍ଡା, ସୌଭାଗ୍ୟ କେଶରୀ ପଣ୍ଡା, ସ୍ମୃତିରଞ୍ଜନ ନାୟକ,ସୁଶାନ୍ତ ମଲ୍ଲିକ, ଗଗନ ସ୍ୱାଇଁ,ପ୍ରଶାନ୍ତ ପଣ୍ଡା, ରବିନ୍ଦ୍ର ସ୍ୱାଇଁ,ପ୍ରଭାତ ସାହୁ, ବିଜୟ ରାଉତ,ସତ୍ୟଶିବ ପାତ୍ର, ବିକାଶ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

# ସୂବର୍ଣ୍ଣକାଳରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ



ବାଲେଶ୍ୱର, ୨୮/୬ (ନି.ପ୍ର): ବାଲେଶ୍ୱର ସଦରବ୍ଲକ ଗେଙ୍ଗୁଟି ପଞ୍ଚାୟତର ଆଞ୍ଚଳିକ ସରକାରୀ ଉଚ୍ଚ ବିଦ୍ୟାଳୟ, ସାଉଁ ପରିସରରେ ଆଗାମୀ ପ୍ରତିଷ୍ଠା ଦିବସ ଓ ବନମହୋତ୍ସବକୁ ଆଖିଆଗରେ ରଖି ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ,ସାଉଁ ତରଫରୁ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପରିଷଦର ସଭାପତି ଜଳଧର ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାକୁ ଆନ୍ତର୍ଜାତୀୟ ଚିତ୍ରଶିଳ୍ପୀ କେଶୁ ଦାସ ଶୁଭ ଉଦଘାଟନ କରିଥିବା ବେଳେ ପ୍ରାକ୍ତନ ଓଡିଆ ସାହିତ୍ୟ ଏକାଡେମୀ ସଦସ୍ୟ ଡ. କାଳିପଦ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦାନକରି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଦ୍ରୋଣାଚାର୍ଯ୍ୟ ପଟ୍ଟାୟତ, ବିଚାରକ, ଶିକ୍ଷାବିତ ପୁଷ୍ପିତା ଦାସ,ବନଲତା ଦାସ,ଗଦାଧର ମହାନ୍ତି ପ୍ରମୁଖ ଯୋଗଦାନ କରିଥିଲେ । ସମ୍ପାଦକ ସୁଧାକର ସେଠୀ ପ୍ରାକକଥା ରଖିଥିବା ବେଳେ । ମଞ୍ଚ ଆହ୍ୱାନ ମନ୍ମଥ କୁମାର ବାରିକ ଓ ସହ ସମ୍ପାଦକ ସତ୍ୟନାରାୟଣ ଆଚାର୍ଯ୍ୟ ଧନ୍ୟବାଦ ପ୍ରଦାନ କରିଥିଲେ । ମୁଖ୍ୟ ପରିଚାଳନାରେ ସବ୍ୟସାଚୀ ପ୍ରାଧାନ,ଜୟଶ୍ରୀ ରାଉତ,ସନତ କୁମାର ପରିଡା, ହେମେନ୍ଦ୍ର କୁମାର ବୁଗୁଡେଇ ଥିବାବେଳେ ଶିକ୍ଷୟତ୍ରୀ ଇତିଶ୍ରୀ ବେହେରା,ଶ୍ରଦ୍ଧାଞ୍ଜଳି ମଲ୍ଲିକ,ଗୀତାଞ୍ଜଳି ପାତ୍ର,ଚିନ୍ମୟୀ ପାତ୍ର ଏବଂ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତରହି ସମସ୍ତକାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଆସନ୍ତା ଜୁଲାଇ ୦୭ ତାରିଖରେ,ବିଦ୍ୟାଳୟ ଇତିହାସରେ ପ୍ରଥମ ଥରପାଇଁ ପାଳିତ ହେବାକୁ ଯାଉଥିବା ପ୍ରତିଷ୍ଠା ଦିବସ ଏବଂ ବନ ମହୋତ୍ସବରେ ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ସଭାପତି ଶ୍ରୀ ସାମଲ ଘୋଷଣା କରିଥିଲେ ।

## ରଥ ଟଣାରେ ବିଶୃଙ୍ଖଳାକୁ ନେଇ ଛାତ୍ର କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଗତକାଲି ଜଗନ୍ନାଥ ଧାମ ପୁରୀ ଠାରେ ବିଶ୍ୱ ପ୍ରସିଦ୍ଧ ପବିତ୍ର ରଥଯାତ୍ରାରେ ପ୍ରଶାସନ ତରଫରୁ ଅବ୍ୟବସ୍ଥା ଏବଂ ଶିଳ୍ପପତି ଗୌତମ ଆଦାନୀଙ୍କ ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ନନ୍ଦିଘୋଷ ରଥକୁ ଜାଣିଶୁଣି ପ୍ରଶାସନ ଦ୍ୱାରା ଅଟକି ରଖାଯିବା ଘଟଣା ଅତ୍ୟନ୍ତ ଦୁଃଖ ଓ ନିନ୍ଦନୀୟ ଘଟଣା । ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଘଟଣା ଘଟିଛି । ଏହାର ପ୍ରତିବାଦରେ ଶନିବାର ରାଜ୍ୟ ଛାତ୍ର କଂଗ୍ରେସ ତରଫରୁ ଛାତ୍ର କଂଗ୍ରେସ ସଭାପତି ଉଦିତ ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଗୌତମ ଆଦାନୀଙ୍କ କୁଶ ପୁତଳିକା ଦାହ କରାଯାଇଛି ।

# ଅନନ୍ତା ଚଳଚ୍ଚିତ୍ରର ଅପୂର୍ବ ସଫଳତା ପରେ ଉନ୍ମୋଚନ ହେଲା ଅନନ୍ତା ସିନେମାର ଚିତ୍ରନାଟ୍ୟ ପୁସ୍ତକ

ଭୁବନେଶ୍ୱର, ୨୮/୬ (ନି.ପ୍ର): ଅନନ୍ତା ଚଳଚ୍ଚିତ୍ରର ଅପୂର୍ବ ସଫଳତା ପରେ ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ର ଚିତ୍ରନାଟ୍ୟ ଓ ସଂଳାପ, ଏକ ପୁସ୍ତକ ମାଧ୍ୟମରେ ପ୍ରକାଶିତ ହୋଇଛି । ଯାହାକୁ ମହାରାଜା ସିନେମା ପ୍ରେକ୍ଷାଳୟରେ ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ସଂଳାପ ଲେଖକ ଡ଼ ରଜନୀ ରଞ୍ଜନ, ଅଭିନେତ୍ରୀ ଜ୍ୟୋତିର୍ମୟୀ ପଣ୍ଡାଙ୍କ ସମେତ ଅନେକ ନିମନ୍ତ୍ରିତ କବି ଓ ଲେଖକଙ୍କ ଗହଣରେ ଉନ୍ମୋଚନ କରାଯାଇଛି । ଅନନ୍ତା ପୁସ୍ତକଟି ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଛି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ଗଳ୍ପ ରାଣ୍ଡୀ ପୁଅ ଅନନ୍ତା ଅବଲମ୍ବନରେ ନିର୍ମିତ ଅନନ୍ତା ଚଳଚ୍ଚିତ୍ରକୁ ସବ୍ୟସାଚୀ ମହାପାତ୍ର



ଏବଂ କୁମାର ସି ଦେବ ନିର୍ଦ୍ଦେଶନା ଦେଇଛନ୍ତି । ସଂଳାପ ରଚନା କରିଛନ୍ତି ଡ଼. ରଜନୀ ରଞ୍ଜନ । ପୁସ୍ତକ ପ୍ରକାଶିତ କରିବାର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ନିର୍ଦ୍ଦେଶକ କହିଥିଲା, ଯେଉଁ ଦର୍ଶକ ପ୍ରେକ୍ଷାଳୟରେ ଚଳଚ୍ଚିତ୍ରଟି ଦେଖିବାକୁ ସୁଯୋଗ ପାଇନଥିବେ ସେମାନେ ଏହି ପୁସ୍ତକ ପଢି ପୁରା ଚଳଚ୍ଚିତ୍ରଟିକୁ ଦେଖିଲା ଭଳି ଅନୁଭବ କରିପାରିବେ । ଏହି ଚଳଚ୍ଚିତ୍ରରେ ପ୍ରତ୍ୟେକ ଚରିତ୍ର ନିଖୁଣ ଅଭିନୟ କରି ଦର୍ଶକଙ୍କୁ ଢେର ମନୋରଞ୍ଜନ ଯୋଗାଇପାରିଛି । ଯା ଭିତରେ ତିନି ସପ୍ତାହ ବିତି ଯାଇଥିବା ବେଳେ ଏବେ ବି ସବୁ ଶୋ' ହାଉସଫୁଲ୍ ହେଉଛି । ଆମ ମାଟିର କଥା, ଆମ ଗାଁ ପୁଅ ବଳିଦାନର କଥା ଦେଖି ଦେଖିବାକୁ ଦର୍ଶକଙ୍କର ବେଶ ସୁଅ ଛୁଟୁଛି । ମୌଳିକ କାହାଣୀ ପ୍ରତି ଦର୍ଶକ ଙ୍କର ରୁଚି ବଢିଛି ଯାହା ଅନନ୍ତା ଚଳଚ୍ଚିତ୍ର ରୁ ଅନୁମେୟ । ଏହି ଅବସରରେ ଲେଖିକା ପ୍ରଫେସର ସଂଘମିତ୍ରା ମିଶ୍ର, ସୁଷମା ମିଶ୍ର,ପ୍ରବୀଣା ମହାନ୍ତି, ଓଡ଼ିଶା ମିରର ର ସମ୍ପାଦକ ଦିଲ୍ଲୀପ ବିଶ୍ୱାଳ, ବଳକ୍ଷସଶଷଗାଲ୍ପିକ ଅରୁଣ ସାହୁ, କ୍ଷୀରୋଦ ପରିଡା, ପରେଶ ପଟ୍ଟନାୟକ, ସହଦେବ ସାହୁ, କ୍ଷୀରୋଦ ଦାସ, ବବିତା ତ୍ରିପାଠୀ, ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

# ଜେଏସଡବ୍ଲ୍ୟୁ ପକ୍ଷରୁ କୁଞ୍ଜବିହାରୀଙ୍କ ରଥଯାତ୍ରା ଅବସରରେ ଜଳସେବା ଶିବିର

ପାରାଦିପ, ୨୮/୬ : ପାରାଦୀପ ଉପକଣ୍ଠ ଗଡକୁଜଙ୍ଗ ସ୍ଥିତ କୁଞ୍ଜବିହାରୀ ପୀଠରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । କିମ୍ବଦନ୍ତୀ ଅନୁସାରେ ଏହି ପୀଠରେ ପୁରୀ ଶ୍ରୀକ୍ଷେତ୍ର ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରଦିନ ଏଠାରେ ରଥ ଟଣା ହେଇଥାଏ । ସେଥିପାଇଁ ଏହାକୁ ବାସି ରଥଯାତ୍ରା ବେଲି କୁହା ଯାଇଥାଏ । ଚଳିତ ବର୍ଷ ବର୍ଷା ପାଗ ହୋଇଥିଲେ ମଧ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତଥା ଜନ ସାଧାରଣ ଯୋଗ ଦେଇଥିଲେ । ଶନିବାର ସକାଳୁ




ମହାପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସମସ୍ତ ନିତୀକ୍ରାନ୍ତି ଶେଷ ହେବା ପରେ ଅପରାହ୍ନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ୍ ପକ୍ଷରୁ ବଡ ଦାଣ୍ଡରେ ଜଳସେବା ଶ୍ୱିରର ଆୟୋଜନ କରାଯାଇଥିଲା । ସ୍ଥାନୀୟ କାଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଶିବିରରେ ବିଷୁଦ୍ଧ ପାନୀୟ ଜଳ ବିତରଣ କରିଥିଲେ । ଏହି ଅବସରରେ ସ୍ଥାନୀୟ ଜେ ଏସ୍ ଡ ବ୍ଲୁ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମାନେ ପ୍ରଭୁ ଶ୍ରୀ କୁଞ୍ଜ ବିହାରୀଙ୍କ ଦର୍ଶନ କରିବା ସହିତ ରଥଟାଣିବାର ସୈଭାଗ୍ୟ ଅର୍ଜନ କରିଥିଲେ ।

# ହେଲ୍‌ଦି ଲାଇଫର ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାଲେଶ୍ୱର, ୨୮/୬ (ନି.ପ୍ର): ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟ ଇନଷ୍ଟିଚ୍ୟୁଟ ଅଫ ନେଚର କିୟର ଏଣ୍ଡ ଯୋଗିକ ସାଇନସ୍ ଚିଡ଼ିଆପୋଲ ବିବେକାନନ୍ଦ ମାର୍ଗ ବାଲେଶ୍ୱର ପରିସରରେ ପୁରୁଣା ବର୍ଷର ଯୋଗ ଛାତ୍ରଛାତ୍ରୀମାନେ ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ, ୨୦୨୫/୨୦୨୬ ନବାଗତ ମାଷ୍ଟର ଡିଗ୍ରି ଯୋଗ ଛାତ୍ରଛାତ୍ରୀମାନେ ଯୋଗ ଦେଇ ନିଜର ଲକ୍ଷ୍ୟ ଆଭିମୁଖ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବରେ ଅଧ୍ୟାପକ ଡ. ଜଗନ୍ନାଥ ଖଟୁଆ (ସମାଜ ଉଉର ଓଡ଼ିଶା) ଯୋଗ ଦେଇ ଆଜି ଭାରତ ବର୍ଷର ଯୋଗର ପ୍ରଚାର ପ୍ରସାର ତଥା ଯୋଗକୁ ରୋଗ ଦୂର କରିବାର ପ୍ରକ୍ରିୟା ଭାବେ ସବୁଠି କଲେଜ ଠାରୁ ଚିକିତ୍ସାର ମାନଙ୍କରେ ନିଯୁକ୍ତି ମିଳି ପାରୁଛି । ଭଲ ମଣିଷ, ନିରୋଗ ଶରୀର ହେବା ସଙ୍ଗେ ସଙ୍ଗେ ଯୋଗ ଡିପ୍ଲୋମା, ଯୋଗ ମାଷ୍ଟର ଡିଗ୍ରି କରି ଆର୍ଥିକ ସ୍ୱଚ୍ଛଳତା ହୋଇ ପାରୁଛି, ବାଲେଶ୍ୱରରେ ଗୋଟିଏ ମାତ୍ର ଯୋଗ ମହାବିଦ୍ୟାଳୟରେ ପ୍ରତିବର୍ଷ ୧୦୦ ଛାତ୍ରଛାତ୍ରୀ ଶିକ୍ଷାପ୍ରାପ୍ତ କରି ବିଭିନ୍ନ ଅଞ୍ଚଳରେ ନିଯୁକ୍ତି ପାଇଁ ପାରୁଛନ୍ତି । ମହାବିଦ୍ୟାଳୟର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଂଜନ ସାହୁ, କହିଲେ ଯେ ଆଜିର ଦିନରେ ଏହି ଅନୁଷ୍ଠାନ ଭଲ ମଣିଷ ତିଆରି କରିବାର ପ୍ରୟାସ କରିଛି, ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଉତ୍କଳ ୟୁନିଭରସିଟି ଅଫ୍ କଲଚର ଦ୍ୱାରା ଦୁଇ ବର୍ଷ ଓ ଡିପ୍ଲୋମା ୧ବର୍ଷ ପାଠ୍ୟକ୍ରମ ଦିଆଯାଇ ସ୍ୱୀକୃତି ପ୍ରାପ୍ତ ଶିକ୍ଷକ ତିଆରି କରି ପାରୁଛି, ଅଧାପକ ଅଭିଶେକ ଦାସ, ଅଧାପିକା ଅନୀତା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟକ୍ରମ ଉପରେ ବୁଝାଇ ଥିଲେ । ଶେଷରେ ସବିତା ସାହୁ, କାନ୍ତି କୀର୍ତ୍ତୀଙ୍କ ଦ୍ୱାରା ନବାଗତ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

# ଇମାମି ନଗର ରଥଯାତ୍ରା ଉତ୍ସବ ମହା ସମାରୋହରେ ପାଳିତ

ବାଲେଶ୍ୱର , ୨୮/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ବାଲ୍ ଗୋପାଳ ପୁରରେ ଶିଳ୍ପାଞ୍ଚଳ ରେ ଥିବା ଇମାମି ପେପର ମିଲର ଜଗନ୍ନାଥ ମନ୍ଦିର ପବିତ୍ର ରଥଯାତ୍ରା ଉତ୍ସବ । ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ତଥା ପୃଷ୍ଠ ପୋଷକତା ରାଧା ଶ୍ୟାମ ଅଗ୍ରଓ୍ୱାଲ ଓ ରାଧାଶ୍ୟାମ ଗୋୟେଙ୍କା ଓ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଳ କୁମାର ଗୋୟେଙ୍କା ଓ ତତ୍ତ୍ୱାବଧାନରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ପବିତ୍ର ରଥ ଯାତ୍ରା ଉତ୍ସବରେ ଇମାମି କାଗଜ କଳର ବରିଷ୍ଠ ସଭାପତି ଆଶିଷ ଅଭିନାଶ ଗୁପ୍ତା , ଉପସଭାପତି ଚନ୍ଦ୍ରେଶ କୁମାର ଗୁପ୍ତା , ମୁଖ୍ୟ ସଂଚାଳକ ୟୁସୁଫ ଅଲ୍ଲୀ ସୋଲଙ୍କି , ଡିଜିଏମ୍ ଦେବବ୍ରତ ହୋତା , ରମେଶ ଚନ୍ଦ୍ର ଖୁଣ୍ଟିଆ କେ ରବି କୁମାର ଏ ଜି ଏମ ଓମ୍ ପ୍ରକାଶ ଶର୍ମା , ପ୍ରଶାସନିକ



ଅଧିକାରୀ ନିଖିଲ ରଞ୍ଜନ ଦାସ ସାମନ୍ତରାୟ , ବିନୋଦ କୁମାର ଜେନା , ଇମାମି ଲେଡିଜ କ୍ଲବ ର ସଭାପତି ଚନ୍ଦନା ଗୁପ୍ତା ଓ ସମ୍ପାଦିକା ନିବେଦିତା ଖୁଣ୍ଟିଆ , ତଥା ସମସ୍ତ ସଦସ୍ୟା ମନ୍ଦିର ର ମୁଖ୍ୟ ପୂଜକ ପ୍ରମୁଖ ବହୁ ବରିଷ୍ଠ ଅଧିକାରୀ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ଓ ରେମୁଣା ର ବିଧାୟକ ସରକାରୀ ଦଳ ର ଉପସଭାପତି ଗୋବିନ୍ଦ ଚନ୍ଦ୍ର ଦାସ, ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ , ଡିଆଇଜି ସତ୍ୟଜିତ ନାୟକ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ , ଆର୍ଟିଯୋ ରଶ୍ମି ରଞ୍ଜିତ ଦଳ ବେହେରା , ପୋଲିସ ଅଧିକାରୀ ପର୍ଶୁରାମ ସାହୁ ଥାନା ଅଧିକାରୀ ବିମଳ କୁମାର ନାୟକ , ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା , ଅଭିନେତା ସଞ୍ଜୟ ଭୋଳ, ଅମର ନନ୍ଦ , ଲରେନ୍ସ ବେହେରା ଓ ଇମାମି ପେପର ମିଲ ର ସମସ୍ତ ୟୁନିଅନର ସଭାପତି ଉପସ୍ଥିତ ରହି ମହାପ୍ରଭୁଙ୍କ ଦର୍ଶନ କରିଥିଲେ । ଇମାମି ଜଗନ୍ନାଥ ମନ୍ଦିର ପ୍ରଶାସନର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ମନ୍ଦିର ମୁଖ୍ୟ ପୂଜକ ଦ୍ୱାରା ରଥ ପ୍ରତିଷ୍ଠା ସାଙ୍ଗକୁ ଆଜ୍ଞା ମାଳ ଅର୍ପଣ ପରେ ମଙ୍ଗଳାର୍ପଣ ଓ ଧାଡ଼ି ପହଣ୍ଡି , ଟାହିଆ ଲାଗି ପ୍ରଭୃତି ରୀତି ନୀତି ଓ ପୂଜାର୍ଚ୍ଚନା କରାଯାଇଥିଲା । ଦିନ ୧୦ ଟା ୩୦ ପହଣ୍ଡି ଓ ୨ ଟା ୪୦ ରେ ଇମାମି ବରିଷ୍ଠ ସଭାପତି ଆଶିଷ ଅବିନାଶ ଗୁପ୍ତାଙ୍କ ଦ୍ୱାରା ଛେରା ପହଁରା ସମାପନ ପରେ ଅପରାହ୍ନ ୩.୪୦ ପରେ ରଥା ରୂଢ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ । ଏହି ଉତ୍ସବରେ ଲକ୍ଷେ ରୁ ଅଧିକ ଜଗନ୍ନାଥ ପ୍ରେମୀ ଭକ୍ତ ଦେଖିବାକୁ ମିଳିଥିଲା । ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଭକ୍ତ ମାନଙ୍କୁ ସ୍ୱାସ୍ଥ୍ୟ , ପାନୀୟ ଔଷଧ ର ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲେ । ସୁରକ୍ଷା ଆଖି ଆଗରେ ଦେଖି ବହୁତ୍ ପରିମାଣରେ ପୋଲିସ କର୍ମଚାରୀ ଓ ଇମାମି ସୁରକ୍ଷା କର୍ମୀ ନିୟୋଜିତ ହୋଇଥିଲେ । ଏହି ପବିତ୍ର ରଥଯାତ୍ରା ଉତ୍ସବକୁ ଇମାମି ପେପର ମିଲର ଓ ମନ୍ଦିର ପ୍ରଶାସନିକ ଅଧିକାରୀ ମନୋଜ କୁମାର ପାଢ଼ୀ ସମସ୍ତ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଇମାମି ପେପର ମିଲ ର ବରିଷ୍ଠ ସଦସ୍ୟ ଓ ସଦସ୍ୟା ପରିଚାଳନାରେ ସହଯୋଗ କରିଥିଲେ ।

# ଢ଼ାବା କର୍ମଚାରୀଙ୍କୁ ମରଣାତ୍ମକ ଆକ୍ରମଣ କରି ଲୁଟିନେଲେ ୧୬ ହଜାର ଟଙ୍କା

ବସ୍ତା୨୮.୬ (ନିପ୍ର) ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ନିକଟ ଜାତୀୟ ରାଜପଥ ନିକଟରେ ଥିବା ମା ତାରିଣୀ ହୋଟେଲ ରେ ୬ ଜଣ ଦୁର୍ବୃତ୍ତ ଗତକାଲି ସାନ୍ଧ୍ୟ ୭ ଟା ସମୟରେ ଅଚାନକ ସଙ୍ଗବଧ ଆକ୍ରମଣ କରିଥିଲେ । ହୋଟେଲ ରେ ଥିବା ଦୁଇ ଜଣ କର୍ମଚାରୀ ଙ୍କୁ ଧାରୁଆ ଖଣ୍ଡାରେ ଆକ୍ରମଣ କରି ଲହୁ ଲୁହାଣ କରିଦେଇ ଦୋକାନ ଡ୍ର ରେ ଥିବା ୧୬ ହଜାର ଟଙ୍କା ନେଇ ପଳାଇଥିଲେ । ଏହି ଆକ୍ରମଣ ରେ କର୍ମଚାରି ବସନ୍ତ ପଣ୍ଡିତ , ଅଶୋକ ବେହେରା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏ ଘଟଣା ବାବଦରେ ହୋଟେଲ ମାଲିକ ପ୍ରଦୀପ ବେହେରା ବସ୍ତା ଥାନା ରେ ଏକ ଲିଖିତ ଅଭିଯୋଗ କରି ଛନ୍ତି । ଅଭିଯୋଗ କୁ ଆଧାର କରି ବସ୍ତା ପୋଲିସ ଅଧିକ ରୁ ଅଧିକ ତଦନ୍ତ ଜାରି ରଖିଛି ।

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida